R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୮
ତିଥି : ନବମୀ
୦୩ ଏପ୍ରିଲ ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 178
03 April 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ପ୍ରାର୍ଥୀ ଘୋଷଣା କଲେ ବିଜେପି, କଂଗ୍ରେସ

## ୧୧୨ ବିଧାନସଭା ଆସନ ଲାଗି ବିଜେପିର ପ୍ରାର୍ଥୀ ଚୟନ

ଭୁବନେଶ୍ୱର, ୨।୪ (ସବ୍ୟୁ) : ଲୋକସଭା ଆସନ ପରେ ୧୧୨ ବିଧାନସଭା ଆସନ ପାଇଁ ବିଜେପି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦଳର ୨୨ ବିଧାୟକଙ୍କ ମଧ୍ୟରୁ ୧୭ଜଣଙ୍କୁ ପୁଣି ଟିକେଟ୍ ଦିଆଯାଇଛି । ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କର ଦଳ ଟିକେଟ୍ ନଦେଇ ତାଙ୍କ ଝିଆରୀ ଉପାସନା ମହାପାତ୍ରଙ୍କୁ ଟିକେଟ୍ ଦେଇଛି । ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀଙ୍କ ବଦଳରେ ନରସିଂହ ମାଡକାମୀଙ୍କୁ ଟିକେଟ୍ ଦିଆଯାଇଛି । ତାଲିକାରେ ୪୯ଜଣ ନୂଆମୁହଁ ଅଛନ୍ତି । ୧୧୨ ପ୍ରାର୍ଥୀ ତାଲିକାରେ ୮ ସ୍ଥାନରେ ମାତ୍ର ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି । ତାଲିକାରେ ବହୁ ବରିଷ୍ଠ ନେତାଙ୍କ ଉପରେ ଦଳ ଭରସା କରିଛି ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ପୁନର୍ବାର ସମ୍ବଲପୁରରୁ ବିଧାୟକ ଭାବେ ପ୍ରାର୍ଥୀ କରାଯାଇଥିଲା ବେଳେ ବିଜେଡିରୁ ଆସିଥିବା ଅରବିନ୍ଦ ଢାଲିଙ୍କୁ ଜୟଦେବ, ସିଦ୍ଧାନ୍ତ ମହାପାତ୍ରଙ୍କୁ ଦିଗପହଣ୍ଡି, ଅଭିନେତା ଆକାଶ ଦାସ ନାୟକଙ୍କୁ କୋରେଇ, ରଘୁରାମ ମାଛଙ୍କୁ କୋରାପୁଟ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଖଲ୍ଲିକୋଟ, ପ୍ରିୟଦର୍ଶୀ ମିଶ୍ରଙ୍କୁ ଭୁବନେଶ୍ୱର (୯ ପୃଷ୍ଠାରେ)

- ୪୯ ନୂଆ ମୁହଁଙ୍କୁ ଟିକେଟ
- ୧୭ ବିଧାୟକ ପୁଣି ପ୍ରାର୍ଥୀ
- ମାତ୍ର ୮ ମହିଳା ପ୍ରଥମ ତାଲିକାରେ
- ବ୍ରହ୍ମଗିରିରେ ଉପାସନା ପ୍ରାର୍ଥୀ
- ଚାନ୍ଦବାଲିରୁ ମନମୋହନ
- ସମ୍ବଲପୁରରୁ ଜୟନାରାୟଣ

## ୮ ଲୋକସଭା, ୪୯ ବିଧାନସଭା ଲାଗି କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର, ୨।୪ (ସବ୍ୟୁ) : ପ୍ରାର୍ଥୀ ଚୟନ କ୍ଷେତ୍ରରେ ପଛୁଆ ଥିବା କଂଗ୍ରେସ ଆଜି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ୮ ଲୋକସଭା ଓ ୪୯ ବିଧାନସଭା ଲାଗି ପ୍ରାର୍ଥୀ ଘୋଷଣା ହୋଇଛନ୍ତି । ବୀରମିତ୍ରପୁର ଆସନ ସହଯୋଗୀ ଜେଏମ୍‌ଏମ୍‌ଙ୍କୁ ଛଡାଯାଇଥିବା ବେଳେ ବଣାଇଁ ଆସନ ସିପିଆଇ (ଏମ୍)କୁ ଛଡାଯାଇଛି । କଂଗ୍ରେସରୁ ବାପ-ଝିଅ ଓ ବାପ-ପୁଅ ପ୍ରାର୍ଥୀ ହୋଇଛନ୍ତି । ନବରଙ୍ଗପୁର ଲୋକସଭା ଆସନରୁ ଭୂଜବଳ ମାଝୀ ପ୍ରାର୍ଥୀ ହୋଇଥିଲା ବେଳେ ତାଙ୍କ ଝିଅ ଡା. ଲିପିକା ମାଝୀଙ୍କୁ ଡାବୁଗାଁରୁ ପ୍ରାର୍ଥୀ କରିଛି । ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସଙ୍କୁ ନର୍ଲା ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା ବେଳେ ତାଙ୍କ ପୁଅ ସାଗର ଦାସଙ୍କୁ ଭବାନୀପାଟଣାରୁ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ବଲାଙ୍ଗୀର ବିଧାନସଭା ଆସନରେ ନରସିଂହ ମିଶ୍ରଙ୍କ ବଦଳରେ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି । ଆଇଏଏସ୍ ଚାକିରିରୁ ଅବସର ନେଇଥିବା ବିଜୟ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡିରୁ ପ୍ରାର୍ଥୀ କରାଯାଇଛି ।

ସେହିଭଳି କଣ୍ଟାବାଞ୍ଜିରୁ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରାର୍ଥୀ କରାଯାଇଥିଲା ବେଳେ ପିସିସି ସଭାପତି ଶରତ (୯ ପୃଷ୍ଠାରେ)

- ବାପ-ପୁଅ, ବାପ-ଝିଅଙ୍କୁ ଟିକେଟ
- ଜୟପୁରରୁ ତାରା, କଣ୍ଟାବାଞ୍ଜିରୁ ସାଲୁଜା
- ନୂଆପଡାରୁ ଲଢ଼ିବେ ପିସିସି ସଭାପତି
- ନରଲାରୁ ଭକ୍ତ, ପାରଳାଖେମୁଣ୍ଡିରୁ ବିଜୟ

### ପୋଲିସ-ମାଓବାଦୀ ଗୁଳିବିନିମୟ

## ୧୦ ମାଓ ମୃତ

ମାଲକାନଗିରି, ୨।୪ (ସବ୍ୟୁ) : ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ମାଓ ସଂଗଠନକୁ ଲାଗିଛି ବଡ ଝଟକା । ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆମ୍ବୁସ ଲଗାଇଥିଲେ ମାଓବାଦୀ। କିନ୍ତୁ ନିଜେ ଫସିଗଲେ । ପୁଲିସ ସହ ଗୁଳିବିନିମୟରେ ୧୦ ଜଣ ଆଗଧାଡିର କ୍ୟାଡର ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡିଛି।

ବିଜାପୁର ଜିଲ୍ଲା ଗାଙ୍ଗଲୁର ଥାନା ଅନ୍ତର୍ଗତ କୋରଚଲି ଓ ଲେଣ୍ଡ୍ରା ଜଂଗଲକୁ ଡିଆରଜି, ସିଆରପିଏଫ, ବସ୍ତର ଫାଇଟରସ୍, ବସ୍ତରିଆ ବାଟାଲିୟନ, କୋବ୍ରା ଯବାନ ସର୍ଚ୍ଚ ଅପରେସନ କରୁଥିଲେ। ମଙ୍ଗଳବାର ସକାଳେ ମାଓ ଯବାନମାନଙ୍କୁ ଆମ୍ବୁସ ଲଗାଇ ଫସାଇବାକୁ ଚେଷ୍ଟା କରିଥିଲେ। ତେବେ ମାଓବାଦୀଙ୍କ ଆମ୍ବୁସରେ ଫସିବା ପୂର୍ବରୁ ଯବାନ ସତର୍କ ହୋଇଯାଇଥିଲେ। ମାଓଙ୍କ ଅତର୍କିତ ଗୁଳି ଚାଳନାର ଯବାନ ପାଲଟା ଜବାବ ଦେଇଥିଲେ । ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୁଳିବିନିମୟ ଘଟିଥିଲା। ଯବାନଙ୍କ ଗୁଳିର ସାମ୍ନା କରନପାରି ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରିବା ପରେ ସେଠାରୁ ୧୦ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଥିଲା । ଏଥିସହ ବିଦେଶୀ ବନ୍ଧୁକ ସହ ଏକେ-୪୭ ଭଳି ବନ୍ଧୁକ ମଧ୍ୟ ଜବତ କରାଯାଇଥିଲା। ବିପୁଳ ପରିମାଣରେ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ମୃତ ମାଓବାଦୀଙ୍କ ମଧ୍ୟରୁ ୯ ଜଣ ପୁରୁଷ ଓ ଜଣେ ମହିଳା ମାଓବାଦୀ ରହିଥିବା ପୁଲିସ କହିଛି । ବସ୍ତର ଆଇଜି ସୁନ୍ଦରରାଜ ପିଙ୍କ କହିବା ଅନୁଯାୟୀ ଯବାନମାନଙ୍କର କୌଣସି କ୍ଷତି ଘଟିନାହିଁ। ସମସ୍ତେ ସୁରକ୍ଷିତ ରହିଛନ୍ତି।

## ନିଃସର୍ତ୍ତ କ୍ଷମା ମାଗିଲେ ରାମଦେବ



ନୂଆଦିଲ୍ଲୀ, ୨।୪ : ପତଞ୍ଜଳୀ ଆୟୁର୍ବେଦର ଯୋଗଗୁରୁ ବାବା ରାମଦେବ ଓ ଆଚାର୍ଯ୍ୟ ବାଲକୃଷ୍ଣ ସୁପ୍ରିମ୍‌କୋର୍ଟରେ ଆଜି ବିନା ସର୍ତ୍ତରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି । ଏମାନେ ବିଭ୍ରାନ୍ତିକର ବିଜ୍ଞାପନ ଦେଉଥିବାରୁ ସୁପ୍ରିମ୍‌କୋର୍ଟ ତାଙ୍କୁ ନୋଟିସ୍ କରିଥିଲେ । ମାତ୍ର ସେମାନେ ହାଜର ହେଉନଥିଲେ । ତେବେ ତୁରନ୍ତ ସେମାନଙ୍କୁ ହାଜର ପାଇଁ ନୋଟିସ୍ ହୋଇଥିଲା । ତେବେ ସେମାନେ ଆଜି ହାଜର ହୋଇ ଦୁଃଖପ୍ରକାଶ କରିଥିଲେ । ମାତ୍ର ସୁପ୍ରିମ୍‌କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି ।

ଜଷ୍ଟିସ୍ ହିମ୍ମା କୋହଲି ଏବଂ ଜଷ୍ଟିସ୍ ଅହସାନୁଦ୍ଦିନ ଅମାନଉଲ୍ଲାଙ୍କ ଖଣ୍ଡପୀଠ ବାବା ରାମଦେବଙ୍କୁ କହିଛନ୍ତି ଯେ ଆପଣ ଯେତେ ବଡ ହୁଅନ୍ତୁ ନା କାହିଁକି ଆଇନ ଆପଣଙ୍କ ଉପରେ । ଆଇନର ଗୌରବ ଓ ଗରିମା ସର୍ବୋଚ୍ଚ ଅଟେ । କୋର୍ଟର ପ୍ରକ୍ରିୟାକୁ ହାଲୁକା ଭାବେ ନିଅନ୍ତୁ ନାହିଁ । ଦୁହିଁଙ୍କ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିପାରିବୁ ନାହିଁ । ନଭେମ୍ବର ୨୧ରେ କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ୨୪ଘଣ୍ଟା ମଧ୍ୟରେ ରାମଦେବ ଓ ବାଲକ୍ରିଷ୍ଣା ଏବଂ ପତଞ୍ଜଳୀ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏପଟେ ସୁପ୍ରିମ୍‌କୋର୍ଟରେ (୯ ପୃଷ୍ଠାରେ)

## ୬ ଯାଏ ଗ୍ରୀଷ୍ମ ଲହରୀ, ରାତିରେ ତାତି ବଢ଼ିବ

ଭୁବନେଶ୍ୱର, ୨।୪ (ସବ୍ୟୁ) : ରାଜ୍ୟରେ ପୁଣି ବଢ଼ିଲା ତାତି । ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି । ଆଜି(ମଙ୍ଗଳବାର) ୭ସହରରେ ଦିନ ତାପମାତ୍ରା ୪୧ଡ଼ିଗ୍ରୀ ରେକର୍ଡ କରାଯାଇଛି । ତେବେ ମାଲକାନଗିରିରେ ସର୍ବାଧିକ ୪୧.୭ ଡ଼ିଗ୍ରୀ ରହିଛି । ୩ରୁ ୬ ତାରିଖ ମଧ୍ୟରେ ରାଜ୍ୟରେ ଉଷ୍ମ-ଆର୍ଦ୍ର, ଗ୍ରୀଷ୍ମ ପ୍ରବାହ ଓ ରାତିରେ ଉଷ୍ମ ପରିସ୍ଥିତି ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ଜାରି ରହିପାରେ । ଏଭଳି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ଟିଟିଲାଗଡ଼ରେ



ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ଥିବା ବେଳେ ବୌଦ୍ଧରେ ୪୧.୪ ଡିଗ୍ରୀ, ଭବାନୀପାଟଣାରେ ୪୧.୨ ଡିଗ୍ରୀ, ନୟାଗଡ଼ରେ ୪୧.ଡିଗ୍ରୀ, ବଲାଙ୍ଗୀରରେ ୪୧ଡିଗ୍ରୀ, ତାଳଚେରରେ ୪୧ ଡିଗ୍ରୀ, ଅନୁଗୁଳରେ ୪୦.୭ ଡିଗ୍ରୀ ଓ

- ୭ ସହରରେ ସର୍ବନିମ୍ନ ତାପମାତ୍ରା ୪୧°
- ମାଲକାନଗିରିରେ ସର୍ବାଧିକ ୪୧.୭°

ଝାରସୁଗୁଡ଼ାରେ ୪୦.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱରରେ ୩୭.୨ ଡିଗ୍ରୀ ଓ କଟକରେ ୩୮.୪ ଡିଗ୍ରୀ ପାରଦ ରହିଛି । ଆସନ୍ତାକାଲି (ବୁଧବାର) (୯ ପୃଷ୍ଠାରେ)

## ୮ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ

ଭୁବନେଶ୍ୱର, ୨।୪ (ସବ୍ୟୁ) : ନିର୍ବାଚନ କମିଶନ ୨ ଆଇଏଏସ୍ ଓ ୬ ଆଇପିଏସ୍‌ଙ୍କୁ ତୁରନ୍ତ ବଦଳି ପାଇଁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କଟକ ଜିଲ୍ଲାପାଳ ବିନିତ ଭରଦ୍ୱାଜ, ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କୁ ବଦଳି ଲାଗି ନିର୍ଦ୍ଦେଶ ଦିଆଯାଇଥିଲା ବେଳେ କେନ୍ଦ୍ରାଞ୍ଚଳ ରେଞ୍ଜ ପୋଲିସ ଆଇଜି ଆଶିଷ ସିଂଙ୍କୁ ମଧ୍ୟ ବଦଳି ଲାଗି କୁହାଯାଇଛି । ଏହାଛଡା ଅନୁଗୁଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ବ୍ରହ୍ମପୁର ଏସ୍‌ପି ଏସ୍.ବିବେକ ଏମ୍, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବନଥୋ, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର, କଟକ ଡିସିପି (୯ ପୃଷ୍ଠାରେ)

## ମର୍ମନ୍ତୁଦ ସଡକ ଦୁର୍ଘଟଣା : ୪ ମୃତ, ୪ ଆହତ

ଭଦ୍ରକ/ବୋଲଗଡ, ୨।୪ (ସବ୍ୟୁ) : ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ ସାଇ ମନ୍ଦିର ନିକଟରେ ୧୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଭୋରରେ ଏକ ଟ୍ରକ୍ ପଛରେ ସ୍କର୍ପିଓଟିଏ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସ୍କର୍ପିଓ ଡ୍ରାଇଭର ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।ମୃତାହତମାନେ ପଶ୍ଚିମବଙ୍ଗର। ସେମାନେ ପୁରୀ ଅଭିମୁଖେ ଯାଉଥିଲେ। ଦ୍ରୁତଗତିରେ ଯାଉଥିବା ସ୍କର୍ପିଓଟି ନଳାଙ୍ଗ ସାଇମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ସେ ବହୁ ସମୟ ଧରି ଗାଡ଼ି ଭିତରେ ଚାପି ହୋଇ ରହିଥିଲେ।ଅନ୍ୟମାନଙ୍କୁ ଦୁଇଟି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛିଛ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ଜଣେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ନାମ ସୁରେଶ ପରିଡ଼ା(୫୩), ତାଙ୍କ ଦୁଇ ଝିଅ ଇସିକା ପରିଡ଼ା(୨୧) ଓ ଦୀପିଶିଖା ପରିଡ଼ା(୧୪), ସମ୍ପା ଚୌଧୁରୀ(୩୫)ଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭରଙ୍କ ପରିଚୟ ମିଳିନଥିବା ବେଳେ ମୃତ ମହିଳା ହେଉଛନ୍ତି ସୁରେଶ ପରିଡ଼ାଙ୍କ ସ୍ତ୍ରୀ ପାମ୍ପା ପରିଡ଼ା (୪୦)ବୋଲି ଜଣାପଡ଼ିଛି ।

ସେହିପରି ସୋମବାର ବିଳମ୍ବିତ ରାତ୍ରୀରେ ୫୭ନମ୍ବର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଭାଇ ଭଉଣୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି ।ପ୍ରକାଶ ଯେ ନୟାଗଡ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ସଂସାରୀ ମଲ୍ଲିକଙ୍କ ପୁଅ ରମେଶ ଚନ୍ଦ୍ର ମଲ୍ଲିକ (୪୦) ଓ (୯ ପୃଷ୍ଠାରେ)

## ସଞ୍ଜୀୟ ସିଂଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, ୨।୪ : ମଦ ନୀତି ମାମଲାରେ ଗିରଫ ହୋଇଥିବା ଆପ୍ ସାଂସଦ ସଞ୍ଜୟ ସିଂଙ୍କୁ ଜାମିନ ମିଳିଛି । ସୁପ୍ରିମ୍‌କୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି । ସେ ୬ମାସ ଧରି ଜେଲ୍‌ରେ ଥିଲେ । ତାଙ୍କ ନିକଟରୁ କୌଣସି ଅର୍ଥ ମିଳିନଥିଲା । ଇଡି ତାଙ୍କୁ ୬ମାସରୁ ଊର୍ଦ୍ଧ୍ୱ ହେବ ଜେଲ୍‌ରେ ରଖିଥିଲା । ସେ ୨କୋଟି ଟଙ୍କା ଲାଞ୍ଚ ନେବା ଅଭିଯୋଗ ହୋଇଥିଲା । ମାତ୍ର ତାଙ୍କ ଠାରୁ କୌଣସି ଟଙ୍କା ଜବତ ହୋଇନଥିଲା କିମ୍ବା ତାଙ୍କ ନିକଟକୁ ଟଙ୍କା ଆସିବାର କୌଣସି ସୁରାକ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଉପସ୍ଥାପନ କରିପାରିନଥିଲା । କୋର୍ଟ କହିଛନ୍ତି ଯେ ୬୦୦ କୋଟି ଟଙ୍କା ଲାଞ୍ଚ ଅଭିଯୋଗ କେଉଁଠୁ ଆଣିଲ ବୋଲି ଇଡିକୁ ପ୍ରଶ୍ନ କରିଛନ୍ତି ।



ସୁପ୍ରିମ୍‌କୋର୍ଟ ଅତିରିକ୍ତ ସଲିସେଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କହିଛନ୍ତି ଯେ ବର୍ତ୍ତମାନ ଶ୍ରୀ ସିଂଙ୍କୁ ହେପାଜତରେ ନେବାର ଆଉ ଆବଶ୍ୟକତା ଅଛି କି, ଯଦି ନାହିଁ ତା'ହେଲେ ତୁରନ୍ତ ତାଙ୍କୁ ଜେଲ୍‌ରୁ ମୁକ୍ତ କରାଯାଉ । ଶ୍ରୀ ରାଜୁ କହିଥିଲେ ଯେ ସେ ଜାମିନକୁ ବିରୋଧ କରୁନାହାନ୍ତି କେବଳ ମନ୍ତବ୍ୟ ରଖୁଛନ୍ତି । ଏହା ପୂର୍ବରୁ ଜଣେ ଅଭିଯୁକ୍ତ ରାଜସାକ୍ଷୀ ବନିଥିବା ଦିନେଶ ଆରୋରାଙ୍କ ସରକାରୀ ସାକ୍ଷୀ ହେବା ନେଇ ପ୍ରଶ୍ନ ଉଠାଇଥିଲେ । ସେ ଅରୋରାଙ୍କ ମନ୍ତବ୍ୟ ଉପରେ ସଞ୍ଜୟ ସିଂଙ୍କୁ ଗିରଫ କରାଯାଇଥିଲା । ମାତ୍ର ଅଗଷ୍ଟରେ ଶ୍ରୀ ଆରୋରାଙ୍କୁ ବେଲ୍ ମିଳିଯାଇଥିଲା । ସଞ୍ଜୟ ସିଂ ଅକ୍ଟୋବରରେ ଗିରଫ ହୋଇ ତିହାର ଜେଲ୍‌ରେ ଥିଲେ । ଆପ୍‌ର ସେ ହେଉଛନ୍ତି ଜଣେ ବଡ ଚେହେରା । ଏବେ ଆପ୍‌ର ମନିଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ଇଡି ଗିରଫ କରିଛି । ଶ୍ରୀ ସିଂଙ୍କ ନାମରେ ଆର୍ଥିକ ନେଣଦେଣ କାରବାର ଥିଲା । ଇଡି ପକ୍ଷରୁ ଜାମିନକୁ ବିରୋଧ କରାଯାଇଥିଲା । କୁହାଯାଇଥିଲା ଯେ, ମଦ ନୀତିକୁ ନେଇ ଯେଉଁ ଅପରାଧ ସୃଷ୍ଟି ହୋଇଛି ସେଥିରେ ଶ୍ରୀ ସିଂଙ୍କ ସମ୍ପୃକ୍ତି ରହିଛି । ତେବେ ଶେଷରେ ଜଷ୍ଟିସ୍ ସଞ୍ଜିବ ଖାନ୍ନା, ଜଷ୍ଟିସ୍ ଦୀପଙ୍କର ଦତ୍ତ, ଜଷ୍ଟିସ୍ ପ୍ରସନ୍ନ ବି.ଭାରେଲ କହିଥିଲେ ଯେ ଶ୍ରୀ ସିଂଙ୍କୁ ଜାମିନ ଦିଆଯିବ । ଏଥିଲାଗି କୋର୍ଟ ମଧ୍ୟ କିଛି ସର୍ତ୍ତ ରଖିଛନ୍ତି । ଟ୍ରାଏଲ କୋର୍ଟ ଏହି ସର୍ତ୍ତ ଆରୋପ କରିବ । ଶ୍ରୀ ସିଂଙ୍କୁ ଜାମିନ ମିଳିବା ପରେ ଦିଲ୍ଲୀର ଆପ୍ ସରକାର ମନ୍ତ୍ରୀ ଅତିଶ ସତ୍ୟମେବ ଜୟତେ ବୋଲି ଏକ୍ସରେ ଉଲ୍ଲେଖ କରିଛନ୍ତି ।

### ଅଭିଯୋଗ ଅନୁଯାୟୀ ଟଙ୍କା ଜବତ କରିପାରିଲାନି ଇଡି

### ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ଲାଗି

## ଲୋକଙ୍କ ମତାମତ ଲୋଡିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୨।୪ (ସବ୍ୟୁ) : ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କୁ ଏହି କାର୍ଡ଼କୁ ଅଧିକ ଉପାଦେୟ କରିବା ନିମନ୍ତେ ସେମାନଙ୍କ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ, ନିକଟରେ ପ୍ରଦାନ କରାଯାଇଥିବା ନୂଆ-ଓ ବୃତ୍ତି ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ । ଏହି ବୃତ୍ତି ପ୍ରଦାନ ପରେ ଓଡ଼ିଶାର ଯୁବକ ଯୁବତୀମାନଙ୍କ ମଧ୍ୟରେ ଏକ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକ ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼ ପ୍ରଣୟନ କରିବାକୁ ଯାଉଛନ୍ତି ।

ଏହି କାର୍ଡ଼ ମାଧ୍ୟମରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ସୁବିଧା ପାଇପାରିବେ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ସହାୟକ ହେବା ସଙ୍ଗେ ସଙ୍ଗେ ଏହି କାର୍ଡ଼ ସେମାନଙ୍କୁ ସ୍ୱାବଲମ୍ବି କରିବାରେ ସହାୟକ ହେବ ଓ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ । ଏହି କାର୍ଡ଼ର ଉପାଦେୟତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶାର ଜନସାଧାରଣଙ୍କୁ ମଧ୍ୟ ସେମାନଙ୍କ ମତାମତ ଦେବା ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋସିଆଲ ମିଡ଼ିଆ ମାଧ୍ୟମରେ (୯ ପୃଷ୍ଠାରେ)

# ଭିଟାମିନ୍ ଏ'

ଆମ ଶରୀର ପାଇଁ ଭିଟାମିନ୍ ଏ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରୋଟିନ୍ ସମସ୍ତ ଖାଦ୍ୟ ଯଥା ଉଭୟ ସାଦା ଓ ଆମିଷରେ ରହିଥାଏ । ସେହିଭଳି ଏହା ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବାରେ ମଧ୍ୟ ସହାୟତା କରିଥାଏ । ଆମର ଚର୍ମକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ । ବିଶେଷ ଭାବେ ଏହା ଆମର ଆଖିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଡବ୍ଲ୍ୟୁଏଚ୍ଓର ତଥ୍ୟ ଅନୁସାରେ ଆମ ଖାଦ୍ୟରେ ଭିଟାମିନ୍ ଏ'ର ଅଭାବ ବିଶେଷ ଭାବେ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ । ଏହାଦ୍ୱାରା କେତେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅନ୍ଧ ହେବାର ଭୟ ମଧ୍ୟ ରହିଥାଏ । ତେଣୁ ଆଖିକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟରେ ଅଧିକ ପରିମାଣରେ ଭିଟାମିନ୍ ଏ'କୁ ସାମିଲ କରନ୍ତୁ । ଖାଦ୍ୟରେ ଗାଜର, ପାଳଙ୍ଗ, କନ୍ଦମୂଳ, ଆମ୍ବ, ତରଭୁଜ, ଚାଉଳିଆ, ଟମାଟୋ, ଅଣ୍ଡା ଆଦି ସାମିଲ କରନ୍ତୁ । ଯେତେ ପାରୁଛନ୍ତି ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଆନ୍ତୁ । ପ୍ରତିଦିନ ଖାଦ୍ୟରେ ଖୀର ଓ ଫଳ ସାମିଲ କରନ୍ତୁ । ଭିଟାମିନ୍ ଏ' ଅଭାବରେ କେବଳ ଆଖି ନୁହେଁ ଅନ୍ୟ କେତେକ ରୋଗ ଯେପରି ଶୁଷ୍କ ତ୍ୱଚା, ପିଲାଙ୍କ ବୃଦ୍ଧିରେ ଅବନତି, କ୍ଷତ ନଶୁଖିବା, ମୁହଁରେ କଳାଦାଗ, ବ୍ରଣ ଆଦି ଦେଖିବାକୁ ମିଳିଥାଏ ।




# ୯୨ ବର୍ଷୀୟା ଆଥଲେଟ୍ ଚାମ୍ପିଅନ

ନିଜର ପରିଣତ ବୟସରେ ସମସ୍ତେ ଚାହାଁନ୍ତି ଘରେ ଆରାମ କରିବେ । ଘରେ ରହି ନିଜ ପରିବାର ସଦସ୍ୟଙ୍କ ସେବାକୁ ଉପଭୋଗ କରିବେ । ହେଲେ ରାଜସ୍ଥାନର ୯୨ ବର୍ଷୀୟା ବୃଦ୍ଧା ପାନା ଦେବୀ ବର୍ତ୍ତମାନ ସୋସିଆଲ ମିଡିଆରେ ଷ୍ଟାର ପାଲଟିଛନ୍ତି । ନିଜର କାର୍ଯ୍ୟ ବଳରେ ସେ ଅନେକଙ୍କୁ ପ୍ରେରଣା ବାଣ୍ଟିବାରେ ଲାଗିଛନ୍ତି । ଯେଉଁ ବୟସରେ ତାଙ୍କ ସାଙ୍ଗର ଲୋକ ନିଜ ଗୋଡରେ ଚାଲିବାରେ ଅକ୍ଷମ ସେହି ବୟସରେ ସେ ଦୌଡ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ନିଜର ପରିଣତ ବୟସରେ ସେ ପାଲଟିଛନ୍ତି ନ୍ୟାସନାଲ ମାଷ୍ଟର ଆଥ୍ଲେଟିକ୍ସ ଚାମ୍ପିଅନ । ସେ ତିନୋଟି ଇଭେଣ୍ଟରେ ଗୋଲ୍ଡ ମେଡାଲ ସହିତ ୱାର୍ଲ୍ଡ ଚାମ୍ପିଅନ୍ସିପ୍ରେ ଭାଗ ନେବାକୁ ପ୍ରସ୍ତୁତ ହେଉଥିବା ସୂଚନା ରହିଛି । ନିଜର ବୟସକୁ ହରାଇ ସେ ଆଜି ଏହି ସଫଳତା ପାଇପାରିଥିବାରୁ ଅନେକଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି । ପୁଣେରେ ଆୟୋଜନ ହୋଇଥିବା ୪୪ତମ ନ୍ୟାସନାଲ ମାଷ୍ଟର ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ୨୦୨୪ ଜିତିବାରେ ସଫଳ ହୋଇଛନ୍ତି । ସେ ଗୋଟିଏ ଗୋଲ୍ଡ ମେଡାଲ ୧୦୦ ମିଟର ଦୌଡ ଓ ଅନ୍ୟ ଦୁଇଟି ମେଡାଲ ସଟ୍ପୁଟ୍ ଓ ଡିସକସ୍ ଥ୍ରୋରେ ପାଇଥିବା ଜଣା ପଡିଛି । ଆଗକୁ ସେ ୱାର୍ଲ୍ଡ ଚାମ୍ପିଅନସିପ୍ ପାଇଁ ପ୍ରସ୍ତୁତ ହେବା ପାଇଁ ସ୍ୱିଡେନ୍ ଯିବା ଯୋଜନା ରହିଥିବା ଜଣାପଡିଛି । ତେବେ ସେ ନିଜ ଫିଟ୍ନେସ୍ ପାଇଁ ଘରୋଇ ଖାଇବା, ରୁଟିନ୍ ଲାଇଫ୍କୁ ଶ୍ରେୟ ଦେଇଛନ୍ତି । ସେ ସବୁବେଳେ ଖୁସି ରହିବା ସହ ଚିନ୍ତାମୁକ୍ତ ରହିବାକୁ ଚେଷ୍ଟା କରିଥାଆନ୍ତି ବୋଲି ମତ ଦେଇଛନ୍ତି ।



# ସୁନା ଆଇସ୍କ୍ରିମ

ଖରାଦିନ ଆରମ୍ଭ ହୋଇସାରିଛି । ବର୍ତ୍ତମାନ ସମସ୍ତେ ଆଇସ୍କ୍ରିମ ଖାଇବାକୁ ଭିଡ ଜମେଇବେ । ବଜାରରେ ବିଭିନ୍ନ ଆଇସ୍କ୍ରିମ୍ ଦୋକାନରେ ଭିଡ ଦେଖିବାକୁ ମିଳିବ । ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବଜାରରେ କେତେ ଫ୍ଲେଭର ସହିତ ବିଭିନ୍ନ ରଙ୍ଗବେରଙ୍ଗର ଆଇସ୍କ୍ରିମ ମିଳିଥାଏ । ଏଗୁଡିକରେ ଦୋକାନୀମାନେ ବିଭିନ୍ନ ଆକର୍ଷଣୀୟ ରଙ୍ଗ ଓ ଫ୍ଲେବରକୁ ସାମିଲ କରିଥାଆନ୍ତି । ବଜାରରେ ଅନେକ ଫ୍ଲେବରର ଆଇସ୍କ୍ରିମ୍ ମିଳିଥାଏ, ହେଲେ ଆପଣ କେବେ ସୁନାର ଆଇସ୍କ୍ରିମ୍ ଖାଇଛନ୍ତି । କଥାଟି ଅବିଶ୍ୱାସ ଲାଗିଲେ ମଧ୍ୟ ସତ । ଏହି ଆଇସ୍କ୍ରିମ୍ଟି ଦେଖିବାକୁ ଅବିକଳ ସୁନା ଭଳି । ଏହି ଆଇସ୍କ୍ରିମ୍ର ରଙ୍ଗ ଗାଢ ହଳଦିଆ ହୋଇଥିବାବେଳେ ଏହା ଉପରେ ସୁନାର ଏକ ଆବରଣ ଢଙ୍କା ଯାଇଥାଏ, ଯାହା ବିଶେଷଭାବେ ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ । ଇନ୍ଦୋରରେ ଥିବା ପ୍ରକାଶ ଆଇସ୍କ୍ରିମ୍ ଦୋକାନୀ ନିଜ ଆଇସ୍କ୍ରିମ୍ରେ ୨୪ କ୍ୟାରେଟ୍ ସୁନାର ପରସ୍ତ ଚଢାଇ ବିକ୍ରି କରନ୍ତି । କେବଳ ସୁନା ଆଇସ୍କ୍ରିମ୍ ନୁହେଁ, ତାଙ୍କର ଆଇସ୍କ୍ରିମ୍ ବିକିବାର ଢଙ୍ଗ ମଧ୍ୟ ନିଆରା । ସେ ନିଜ ଦୋକାନରେ ସୁନାର ଚେନ୍, ମୁଦି, ବ୍ରେସଲେଟ୍ ଭଳି ଅନେକ ସୁନାର ଅଳଙ୍କାର ପିନ୍ଧି ଏହି ଆଇସ୍କ୍ରିମକୁ ବିକ୍ରି କରିଥାଆନ୍ତି । ଗୋଟିଏ ସୁନା ଆଇସ୍କ୍ରିମ୍ର ଦାମ ସେ ୩୫୦ ଟଙ୍କା ରଖିଛନ୍ତି । ତେବେ ସୋସିଆଲ ମିଡିଆରେ ଏହି ସୁନା ଆଇସ୍କ୍ରିମ୍କୁ ମିଶ୍ର ପ୍ରତିକ୍ରିୟା ମିଳୁଥିବା ଦେଖିବାକୁ ମିଳିଛି ।




## ଇତିହାସ

୧୭୭୬ – ଜର୍ଜ ୱାଶିଂଟନ୍ଙ୍କୁ ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ଅନରାରୀ ଏଲ୍ଆଇଡି ଡିଗ୍ରୀ ପ୍ରାପ୍ତ ହୋଇଥିଲା ।
୧୯୯୨ – ଭାଲ୍ଦମିର୍ ଲେନିନ୍ ଜୋସେଫ୍ ଷ୍ଟାଲିନ୍ଙ୍କୁ ରୁଷିଆ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରୀ ଭାବେ ନିଯୁକ୍ତ କରିଥିଲେ ।
୧୯୪୮ – ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମାନ ମାର୍ସାଲ ପ୍ଲାନ୍ରେ ହସ୍ତାକ୍ଷର କରିଥିଲେ ।
୧୯୫୭ – ୟୁଏସ୍ଏସ୍ଆର ପକ୍ଷରୁ ଆଟମୋସ୍ପିଅରିକ୍ ନ୍ୟୁକ୍ଲିୟର ଟେଷ୍ଟ କରାଯାଇଥିଲା ।
୧୯୬୦– ହାଭରେ ହୋଇଥିବା ଭୂକମ୍ପରେ ଅନେକ ଲୋକ ସମସ୍ୟାରେ ପଡିଥିଲେ ।
୧୯୬୮ – ୟୁଏସ୍ରେ ନ୍ୟାସନାଲ ଲେଭ୍ଲରେ ପ୍ଲାନେଟ୍ ଅଫ୍ ଦି ଏପ୍ସ ଫିଲ୍ମର ପ୍ରିମିଅର କରାଯାଇଥିଲା ।

## ସୋସିଆଲ କୋଟ୍ସ



ସଲମାନ ମୋତେ ସବୁବେଳେ ଭଲ ପରାମର୍ଶ ଦିଅନ୍ତି । ସେ ସବୁବେଳେ ମୋତେ କୁହନ୍ତି ଏବେ ଯେତେ ପାରୁଛ କାମ କର ଏବଂ ଅର୍ଥ ରୋଜଗାର କର । ନଚେତ୍ ଭବିଷ୍ୟତରେ ଅସୁବିଧାରେ ପଡିବ ।
ରଣଦୀପ ହୁଡ୍ଡା, ଅଭିନେତା



ଫିଲ୍ମ ବଡେ ମିୟାଁ ଛୋଟେ ମିୟାଁକୁ ନେଇ ଗୋବିନ୍ଦାଙ୍କ ପ୍ରତିକ୍ରିୟା ମୋ ପାଇଁ ଖୁବ ମହତ୍ତ୍ୱପୂର୍ଣ୍ଣ । ମୁଁ ତାଙ୍କ ଆଗରେ ହିଁ ଛୋଟରୁ ବଡ ହୋଇଛି । ତାଙ୍କ ପ୍ରତିକ୍ରିୟା ମୋତେ ଆତ୍ମବିଶ୍ୱାସ ଯୋଗାଇଥାଏ ।
ଜ୍ୟାକି ଭଗନାନୀ, ଅଭିନେତା



ବିଜୟ ଦେବରକୋଣ୍ଡା ହିନ୍ଦୀ ଜାଣି ନାହାନ୍ତି ହେଲେ ମଧ୍ୟ ତାଙ୍କ ସହିତ କାମ କରିବା ସହଜ ହୋଇଥାଏ । ତାଙ୍କ ପାଖରୁ ମୁଁ ଅନେକ କିଛି ଶିଖିଥାଏ । ସେ ଖୁବ ଭଲ ଅଭିନେତା ସହ ଭଲ ମଣିଷ ।
ମୃନାଲ ଠାକୁର, ଅଭିନେତ୍ରୀ

# ଟଏ ଟ୍ରେନ୍ରେ ଖାଦ୍ୟ ପସରା

ଗ୍ୱାଲିଅର୍ ରାଜପ୍ରସାଦର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଏକ ଗ୍ରାଣ୍ଡ୍ ଡାଇନିଂ ହଲକୁ ଚିତ୍ରଣ କରାଯାଇଛି । ଏହି ଡାଇନିଂ ହଲ୍ର ସବୁଠାରୁ ଆକର୍ଷଣ ଥିଲା ଏହାର ଡାଇନିଂରେ ରଖାଯାଇଥିବା ଏକ ଟଏ ଟ୍ରେନ୍ । ଏହି ଟ୍ରେନ୍ଟି ରୁପାରେ ତିଆରି ହୋଇଥିବାବେଳେ ଏଥିରେ ଖାଦ୍ୟ ରଖି ପରଷା ଯାଉଥିବାର ଭିଡିଓରେ ଦେଖିବାକୁ ମିଳିଛି । ଟ୍ରେନ୍ଟି ଏକ ଟ୍ରାକରେ ଚାଲି ଡାଇନିଂରେ ବସିଥିବା ଅତିଥିଙ୍କ ପାଖରେ ଖାଦ୍ୟ ପହଞ୍ଚାଉ ଥିବାର ଦୃଶ୍ୟ ଏହି ଭିଡିଓରେ ଦେଖିବାକୁ ମିଳିଛି । ସୋସିଆଲ ମିଡିଆରେ ଏହାର ଭିଡିଓଟିକୁ ଦର୍ଶକ ଖୁବ ଲାଇକ୍ ସେୟାର କରିବାରେ ଲାଗିଛନ୍ତି । ଦୃଶ୍ୟଟି ବେଶ୍ ଫ୍ୟାସିନେଟିଂ ଲାଗୁଛି, ଭବ୍ୟ ସାଜସଜ୍ଜା ଭିତରେ ଏହି ଟ୍ରେନ୍ଟି ଆହୁରି ମନୋରମ ଲାଗୁଥିଲା ।



# ଟାଲେଣ୍ଟ ସବୁଠୁ ଉପରେ



ଆଗାମୀ ଶୁକ୍ରବାର ଆସିବାକୁ ଯାଉଛି ଫିଲ୍ମ ବଡେ ମିୟାଁ ଛୋଟେ ମିୟାଁ, ଯେଉଁଥିରେ ଦର୍ଶକ ଦେଖିବାକୁ ପାଇବେ ଅଭିନେତ୍ରୀ ଅଲାୟା ଏଫ୍ଙ୍କୁ । ତେବେ ନିକଟରେ ସେ ଦେଇଥିବା ଏକ ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଅଲାୟା ନିଜର ଏହି ସାକ୍ଷାତକାରରେ ନେପୋଟିଜିମ୍ ଉପରେ ଆଲୋଚନା କରିଛନ୍ତି । ଅଲାୟା ହେଉଛନ୍ତି ବଲିଉଡ୍ ଷ୍ଟାର ପୁଜା ବେଦୀଙ୍କର ଝିଅ । ହେଲେ ଅଲାୟାଙ୍କ ମତରେ ନେପୋଟିଜିମର ମଧ୍ୟ କିଛି ଲିମିଟ୍ ରହିଛି । ନେପୋଟିଜିମ୍ ବଳରେ ଜଣେ ଆକ୍ଟର ନିର୍ଦ୍ଦେଶକ କିମ୍ବା ପ୍ରଯୋଜକଙ୍କ ପାଖକୁ ଯାଇପାରିବ, ହେଲେ ତାଙ୍କୁ ଫିଲ୍ମ ନିଜ ଟାଲେଣ୍ଟ ବଳରେ ହିଁ ମିଳିଥାଏ । ନେପୋଟିଜିମ୍ କେବଳ ରେଫରେନ୍ସ ଯୋଗାଇଥାଏ, କିନ୍ତୁ ବଲିଉଡ୍ରେ ତିଷ୍ଠିବାକୁ ହେଲେ ଅଭିନୟର ଆବଶ୍ୟକତା ରହିଛି । ଏହାର ଅନେକ ଉଦାହରଣ ମଧ୍ୟ ବଲିଉଡରେ ରହିଥିବା ଅଲାୟା କହିଛନ୍ତି । ଅନେକ ଏଭଳି ଆଉଟ୍ ସାଇଡର ଅଛନ୍ତି ଯେଉଁମାନେ ବିନା ନେପୋଟିଜିମ୍ରେ ବଲିଉଡ୍ରେ ନିଜର ସ୍ୱତନ୍ତ୍ରସ୍ଥାନ ତିଆରି କରିପାରିଛନ୍ତି । ତେଣୁ ସବୁବେଳେ ନିଜ ପ୍ରତିଭା ଉପରେ ବିଶ୍ୱାସ ରଖିବାକୁ ହେବ । ପ୍ରଥମେ ନିଜ ଟାଲେଣ୍ଟ ଚିହ୍ନିବାକୁ ହେବ ପ୍ରତିଭା ବିକାଶ ପାଇଁ କାମ କରିବାକୁ ହେବ, ଏହାପରେ ବି ଟାଉନ୍ରେ ଏଣ୍ଟ୍ରି କଲେ ସଫଳତା ମିଳିବ ବୋଲି ସେ ମତ ଦେଇଛନ୍ତି ।

# ଇଡ୍ଲି ପ୍ରିମିଅର ଲିଗ୍

ବର୍ତ୍ତମାନ ଭାରତରେ ଇଣ୍ଡିଆନ୍ ପ୍ରିମିଅର ଲିଗ୍ ବା ଆଇପିଏଲ୍ର କ୍ରେଜ୍ ଦେଖିବାକୁ ମିଳୁଛି । ତେବେ ସେହିଭଳି ଆଉ ଏକ ଆଇପିଏଲ୍ର କ୍ରେଜ ମଧ୍ୟ ଦେଖିବାକୁ ମିଳୁଛି, ଯାହା ଚେନ୍ନାଇରେ ଅନୁଷ୍ଠିତ ହୋଇଛି । ତେବେ ଏହି ଆଇପିଏଲ୍ ଖେଳ ନୁହେଁ ବରଂ ଖାଦ୍ୟ ପଦାର୍ଥକୁ ନେଇ ଅନୁଷ୍ଠିତ ହୋଇଛି । ଏହି ଆଇପିଏଲ୍ର ଅର୍ଥ ଇଡ୍ଲି ପ୍ରିମିଅର ଲିଗ୍ । ଚେନ୍ନାଇର ଗିତମ ରେସ୍ତୋରାଁରେ ଏହି ଇଭେଣ୍ଟର ଆୟୋଜନ କରାଯାଇଛି । ଚେନ୍ନାଇରେ ଏହି ରୋସ୍ତୋରାଁର ଅନେକ ଆଉଟ୍ଲେଟ୍ ରହିଛି ଯେଉଁଠାରେ ଏହି ଲିଗ୍ ଅନୁଷ୍ଠିତ ହୋଇଛି । ଏହି ଲିଗ୍ଟି ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇ ଏପ୍ରିଲ୍ ୭ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଲିଗ୍ରେ ଗ୍ରାହକଙ୍କ ପାଇଁ ବିଭିନ୍ନ ପ୍ରକାରର ଆକ୍ଟିଭିଟି ଓ ଚାଲେଞ୍ଜ ରହିଛି, ଯାହା ଇଡ୍ଲିକୁ ନେଇ ଆୟୋଜନ କରାଯାଇଛି । ଏଥିରେ ଟେଷ୍ଟିଂ କମ୍ପିଟିସନ, ଶୀଘ୍ର ଖାଇପାରୁଥିବା ଚାଲେଞ୍ଜ ଭଳି ପ୍ରତିଯୋଗିତା ରହିଛି । ରେସ୍ତୋରାଁର ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରି ମହିନ୍ଦ୍ରା କମ୍ପାନୀର ମାଲିକ ଆନନ୍ଦ ମହିନ୍ଦ୍ରା ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିଛନ୍ତି । ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି, ସମସ୍ତେ ରୋସ୍ତୋରାଁର ଏଭଳି ନିଆରା ପ୍ରୟାସର ପ୍ରଶଂସା କରିବାରେ ଲାଗିଛନ୍ତି ।



# ବିଜେପି ବିଧାନସଭା ପ୍ରାର୍ଥୀଙ୍କ ନାଁ

**ଚାନ୍ଦବାଲି** : ମନମୋହନ ସାମଲ
**ସମ୍ବଲପୁର** : ଜୟନାରାୟଣ ମିଶ୍ର
**ତଳସରା** : ଭବାନୀଶଙ୍କର ଭୋଇ
**ସୁନ୍ଦରଗଡ଼** : କୁସୁମ ଟେଟେ
**ବୀରମିତ୍ରପୁର** : ଶଙ୍କର ଓରାମ
**ରଘୁନାଥପାଲୀ** : ଦୁର୍ଗାଚରଣ ତନ୍ତୀ
**ରାଜଗାଙ୍ଗପୁର** : ନରସିଂହ ମିଞ୍ଜ
**ବଣାଇ** : ସେବତୀ ମିଞ୍ଜ
**କୁଚିଣ୍ଡା** : ରବିନାରାୟଣ ନାଏକ
**ରେଙ୍ଗାଲି** : ନାଉରୀ ନାଏକ
**ରେଢାଖୋଲ:** ଦେବେନ୍ଦ୍ର ମହାପାତ୍ର
**ଦେବଗଡ଼** : ସୁବାସ ପାଣିଗ୍ରାହୀ
**ଆନନ୍ଦପୁର:** ଆଲୋକ ସେଠୀ
**କେନ୍ଦୁଝର:** ମୋହନ ମାଝୀ
**ଯଶୀପୁର:** ଗଣେଶରାମ ସିଂ ଖୁଣ୍ଟିଆ
**ଉଦଳା:** ଭାସ୍କର ମଢେଇ
**ବଡ଼ସାହି:** ସନାତନ ବିଜୁଳି
**ବାରିପଦା:** ପ୍ରକାଶ ସୋରେନ
**ମୋରଡ଼ା:** କୃଷ୍ଣଚନ୍ଦ୍ର ମହାପାତ୍ର
**ଜଳେଶ୍ୱର:** ବ୍ରଜ ପ୍ରଧାନ
**ବାଲେଶ୍ୱର:** ମାନସ ଦତ୍ତ
**ରେମୁଣା:** ଗୋବିନ୍ଦ ଦାସ
**ସୋର:** ରାଜେନ୍ଦ୍ର ଦାସ
**ସିମୁଳିଆ:** ପଦ୍ମଲୋଚନ ପଣ୍ଡା
**ଭଦ୍ରକ:** ସୀତାଂଶୁ ଶେଖର ମହାପାତ୍ର
**ଧାମନଗର:** ସୂର୍ଯ୍ୟବଂଶୀ ସୂରଜ
**ବିଞ୍ଝାରପୁର:** ବବିତା ମଲ୍ଲିକ
**ବଡ଼ଚଣା:** ଅମର ନାଏକ
**ଧର୍ମଶାଳା:** ସ୍ମୃତିରେଖା ପହି
**ଯାଜପୁର:** ଗୌତମ ରାୟ
**କୋରେଇ:** ଆକାଶ ଦାସନାୟକ
**ସୁକିନ୍ଦା:** ପ୍ରଦୀପ ବଳସାମନ୍ତ
**ଢେଙ୍କାନାଳ:** କୃଷ୍ଣଚନ୍ଦ୍ର ପାତ୍ର
**କାମାକ୍ଷାନଗର:** ଶତ୍ରୁଘ୍ନ ଜେନା
**ପରଜଙ୍ଗ:** ବିଭୂତିଭୂଷଣ ପ୍ରଧାନ
**ପାଲଲହଡ଼ା:** ଅଶୋକ ମହାନ୍ତି
**ତାଳଚେର:** କାଳନ୍ଦୀ ସାମଲ
**ଛେଣ୍ଡିପଦା:** ଅଗସ୍ତି ବେହେରା
**ଆଠମଲ୍ଲିକ:** ସଞ୍ଜୀବ ସାହୁ
**ବୀରମହାରାଜପୁର:** ରଘୁନାଥ ଜଗଦଳା
**ସୋନପୁର:** ପ୍ରମୋଦ ମହାପାତ୍ର
**ଲୋଇସିଂହା:** ମୁକେଶ ମହାଲିଙ୍ଗ
**ବଲାଙ୍ଗୀର** : ଗୋପାଳଜୀ ପାଣିଗ୍ରାହୀ
**ଟିଟିଲାଗଡ଼** : ନବୀନ ଜୈନ
**କଣ୍ଟାବାଞ୍ଜି:** ଲକ୍ଷ୍ମଣ ବାଗ
**ନୂଆପଡ଼ା:** ଅଭିନନ୍ଦନ ପଣ୍ଡା
**ଖଡ଼ିଆଳ:** ହିତେଶ ବଗର୍ତ୍ତୀ
**ଉମରକୋଟ:** ନିତ୍ୟାନନ୍ଦ ପଣ୍ଡା
**ନବରଙ୍ଗପୁର:** ଗୌରୀଶଙ୍କର ମାଝୀ
**ଲାଞ୍ଜିଗଡ଼:** ରମେଶ ମାଝୀ
**ଜୁନାଗଡ଼:** ମନୋଜ ମେହେର
**ଧର୍ମଗଡ଼:** ସୁଧୀର ପାଇଯୋଶୀ
**ପାଟଣାଗଡ଼:** କନକବର୍ଦ୍ଧନ ସିଂହଦେଓ
**ଭବାନୀପାଟଣା:** ପ୍ରଦୀପ୍ତ ନାଏକ
**ନର୍ଲା:** ଅନିରୁଦ୍ଧ ପ୍ରଧାନ
**ବାଲିଗୁଡ଼ା:** କଳ୍ପନା କହଁର
**ଜି.ଉଦୟଗିରି:** ମାନଗୋବିନ୍ଦ ପ୍ରଧାନ
**ଫୁଲବାଣୀ** : ଉମାଚରଣ ମଲ୍ଲିକ
**କନ୍ଧମାଳ** : କନ୍ହେଇଚରଣ ଡାଙ୍ଗ
**ବୌଦ୍ଧ** : ସରୋଜ ପ୍ରଧାନ
**ବଡ଼ମ୍ବା** : ସମ୍ବିତ ତ୍ରିପାଠୀ
**ବାଙ୍କୀ** : ତୁଷାରକାନ୍ତ ଚକ୍ରବର୍ତ୍ତୀ
**ଆଠଗଡ଼** : ଅଭୟ ବାରିକ
**ଚୌଦ୍ୱାର** : ନୟନ କିଶୋର ମହାନ୍ତି
**ନିଆଳି** : ଛବି ମଲ୍ଲିକ
**କଟକ ସଦର:** ପ୍ରକାଶ ସେଠୀ
**ମାହାଙ୍ଗା:** ସୁମନ୍ତ ଘଡ଼େଇ
**ପାଟକୁରା** : ତେଜେଶ୍ୱର ପରିଡ଼ା
**ଆଳି:** କୃଷ୍ଣଚନ୍ଦ୍ର ପଣ୍ଡା
**ମହାକାଳପଡ଼ା:** ଦୁର୍ଗାପ୍ରସନ୍ନ ନାୟକ
**ପାରାଦ୍ୱୀପ:** ସମ୍ପଦ ସ୍ୱାଇଁ
**ତିର୍ତ୍ତୋଲ:** ରାଜକିଶୋର ବେହେରା
**ନିମାପଡ଼ା:** ପ୍ରଭାତି ପରିଡ଼ା
**ପୁରୀ:** ଜୟନ୍ତ ଷଡ଼ଙ୍ଗୀ
**ବ୍ରହ୍ମଗିରି:** ଉପାସନା ମହାପାତ୍ର
**ସତ୍ୟବାଦୀ:** ଓମ ପ୍ରକାଶ ମିଶ୍ର
**ପିପିଲି:** ଆଶ୍ରିତ ପଟ୍ଟନାୟକ
**ଜୟଦେବ:** ଅରବିନ୍ଦ ଢାଲି
**ଭୁବନେଶ୍ୱର ମଧ୍ୟ:** ଜଗନ୍ନାଥ ପ୍ରଧାନ
**ଭୁବନେଶ୍ୱର ଉତ୍ତର:** ପ୍ରିୟଦର୍ଶୀ ମିଶ୍ର
**ଏକାମ୍ର:** ବାବୁ ସିଂହ

# ବିଜେଡ଼ିରେ ଯୋଗଦେଲେ ମୋହନା ନିର୍ବାଚନମଣ୍ଡଳୀର କଂଗ୍ରେସ ଓ ବିଜେପି ନେତା

ଭୁବନେଶ୍ୱର (ସବ୍ୟୁ): ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧି ମଙ୍ଗଳବାର ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ମୋହନା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ଋତୁରାଜ ସାହୁ, ନୂଆଗଡ଼ବ୍ଲକ କଂଗ୍ରେସ ଜିଲ୍ଲାପରିଷଦ ସଦସ୍ୟ ରାଜୀବ ଦୋରା, ନୂଆଗଡ଼ ବ୍ଲକ ଉପାଧ୍ୟକ୍ଷ



ନିହିମିଆ ରାଇତା, ପୂର୍ବତନ ସରପଞ୍ଚ ଜୟସେନ ଦୋରା, ନାଏବ ସରପଞ୍ଚ ଯୋଶେଫ ଗମାଙ୍ଗ, ୱାର୍ଡ଼ମେମ୍ବର ଅସୀମାଗମାଙ୍ଗ, ପ୍ରଶାନ୍ତ ମଣ୍ଡଳ, ସୁରତା ରାଇତା, ପିତାମ୍ବର ନାୟକ, ରାଜେନ୍ଦ୍ର ଦଳବେହେରା, ରାଜେଶ ମଣ୍ଡଳ, ମଧୁ ମଣ୍ଡଳ, ସରପଞ୍ଚ ଉଦୀପାମଣ୍ଡଳ, ପୂର୍ବତନ ବିଜେପି ଜିଲ୍ଲାପରିଷଦ ସଦସ୍ୟା ନନ୍ଦିନୀ ସାମଲ, ବିଜେପି ନେତା ହରିଚନ୍ଦ୍ର ବୁମଲା, ପ୍ରଫୁଲ୍ଲ କୁମାର ରାଇତା, ଲବାଗୋ ଦଳାଇ, ଆୟୁଷ୍ମାନ ପରିଛା, ପୂର୍ବତନ ସରପଞ୍ଚ ତାରଣୀ ନାୟକ, ବିଜେପି କର୍ମୀ ମୋହନା ଗୌଡ଼ଙ୍କ ସହଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ସହିତ ସ୍କୁଟି ଜବତ: ଜଣେ ଗିରଫ

ଆଠଗଡ଼ , (ସବ୍ୟୁ) : ସୋମବାର ଦିନ ଆଠଗଡ଼ ପୋଲିସ ପକ୍ଷରୁ ଖୁଣ୍ଟକଟା ତାରିଣୀ ଛକ ନିକଟରେ ଚଢାଉ କରି ୧୦୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ସ୍କୁଟି ଜବତ କରା ଯାଇଛି।ଏ ବାବଦରେ ବାଙ୍କୀ ଥାନା ଅନ୍ତର୍ଗତ ପାଟପୁର ଗ୍ରାମ ର ନୀଳମଣି ସାହୁଙ୍କ ପୁଅ ମନୋଜ ସାହୁ ଙ୍କୁ ଗିରଫ କରା ଯାଇଛି। ଚାରୋଟି ବ୍ଲାଡର ରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ଅଞ୍ଚଳ ରୁ ଗୋଟିଏ ସ୍କୁଟି ନଂ ଓଡି –୦୫–ବିଏଫ–୯୭୦୭ ରେ ବାଙ୍କୀ ଅଞ୍ଚଳ କୁ ଏହି ଚୋରା ଦେଶୀ ରନ୍ଧା ମଦ ଚାଲାଣ ହେଉଥିବା ବେଳେ ପେଟ୍ରୋଲିଂ କରୁଥିବା ସହକାରୀ ସବ୍ ଇନ୍ସପେକ୍ଟର ରୀନା ପ୍ରଧାନ ଜବତ କରି ଥିବା ଜଣାପଡିଛି।ଏ ବାବଦରେ ଆଠଗଡ଼ ଥାନା କେସ ନଂ ୧୦୬/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସହକାରୀ ସବ୍ ଇନ୍ସପେକ୍ଟର ରାଧାନାଥ ରାଉତ ସୂଚନା ଦେଇଛନ୍ତି।

## ୧୫ଗ୍ରାମ ବ୍ରାଉନସୁଗର ଜବତ ୩ ଗିରଫ



ଖୋର୍ଦ୍ଧା (ସବ୍ୟୁ): ଆଦର୍ଶଥାନା ପୁଲିସ ତରତୁଆ ନୂଆସାହି ଦଣ୍ଡାପୋଖରୀ ନିକଟରେ ଚଢଉ କରି ୧୫ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ତରତୁଆ ର ସଲମନ ଖାନ ଓରଫ ଖଲିଆ (୨୪), ଶରଧାପୁର ରଞ୍ଜନ କୁମାର ଘଡେଇ(୩୮) ଓ ରମେଶ ସୁବୁଦ୍ଧି (୪୨) । ସେମାନଙ୍କ ଠାରୁ ପୁଲିସ ୧୫ଗ୍ରାମ ବ୍ରାଉନସୁଗର ପୁଲିସ ଜବତ କରିଛି । ଯାହାର ମୂଲ୍ୟ ଦେଢଲକ୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି । ଏହି ଘଟଣାରେ ପୁଲିସ ୧୨୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

## ପଥର ବନ୍ଧ ଠାରେ ବିଜେଡିର ପ୍ରଥମ ନିର୍ବାଚନୀ ସଭା

ଭୁବନେଶ୍ୱର (ସବ୍ୟୁ): ବିଏମସି ୱାର୍ଡ ନଂ ୧୭ ପଥରବନ୍ଧ ପଡିଆ ଠାରେ, ଉତ୍ତର ଭୁବନେଶ୍ୱର ବିଜୁ ଜନତା ଦଳର ପ୍ରଥମ ନିର୍ବାଚନୀ ସଭା ତଥା କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କର ବିକାଶ ମୂଳକ ଯୋଜନା, ନିର୍ମଳ ଭାବମୂର୍ତ୍ତିକୁ ନେଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ଓଡ଼ିଶାର ଦାୟିତ୍ୱ ନେବାକୁ ଯାଉଛନ୍ତି ବୋଲି ବିଧାୟକ ସୁଶାନ୍ତ ରାଉତ ମତବ୍ୟକ୍ତ କରିଥିଲେ । ଏହି କର୍ମୀ ସମ୍ମିଳନୀରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଯୋଗଦେଇ ଆଗାମୀ ଦିନରେ ଡବଲ ଶଙ୍ଖରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କର ହାତମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ ଜନସାଧାରଣ ମାନଙ୍କୁ ନିବେଦନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ମେୟର ଶ୍ରୀମତୀ ସୁଲୋଚନା



ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହ୍ନର, ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, କର୍ପୋରେଟର ପୂଜା ମହାରଣା, ମିନୁଶ୍ରୀ ଖୁଣ୍ଟିଆ, ସେକନୁର ହାସନ , ମିହିର ରାଉତ, ମୋନାଲିସା ବେହେରା, ମାନସୀ ସୁନ୍ଦରରାୟ, ପିଙ୍କି ସ୍ୱାଇଁ, ଅଚ୍ୟୁତାନନ୍ଦ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଇତିଶ୍ରୀ ଦାସ, ପୂର୍ବତନ କର୍ପୋରେଟର ସଞ୍ଜୟ ସେଠିଙ୍କ ସମେତ ପ୍ରାୟ ୨୫୦୦ ରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ମାନେ ଯୋଗଦେଇଥିଲେ । ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହିତ ବିଜୁ ଜନତା ଦଳର ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଉପସ୍ଥିତ ଏସ ଏଚ ଜି ମହିଳା , ବରିଷ୍ଠ ନାଗରିକ, ଯୁବକ ଛାତ୍ର ତଥା ଦଳର ସକ୍ରିୟ ସଦସ୍ୟ ମାନେ ଶପଥ ନେଇଥିଲେ ।

## ଓଡ଼ିଶା ଦିବସରେ ବେଦାନ୍ତ ଆଇରନ୍‌ଓର୍
## ସ୍ଥାନୀୟ ଗୋଷ୍ଠୀଙ୍କ ଜୀବନଧାରଣ ଶୈଳୀରେ ପରିବର୍ତ୍ତନ ପାଇଁ ପ୍ରତିବଦ୍ଧତାକୁ ଦୋହରାଛି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଇରନଓର ଓଡିଶା ଏହାର ସିଏସଆର ପଦକ୍ଷେପ ମାଧ୍ୟମରେ ସମାଜ ପାଇଁ ମହତ୍ୱପୂର୍ଣ୍ଣ ଅବଦାନ ପ୍ରଦର୍ଶନ କରି ଓଡିଶା ଦିବସରେ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ବେଦାନ୍ତ ଆଇରନ୍‌ଓର୍ ଓଡିଶା ଯେଉଁଠାରେ କାର୍ଯ୍ୟ କରେ ସେଠାକାର ସ୍ଥାନୀୟ ଗୋଷ୍ଠୀଙ୍କର ଜୀବନକୁ ଉନ୍ନତ କରିବା ପାଇଁ ଉତ୍ସର୍ଗୀକୃତ ଭାବେ ଉଦ୍ୟମ କରିଥାଏ ।



ପ୍ରୋଜେକ୍ଟ ଆରୋଗ୍ୟମ ମାଧ୍ୟମରେ, କମ୍ପାନୀ ୨୦୨୨ ମସିହାରୁ ଏକ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ ଚଳାଉଅଛି। ଏହା ଦ୍ୱାରା ସରକାରୀ ସ୍ୱାସ୍ଥ୍ୟସେବା ଅଭାବ ଥିବା ଦୂର ଗ୍ରାମଗୁଡିକୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ୨୦୨୩–୨୪ ଆର୍ଥିକ ବର୍ଷରେ, ଏହି ପ୍ରକଳ୍ପ ୧୮,୦୦୦ରୁ ଅଧିକ ହିତାଧିକାରୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଶିବିର ତଥା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଭୁକ୍ତ କରିପାରିଛି। ୧୨୦ ରୁ ଅଧିକ ଲୋକ ଉପକୃତ ହୋଇପାରୁଥିବା ଏକ ମେଗା ସ୍ୱାସ୍ଥ୍ୟ ଶିବିର ଏହା ଅଧିନରେ କାର୍ଯ୍ୟ କରୁଛି। ଅତିରିକ୍ତ ଭାବରେ, ଏହି ପ୍ରୋଜେକ୍ଟ ଲୋକଙ୍କୁ ଠିକ ସମୟରେ ଚିକିତ୍ସା ସହାୟତା ନିଶ୍ଚିତ କରିବାକୁ ଆମ୍ବୁଲାନ୍ସ ସେବା ଏବଂ ଡିସପେନସାରି ସୁବିଧା ବିସ୍ତାର କରିଥାଏ। ପ୍ରୋଜେକ୍ଟ ବିଦ୍ୟା ଅନ୍ତର୍ଗତ ବେଦାନ୍ତ ଆଇରନ୍ ଓର୍ ଓଡିଶା ନିକଟବର୍ତୀ ଗ୍ରାମଗୁଡିକରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରକଳ୍ପ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷକମାନଙ୍କର ଯୋଗଦାନ, ରିମେଡିଆଲ ଶିକ୍ଷା କେନ୍ଦ୍ର ଏବଂ ଅଙ୍ଗନୱାଡି କେନ୍ଦ୍ର ପାଇଁ ସହାୟତା ପ୍ରଦାନ କରି ୨୫୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି । ବେଦାନ୍ତ ଆଇରନ୍ ଓର୍ ଓଡିଶା ଆଖପାଖରେ ଜଳ ଏବଂ ପରିମଳ ଆହ୍ୱାନର ସମାଧାନ ପାଇଁ ପ୍ରୋଜେକ୍ଟ ନିର୍ମଳ ଆରମ୍ଭ କରିଥିଲା। ବୋର ୱେଲ ନିର୍ମାଣ, ୱାଟର ଲିଫ୍ଟ ପମ୍ପ ସ୍ଥାପନ ଏବଂ ଓଡିଏଫ୍ ଅଭିଯାନ ମାଧ୍ୟମରେ ଏହି ପ୍ରୋଜେକ୍ଟ ପ୍ରାୟ ୪୫୦ ହିତାଧିକାରୀଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଏଥିସହ, କମ୍ପାନୀ ୩୨୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରି ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ୱାଟର ଫିଲ୍ଟର ଯୋଗାଇ ଦେଇଛି । ବେଦାନ୍ତ ଆଇରନ୍ ଓର୍ ଓଡିଶା ମହିଳା ଦିବସ ପାଳନ କରି ନିଜ ଗୋଷ୍ଠୀ ପାଇଁ ମହତ୍ୱପୂର୍ଣ୍ଣ ଅବଦାନ କରିଥିବା ମହିଳା ଗୋଷ୍ଠୀଙ୍କର ନେତାମାନଙ୍କୁ ସମ୍ମାନିତ କରିଥିଲା । ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେଭଳି ମହିଳାଙ୍କ କାହାଣୀକୁ ଆଲୋକିତ କରିବା ଏବଂ ସେମାନଙ୍କର ଅତୁଳନୀୟ ଅବଦାନକୁ ସ୍ୱୀକାର କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହି ସିଏସଆର ପଦକ୍ଷେପକୁ ସଫଳ କରିବାରେ ସହଯୋଗ ତଥା ସହଭାଗିତା ପାଇଁ ବେଦାଂ ଆଇରନ୍ ଓର୍ ଓଡିଶାର ସିଇଓ ବିଶ୍ୱନାଥ ସାହୁ ସମାଜକୁ କୃତଜ୍ଞତା ଜଣାଇଛନ୍ତି ।

## ଆସ୍ୱାୟାର ହସ୍ପିଟାଲ ପକ୍ଷରୁ ସେବାୟତଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର (ସବ୍ୟୁ): ଆସ୍ୱାୟାର ଚାରିଟେବୁଲ ଟ୍ରଷ୍ଟ, ଆସ୍ୱାୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନର ସହଯୋଗରେ ପୁରୀ ଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ୩୧ ତାରିଖ ଦିନ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଶ୍ରୀମନ୍ଦିର ସେବାୟତ, କର୍ମଚାରୀ ଓ ସେମାନଙ୍କର ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ଦିଆଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନେ ଶତାଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିପାଇଁ ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ୍ୟ ଅନେକ ଡାକ୍ତର ଯୋଗଦାନ କରିଥିଲେ । ସେମାନେ ବିଭିନ୍ନ ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ସଂପର୍କରେ କହିଥିଲେ । ଆସ୍ୱାୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପକ୍ଷରୁ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହିଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନେ କିଭଳି ଏକ ସୁସ୍ଥ ଓ ନିରୋଗ ଜୀବନ ଅତିବାହିତ କରିପାରିବେ ସେ ସଂପର୍କରେ ଜନସେଚତନତା ସୃଷ୍ଟି କରାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# କଂଗ୍ରେସ ବିଧାନସଭା ପ୍ରାର୍ଥୀ

**ନୂଆପଡ଼ା**– ଶରତ ପଟ୍ଟନାୟକ
**ପଦ୍ମପୁର** – ଟଙ୍କଧର ସାହୁ
**ବିଜେପୁର** – କିଶୋର ଦଫାଦାର
**ବରଗଡ଼** – ନିପନ କୁମାର ଦାସ
**ଭଟଲୀ** – ବ୍ରହ୍ମା ମହାକୁଡ଼
**ବ୍ରଜରାଜନଗର** – କିଶୋର ଚନ୍ଦ୍ର ପଟେଲ
**ତଳସରା** – ପ୍ରବୋଧ ତିର୍କୀ
**ସୁନ୍ଦରଗଡ଼** – ସୁଧାରାଣୀ ରାଉଡ଼ିଆ
**ରଘୁନାଥପାଲୀ** – ଗୋପାଳ ଦାସ
**ରାଉରକେଲା** – ବିରେନ୍ଦ୍ରନାଥ ପଟ୍ଟନାୟକ
**ରାଜଗାଙ୍ଗପୁର** – ଡ. ସିଏସ୍ ରାଜନ ଏକ୍କା
**ଲୋଇସିଂହା** – ଓମ୍ ପ୍ରକାଶ କୁମ୍ଭାର
**ପାଟଣାଗଡ଼** – ଅନୀଲ ମେହେର
**ବଲାଙ୍ଗୀର** – ସମରେନ୍ଦ୍ର ମିଶ୍ର
**କଣ୍ଟାବାଞ୍ଜି** – ସନ୍ତୋଷ ସିଂହ ସାଲୁଜା
**ଉମରକୋଟ** – ସନରାଜ ଗଣ୍ଡ
**ଝରିଗାଁ** – ହାରାବତୀ ଗଣ୍ଡ
**ନବରଙ୍ଗପୁର** – ଦିଲ୍ଲୀପ ପ୍ରଧାନ
**ଲାଞ୍ଜିଗଡ଼** – ବଳଭଦ୍ର ମାଝୀ
**ଜୁନାଗଡ଼** – ତୁଳେଶ୍ୱର ନାଏକ
**ଧର୍ମଗଡ଼** – ରଶ୍ମୀରେଖା ରାଉତ
**ଭବାନୀପାଟଣା** – ସାଗର ଦାସ
**ନର୍ଲା**– ଭକ୍ତ ଚରଣ ଦାସ
**ବାଲିଗୁଡ଼ା**– ସୁରଦ ପ୍ରଧାନ
**ଜି. ଉଦୟଗିରି** – ପ୍ରଫୁଲ୍ଲ ପ୍ରଧାନ
**ଫୁଲବାଣୀ** – ପ୍ରତିଭା କହଁର
**କନ୍ଧମାଳ**– ମନୋଜ ଆଚାର୍ଯ୍ୟ
**ବୌଦ୍ଧ**– ନବ ମିଶ୍ର
**ଭଞ୍ଜନଗର** – ପ୍ରଶାନ୍ତ ବିଶୋଇ
**ପୋଲସରା**– ଅଗସ୍ତି ବରଦା
**କବି ସୂର୍ଯ୍ୟନଗର**– ଚିରଞ୍ଜିବ ବିଶୋଇ
**ସୋରଡ଼ା**– ହିରିକ୍ରିଷ୍ଣା ରଥ
**ସାନଖେମୁଣ୍ଡି** – ରମେଶ ଜେନା
**ଚିକିଟି**– ରବିନ୍ଦ୍ର ନାଥ ଦ୍ୟାନ ସାମନ୍ତରାୟ
**ମୋହନା**– ଦାଶରଥି ଗମାଙ୍ଗ
**ପାରଳାଖେମୁଣ୍ଡି**– ବିଜୟ ପଟ୍ଟନାୟକ
**ଗୁଣୁପୁର** – ସତ୍ୟଜିତ ଗମାଙ୍ଗ
**ବିଷମକଟକ**– ନୀଳମାଧବ ହିକକା
**ରାୟଗଡ଼ା**– ଆପଲସ୍ୱାମୀ କାଡ୍ରାକା
**ଲକ୍ଷ୍ମୀପୁର** – ପବିତ୍ର ସାଉଁନ୍ତା
**କୋଟପାଡ଼**– ଅନାମ ଦିଆନ
**ଜୟପୁର** – ତାରା ପ୍ରସାଦ ବାହିନୀପତି
**କୋରାପୁଟ**– କୃଷ୍ଣଚନ୍ଦ୍ର କୁଳଦୀପ
**ପଟାଙ୍ଗୀ** – ରାମଚନ୍ଦ୍ର କାଡ଼ାମ
**ମାଲକାନଗିରି** : ମାଲା ମାଝୀ
**ଚିତ୍ରକୋଣ୍ଡା** – ମଙ୍ଗୁ ଖିଲ

## ବିଜେଡି ପ୍ରାର୍ଥୀ ସଞ୍ଜୀବଙ୍କୁ ସ୍ୱାଗତ

ଆଗରପଡ଼ା,(ସବ୍ୟୁ):ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଏଥର ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଏହା ଘୋଷଣା ହେବାପରେ ଆଗରପଡ଼ା ତଥା ଆଖପାଖ ପଂଚାୟତରୁ ଶତାଧିକ ଦଳୀୟ କର୍ମୀ ଓ ନେତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ,ସାଂସଦଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି,ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ,ଯୁବନେତା ଦୀପକ ମହାନ୍ତି,ସପନ ସିଂହ,ପ୍ରୀତିସକାନ୍ତ ଶତପଥି,ବିଶ୍ୱମ୍ଭର ଜେନା,କିଶୋର ରାଉତଙ୍କ ସମେତ ସରପଂଚ,ସମିତିସଭ୍ୟ ପ୍ରମୁଖ ସଞ୍ଜୀବଙ୍କୁ ସ୍ୱାଗତ କରିଥିବାର ଜଣାପଡ଼ିଛି।

## କନ୍ଧମାଳ ଲୋକସଭା ପ୍ରାର୍ଥୀ ସୁକାନ୍ତଙ୍କୁ ସମ୍ବର୍ଦ୍ଧନା

ଦଶପଲ୍ଲା , (ସବ୍ୟୁ) : ବିଜେପି ପକ୍ଷରୁ କନ୍ଧମାଳ ଲୋକସଭା ଆସନ ପାଇଁ ସୁକାନ୍ତ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ ଘୋଷଣା ପରେ ଦଶପଲ୍ଲାରେ ସୁକାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଦଳୀୟ କାର୍ଯ୍ୟକର୍ତା ଓ ବିଜେପି ନେତା ପୂର୍ଣ ଚନ୍ଦ୍ର ନାୟକ, ନୂତନ ଭାବେ ବିଜେପି ରେ ଯୋଗ ଦେଇଥିବା ଯୁବନେତା ରବୀନ୍ଦ୍ର ସେଠି, ପୂର୍ବତନ ଜିଲ୍ଲା ପରିଷଦ କିଶୋର ଦଳ ବେହେରାଙ୍କ ସମେତ ବହୁ କର୍ମୀ ଫୁଲତୋଡା ଦେଇ ସ୍ଥାନୀୟ ପିଙ୍କି ଛକ ଠାରେ ସୁକାନ୍ତଙ୍କୁ ସ୍ୱାଗତ କରିଥିଲେ ।ପରେ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ମହାବୀର ମନ୍ଦିର ଠାରେ ପହଞ୍ଚିଥିଲା। ସେଠାରେ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀରଙ୍କୁ ପୂଜାର୍ଚ୍ଚନା କରିବା ସହ ହନୁମାନ ଚାଳିସା ପାଠ କରାଯିବା। ପରେ ଏହି ଶୋଭାଯାତ୍ରା ଗୋବିନ୍ଦ ଲଜ ଠାରେ ପହଞ୍ଚିଥିଲା । ସେଠାରେ ଦଳୀୟ କର୍ମୀ ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଆଗାମୀ ନିର୍ବାଚନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ପରେ ସେ ନୂଆଗାଓଁ ଠାରେ ଦଳୀୟ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

## ଥିଙ୍କର୍ସ କ୍ଲବ୍ ର ୧୦୧ ତମ ଆଲୋଚନା
## ଦେଶ ବିଦେଶରେ ବରିଷ୍ଠ ନାଗରିକ ମାନଙ୍କ ଯତ୍ନ କିପରି ନେବା

ଭୁବନେଶ୍ୱର (ସବ୍ୟୁ): ନିୟମ ଅନୁଯାୟୀ ୬୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ବରିଷ୍ଠ ନାଗରିକ କୁହାଯାଏ । ବିଭିନ୍ନ ସ୍ଥାନରେ ବରିଷ୍ଠ ଭବନ ନିର୍ମାଣ ସହ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହେବା ଉଚିତ୍ ବୋଲି ବିଶିଷ୍ଟ ବକ୍ତା ମାନେ ମତ ପ୍ରକାଶ କରିଛନ୍ତି । ଥିଙ୍କର୍ସ କ୍ଲବ୍ ର ୧୦୧ ତମ ଆଭଝଣୀ ଆଲୋଚନା ସଭାପତି ବରଦା ଦାସ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ପ୍ରଶାସକ ବିବେକ ପଟ୍ଟନାୟକ ବରିଷ୍ଠ ନାଗରିକ ମାନେ ବହୁ ଅନୁଭୂତି ଅର୍ଜନ କରିଥିବା ହେତୁ ସରକାରୀ ଓ ବେସରକାରୀ ଭାବେ ସେମାନଙ୍କ ମତା ମତ କୁ ଗ୍ରହଣ କରିବା ଉଚିତ୍ । ସେମାନଙ୍କ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ବେଶ୍ ପ୍ରଶଂସନୀୟ ବୋଲି ମତ ଦେଇଥିଲେ । ବକ୍ତା ଭାବେ ଡ ସନ୍ତୋଷ କୁମାର ମହାପାତ୍ର, ରୋଟାରୀୟାନ୍ ଡ ଯୁଗଳ କିଶୋର ସାହୁ, ପ୍ରଫେସର ଡ ଟହଲୁ ସାହୁ,ବିଶେଷ ଆଲୋଚନା କରିଥିଲେ । ରାଜକିଶୋର୍ ସାମନ୍ତରାୟ, ଡ ନନ୍ଦ ନନ୍ଦନ ଦାସ,ପ୍ରଫେସର ଉମାଶଙ୍କର ମିଶ୍ର, ସୋମ୍ୟାଜିତ ପାଣି , ଡ. ରଜତ ଶତପଥୀ, ଶ୍ରୀକାନ୍ତ ମହାନ୍ତି, ବେଙ୍ଗାଲୁରୁ ରୁ ବିଭୁ ଦତ୍ତ ମହାନ୍ତି, ବାହାରିନ ରୁ ସୁବାସ ସାହୁ, ଛତିଶ ଗଡ଼ ରୁ ପ୍ରତାପ ରାଉତ ,ଆମେରିକାରୁ ପ୍ରଫେସର ତ୍ରୈଲୋକ୍ୟ ପାଣ୍ଡେ, ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ବିଭିନ୍ନ ଦିଗରୁ ଆଲୋଚନା କରି ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ପାଇଁ ସ୍ୱତନ୍ତ୍ର ଭତ୍ତା ବା ଡାକ୍ତରୀ ଚିକିତ୍ସା ଦିଗରେ ବିଶେଷ ବ୍ୟବସ୍ଥା କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା । ଏ ଦିଗରେ କାର୍ଯ୍ୟ କରୁଥିବା ସଂଘ ମାନେ ମିଳିତ ହୋଇ କର୍ତ୍ତୃପକ୍ଷଙ୍କୁ ସ୍ମାରକ ପତ୍ର ଦେବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ଶେଷରେ ପୂର୍ବତନ ପୂର୍ତ୍ତ ସଚିବ ଡ. ନନ୍ଦ ନନ୍ଦନ ଦାସ ଧନ୍ୟବାଦ୍ ଦେଇଥିଲେ ।



## ରୁଚି ନିର୍ଦ୍ଦେଶିକା ରଶ୍ମୀ ସାହୁ ହେଲେ ଫିକି ଭୁବନେଶ୍ୱରର ଅଧ୍ୟକ୍ଷା

କଟକ, (ସ୍ୱପ୍ର): ଫେଡ଼େରେସନ ଅଫ୍ ଇଣ୍ଡିଆନ ଚାମ୍ବରସ୍ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରୀ (ଫିକି)ର ମହିଳା ସଂଗଠନ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ରଶ୍ମୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଶ୍ରୀମତୀ ସାହୁ ପୂର୍ବତନ ଅଧ୍ୟକ୍ଷା ପୁନମ୍ ମହାପାତ୍ରଙ୍କ ଠାରୁ ୨୦୨୪–୨୫ ମସିହା ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ରଶ୍ମୀ ହେଉଛନ୍ତି ଓଡ଼ିଶାର ସୁପରିଚିତ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରୁଚି–ଫ୍ରୋଜିଟ ଡିଭିଜନର ପରିଚାଳନା ନିର୍ଦ୍ଦେଶିକା ଏବଂ ପ୍ରତିଷ୍ଠିତ ସାମାଜିକ ସେବା ଅନୁଷ୍ଠାନ ରେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତା । ଯୁବ ଉଦ୍ୟୋଗୀ ଶ୍ରୀମତୀ ସାହୁ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ ବିଶେଷ ଅଭିଜ୍ଞତା ଅର୍ଜନ କରିଛନ୍ତି । ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିବା ହେଉଛି ତାଙ୍କର ମୁଖ୍ୟ ଲକ୍ଷ୍ୟ । ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ କାର୍ଯ୍ୟଦକ୍ଷତା ଭୁବନେଶ୍ୱର ଚାପ୍ଟରର ଉଦ୍ଦେଶ୍ୟ ଏବଂ ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ଅବଦାନ ରଖିବ ବୋଲି ଆଶା କରାଯାଉଛି । ଫିକି ମହିଳା ବିଭାଗର ଚେୟାରମ୍ୟାନ ଭାବରେ ଶ୍ରୀମତୀ ସାହୁ ଦାୟିତ୍ୱ ଗ୍ରହଣ କରିବାପରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ




ଅନୁକୂଳ ପରିବେଶ ସୃଷ୍ଟି କରିବା, ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସୁଗମ କରିବା ଏବଂ ଶିଳ୍ପସଂସ୍ଥାରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି । ରାଜ୍ୟର ମହିଳା ଉଦ୍ୟୋଗୀମାନେ ଫିକିର ଭୁବନେଶ୍ୱର ମହିଳା ଚ୍ୟାପ୍ଟର ସହିତ ଯୋଡ଼ିହୋଇ ସେମାନଙ୍କ ବ୍ୟବସାୟିକ ଅଭିବୃଦ୍ଧି ଓ ନେଟୱାର୍କିଂକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ଶ୍ରୀମତୀ ସାହୁ ସମାଜ ବିଜ୍ଞାନ, ଡାଏଟ୍ ଆଣ୍ଡ ପୁଷ୍ଟିକର ଏବଂ ସିଏଫ୍‌ଟିଆର୍‌ଆଇ ମହୀଶୁରରୁ ସମ୍ମାନଜନକ ଡିଗ୍ରୀ ହାସଲ କରିବା ସହିତ ସୁଇଜରଲ୍ୟାଣ୍ଡରୁ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ଲାଭ କରିଛନ୍ତି । ରଶ୍ମୀ ହେଉଛନ୍ତି ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ଫୁଡ୍‌ଲାଇନର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁଙ୍କ କନ୍ୟା ।

## ଉତ୍ପାଦନ ଏବଂ ବିକ୍ରୟକ୍ଷେତ୍ରରେ ନାଲକୋର ନୂଆ ରେକର୍ଡ

# ବର୍ଷ ୨୦୨୩-୨୪ ରେ ସର୍ବକାଳୀନ ସର୍ବାଧିକ ବକ୍ସାଇଟ ଓ ଆଲୁମିନିୟମ୍ ଉତ୍ପାଦିତ





ସର୍ବକାଳୀନ ସର୍ବାଧିକ ୪,୬୩,୪୨୮ମେଟ୍ରିକଟନ୍ କାଷ୍ଟ ଧାତୁ ଉତ୍ପାଦିତ
ସର୍ବକାଳୀନ ସର୍ବାଧିକ ୪,୭୦,୧୦୮ମେଟ୍ରିକଟନ୍ ଧାତୁ ବିକ୍ରୟ
ସର୍ବକାଳୀନ ସର୍ବାଧିକ୭୬,୦୦,୨୩୦ ମେଟ୍ରିକ ଟନ୍ ବକ୍ସାଇଟ ଉତ୍ତୋଳନ
ଉତ୍କଳଡି କୋଇଲା ଖଣି କାର୍ଯ୍ୟକ୍ଷମ ଏବଂ ସର୍ବାଧିକ ମୂଲ୍ୟାୟନ କ୍ଷମତା ସହ ୨ମିଲିଅନ ଟନ୍ କୋଇଲା ଉତ୍ତୋଳନ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ୍ ଉତ୍ପାଦନ ଓ ରପ୍ତାନିକାରୀ ନ୍ୟାସନାଲ ଆଲୁମିନିୟ କମ୍ପାନୀ ଲିମିଟେଡ(ନାଲକୋ) ବର୍ଷ ୨୦୨୩-୨୪ ରେ ଉତ୍ପାଦନ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରିଛି । କମ୍ପାନୀ ସର୍ବକାଳିନ ସର୍ବାଧିକ ୪,୬୩,୪୨୮ମେଟ୍ରିକ ଟନ୍ କାଷ୍ଟ ଧାତୁ ଉତ୍ପାଦନ କରିଥିବା ବେଳେ, ବିଗତ ସମସ୍ତ ରେକର୍ଡକୁ ଅତିକ୍ରମ କରି ସର୍ବକାଳିନ ସର୍ବାଧିକ ୭୬,୦୦,୨୩୦ମେଟ୍ରିକ ଟନ୍ ବକ୍ସାଇଟ ଉତ୍ତୋଳନ ସହ ୪,୭୦,୧୦୮ମେଟ୍ରିକ ଟନ୍ ଧାତୁ ବିକ୍ରୟ କରିଛି । ଆର୍ଥିକ ବର୍ଷ ୨୦୨୩-୨୪ ରେ ମଧ କମ୍ପାନୀର ନୂତନ ଆଲୁମିନିୟମ୍ ଆଲୟ ଇଙ୍ଗଟ (ଏ.ଏଲ. ୫୯)ଏହାର ଉତ୍ପାଦଶ୍ରେଣୀରେ ଯୋଡ଼ି ହୋଇଛି ।

ବାର୍ଷିକ ଧାର୍ଯ୍ୟ ଲକ୍ଷଠାରୁ ଉର୍ଦ୍ଧ୍ୱ (୧୦୧.୧୫%) କ୍ଷମତା ଉପଯୋଗ ସହ ନାଲକୋର ଆଲୁମିନା ରିଫାଇନେରୀ ୨୧,୨୪,୦୦୦ମେଟ୍ରିକ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରିଥିବା ବେଳେ, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ୭୧୯୩.୬୨ ମିଲିୟନ ୟୁନିଟ୍ ବିଦ୍ୟୁତ ଉତ୍ପାଦନ କରିଛି । ବର୍ଷ ୨୦୨୩-୨୪ ରେ ଉତ୍କଳ ଡି କୋଇଲା ଖଣି କାର୍ଯ୍ୟକ୍ଷମ ହେବା ସହ ୨ମିଲିଅନଟନ୍ କୋଇଲା ଉତ୍ତୋଳନ କରାଯାଇଛି ଯାହାକି ଏହି ଖଣିର ସର୍ବାଧିକ ମୂଲ୍ୟାୟନ କ୍ଷମତା ଅଟେ । ଏହି ଅବସରରେ ନାଲକୋ, ସିଏମଡି ଶ୍ରୀଧର ପାତ୍ର କହିଛନ୍ତି ଯେ,ବିଗତ ବର୍ଷମାନଙ୍କରେ ହୋଇଥିବା ପ୍ରଦର୍ଶନ ଅପେକ୍ଷା କମ୍ପାନୀ ସର୍ବଦା ଭଲ କରିବାକୁ ଚେଷ୍ଟା କରିଛି । ଚଳିତ ବର୍ଷର ଉଲ୍ଲେଖନୀୟ ସଫଳତା ନିମନ୍ତେ ସେ ନାଲକୋ ସମୁଦାୟ ଏବଂ ହିତଧାରକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କର୍ମଚାରୀଙ୍କ ଉତ୍ସର୍ଗୀକୃତ ଓ କଠିନ ପରିଶ୍ରମ ତଥା ହିତଧାରକମାନଙ୍କ ସହଯୋଗକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ, ବିଗତ ଚାରିବର୍ଷ ମଧ୍ୟରେ କମ୍ପାନୀ ପକ୍ଷରୁ, ବ୍ୟାକୱାର୍ଡ ଇଣ୍ଟିଗ୍ରେସନ,ସୁନିଶ୍ଚିତ ଶକ୍ତି ଏବଂ କଞ୍ଚାମାଲ ଉପଲବ୍ଧତା ଭଳି ଅନେକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରାଯାଇଛି ।

## ଅନୁଗୋଳ ଓ ଢେଙ୍କାନାଳ ଗସ୍ତରେ କେନ୍ଦ୍ରମନ୍ତ୍ରୀ

# 'ସବକା ସାଥ୍ ଓ ସବକା ବିକାଶ' ମନ୍ତ୍ରକୁ ଲୋକଙ୍କ ପାଖକୁ ନେବା : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଢେଙ୍କାନାଳ ଓ ଅନୁଗୋଳ ଗସ୍ତ କାଳରେ ବିଜେପିର ଏକ ମିଶ୍ରଣ ପର୍ବରେ ଯୋଗଦେବା ସହ ଶହୀଦଙ୍କ ସ୍ମୃତିସ୍ଥଳ ସହ ଜଡିତ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ଢେଙ୍କାନାଳରେ ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଡ. ଅକ୍ଷୟ କୁମାର ମହାନ୍ତି, ସୁନାମଧନ୍ୟ ଡକ୍ଟର ଶାନ୍ତିଭୂଷଣ ପଣ୍ଡାଙ୍କ ସମେତ ଅନେକ ବିଜେଡି ଓ କଂଗ୍ରେସ କର୍ମୀ, ସମାଜସେବୀ ଓ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ନେତୃତ୍ୱ ଓ 'ସବକା ସାଥ୍ – ସବକା ବିକାଶ' ମନ୍ତ୍ରରେ ଆସ୍ଥାପ୍ରକଟ କରି ଦଳରେ ଯୋଗଦେଇଥିବାରୁ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ଆଗାମୀ ୨୫ ବର୍ଷ ସୁଦ୍ଧା ଦେଶକୁ ବିକଶିତ କରିବାର ଲକ୍ଷ୍ୟ ନେଇ ସବୁ ଦିଗକୁ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି । ଏହି ମିଶ୍ରଣ ପର୍ବ ଅନୁଗୋଳ ଓ ଢେଙ୍କାନାଳ ସମେତ ଓଡ଼ିଶାରେ ମୋଦୀଜୀଙ୍କ ହାତମୁଠାକୁ ଅଧିକ ଟାଣ କରିବ । ଗସ୍ତ କାଳରେ ଶ୍ରୀ ପ୍ରଧାନ କଣିହାଁ ଠାରେ ତାଳଚେର ପ୍ରଜାମଣ୍ଡଳ ଶହୀଦ ସ୍ମୃତି ସ୍ତମ୍ଭ ଓ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନାଲମ ଠାରେ କୂଳ ଦେବତା ଶ୍ରୀ ଶ୍ରୀ ନୃସିଂହ ଦେବଙ୍କ ଆଶୀର୍ବାଦ ନେବା ସହ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ ।

## ମିଳିତ ଗବେଷଣା ନିମନ୍ତେ

# ସୋଆ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ ବୁଝାମଣାପତ୍ର

ଭୁବନେଶ୍ୱର (ସବ୍ୟୁ): ଔଷଧୀୟ ଉଦ୍ଭିଦର ସୁସ୍ଥକାରୀ ଗୁଣ ବିଷୟରେ ଉଚ୍ଚତର ଗବେଷଣା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟ ଓ ଆୟୁଷ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ଥାନୀୟ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ ମଧ୍ୟରେ ନିକଟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ ପକ୍ଷରୁ ଏହାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡକ୍ଟର ଶାରଦା ଓଟା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ଗବେଷଣା ପ୍ରକଳ୍ପ ଟିକୁ କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ। ସୋଆ ପରିଚାଳିତ ସେଂଟର ଫର୍ ବାୟୋଟେକ୍ନୋଲୋଜିର ପ୍ରଫେସର ପ୍ରତାପ ଚନ୍ଦ୍ର ପଣ୍ଡା ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା କେନ୍ଦ୍ରର ବରିଷ୍ଠ ଗବେଷକ ଡକ୍ଟର ପୂର୍ଣ୍ଣେନ୍ଦୁ ପଣ୍ଡା ଏହି ପ୍ରକଳ୍ପର ମୁଖ୍ୟ ଗବେଷକ ଭାବେ କାର୍ଯ୍ୟ କରିବେ। ଏହା ବ୍ୟତୀତ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ପ୍ରଫେସର ଦୁର୍ଗା ମାଧବ କର, ପ୍ରଫେସର ଅନିନ୍ଦ୍ୟ ବୋଷ ଓ ସେଂଟର ଫର୍ ବାୟୋଟେକ୍ନୋଲୋଜିର ଡକ୍ଟର ଅସିତ ରାୟ ଏହି ଗବେଷଣା କାର୍ଯ୍ୟ ତଦାରଖ କରିବେ। ଏହି ଗବେଷଣା ପ୍ରକଳ୍ପର ସଫଳ ରୂପାୟନ ପାଇଁ ସୋଆ ପକ୍ଷରୁ ଆୟୁଷ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତି ଏପ୍ରିଲ ୭ ପର୍ଯ୍ୟନ୍ତ ବଳବତର ରହିବ: ସିଇସି

ଭୁବନେଶ୍ୱର (ସବ୍ୟୁ): ଉତର- ପଶ୍ଚିମ ଭାରତ ଭୂଖଣ୍ଡ ଆଡୁ ପ୍ରବାହିତ ହେଉଥିବା ଉତପ୍ତ ବାୟୁ ଓ ମୁକ୍ତ ଆକାଶ ଓଡିଶାରେ ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତି ସୃଷ୍ଟି କରିଛି ଓ ଏହା ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ବଳବତର ରହିବ ବୋଲି ସୋଆ ପରିଚାଳିତ ସେଂଟର ଫର୍ ଏନଭାଇରନମେଂଟ ଆଣ୍ଡ କ୍ଲାଇମେଟ (ସିଇସି) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ସିଇସିର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ ବଙ୍ଗୋପସାଗର ଆଡୁ ରାଜ୍ୟ ମଧ୍ୟକୁ ପବନ ପ୍ରବାହିତ ନ ହେବା ଓ କମ୍ ଆର୍ଦ୍ରତା ଦିନର ତାପମାତ୍ରା କୁ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ସେ କହିଛନ୍ତି ଯେ ଏପ୍ରିଲ ୭ ପର୍ଯ୍ୟୟନ୍ତ ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୦ ରୁ ୪୨ ଡିଗ୍ରୀ ସେଲସିୟସ୍ ରହିବାର ସମ୍ଭାବନା ଥିବାବେଳେ ତଟୀୟ ଓଡିଶାରେ ଏହା ୩୭ ରୁ ୩୯ ଡିଗ୍ରୀ ସେଲସିୟସ୍ ରହିବ। ଏପ୍ରିଲ ୭ ଅପରାହ୍ନ ବା ରାତ୍ରିରେ ବଜ୍ରପାତ ସହ ଝଡବର୍ଷାର ସମ୍ଭାବନା ରହିଛି ଏବଂ ଏପ୍ରିଲ ୮ ରୁ ୧୦ ପର୍ଯ୍ୟନ୍ତ ଏହା ଦିନର ତାପମାତ୍ରାକୁ କମାଇ ଦେଇପାରେ। ଏହି ସମୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ରହିବ। ଦିନର ତାପମାତ୍ରା ଏପ୍ରିଲ ୧୧ରୁ ପୁଣି ବୃଦ୍ଧି ପାଇପାରେ ବୋଲି ଡ. ସାହୁ କହିଛନ୍ତି ।

# ଭାରତ ବିକାଶ ପରିଷଦ ବାରବାଟୀ କଟକ ଶାଖାର ନୂତନ କର୍ମକର୍ତ୍ତା



କଟକ, (ସ୍ୱପ୍ର) : ଭାରତ ବିକାଶ ପରିଷଦ ବାରବାଟୀ କଟକ ଶାଖାର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲିଙ୍କ ଆଇ ହସପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଟାରିୟାନ୍ ଆଲୋକ କୁମାର ସାହୁ ଅଧକ୍ଷ, ବବିତା ଭୂୟାଁ ସମ୍ପାଦକ ଓ ପ୍ରଫୁଲ କୁମାର ସାହୁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିରେ ଶୁଭାଶିଷ କର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ନିର୍ବାଚନ ପରିଚାଳନା କରିଥିଲେ । ସଭାପତିଙ୍କ ଅନୁରୋଧ କ୍ରମେ ଆଇନଜୀବୀ ପ୍ରମୋଦ କୁମାର ତ୍ରୀପାଠିଙ୍କୁ ଇଲେକ୍ସନ ଅଫିସର ଭାବେ ନିୟୋଜିତ କରାଯାଇଥିଲା। ବାରବାଟୀ ଶାଖାର ଅନନ୍ୟ ୩୮ଜଣ ପ୍ରତିନିଧି ଯୋଗଦେଇ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରିଥିଲେ । ଆଗାମୀ ଦିନରେ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ କିପରି ସୂଚାରୁରୂପେ ସମ୍ପାଦନ ହେବ ସେନେଇ ଆଲୋଚନା କରାଯାଇଥିଲା । ଶେଷରେ ଦେବେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଲିଙ୍କ ଚକ୍ଷୁ ଚିକିତ୍ସାଳୟରେ ପଖାଳ ଦିବସ ପାଳନା କରାଯାଇଥିଲା ।

# ବିଶ୍ୱକର୍ମା ସମାଜର ବନ୍ଧୁ ମିଳନ



ଭୁବନେଶ୍ୱର (ସବ୍ୟୁ): ଶୁକ୍ରବାର ଭୁବନେଶ୍ୱର ପୁଷ୍ପକ ହୋଟେଲ ଠାରେ ବିଶ୍ୱକର୍ମା ଭାଇ ଏବଂ ଭଉଣୀ ମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ମହାନଗର ଶାଖା ଏବଂ ରାଜ୍ୟର ବିଭିନ୍ନ ଅଂଚଳର ପ୍ରତିନିଧି ଯୋଗଦାନ କରି କିଭଳି ରାଜ୍ୟରେ ବିଶ୍ୱକର୍ମା ଭାଇ ମାନଙ୍କର ଉନ୍ନତି ହୋଇ ପାରିବ ମତପୋଷଣ କରିଥିଲେ । ଉକ୍ତ ସଭାରେ ପଦ୍ମଶ୍ରୀ ପ୍ରଭାକର ମହାରଣା,ଅବସରପ୍ରାପ୍ତ ଇଂ. ରାମକୃଷ୍ଣ ମହାରଣା, ଇଂ. ଯୁଗଳ କିଶୋର ମହାରଣା, ଇଂ. ଲମ୍ବୋଦର ମହାରଣା, ମନୋରଞ୍ଜନ ମହାରଣା, ଡାକ୍ତର ଦୀନବନ୍ଧୁ ମହାରଣା, ଦୁର୍ଗାପ୍ରସାଦ ମହାରଣା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ବିଶ୍ୱକର୍ମା ସମାଜର ଉନ୍ନତି ପାଇଁ ବହୁ ଦିଗଦର୍ଶନ ଦେଇଥିଲେ । ସର୍ବଶେଷରେ ଅବସର ପ୍ରାପ୍ତ ଇଂ. ଲକ୍ଷ୍ମୀଧର ମହାରଣା ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ପ୍ରତିଷ୍ଠାତା ଏବଂ ପ୍ରଥମ ସଭାପତି ଅପାର୍ଣ୍ଣ ପ୍ରସାଦ ମହାରଣାଙ୍କ ବିଷୟରେ ବହୁ ଗୁରୁତ୍ୱ ପୂର୍ଣ୍ଣ କଥାର ଆଲୋକ ପାତ କରିଥିଲେ ।

## ନିର୍ବାଚନ କାର୍ଯ୍ୟରେ ନିୟୋଜିତ

# ସରକାରୀ କର୍ମଚାରୀଙ୍କପାଇଁ ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି

ଭୁବନେଶ୍ୱର (ସବ୍ୟୁ): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ମଞ୍ଜୁର କରିଛନ୍ତି । ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀମାନେ ନିର୍ବାହ କରୁଥିବା କାର୍ଯ୍ୟ କଷ୍ଟକର ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଯେଉଁ ସରକାରୀ କର୍ମଚାରୀମାନେ ସାଧାରଣ ନିର୍ବାଚନ, ୨୦୨୪ କାର୍ଯ୍ୟରେ ନିୟୋଜିତ ହେବେ, ସେମାନଙ୍କୁ ଡ୍ୟୁଟି ପରେ ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ଦିଆଯିବ । ସେମାନଙ୍କୁ କ୍ୟାଲେଣ୍ଡର ବର୍ଷରେ ସାଧାରଣତଃ ଗ୍ରହଣୀୟ ସାମୟିକ ଛୁଟି (କାଜୁଆଲ ଲିଭ୍) ଏବଂ ସ୍ୱତନ୍ତ୍ର ଛୁଟି(ସ୍ପେସାଲ ସିଏଲ) ବ୍ୟତୀତ ଏହି ସ୍ୱତନ୍ତ୍ର ସାମୟିକ ଛୁଟି ଦିଆଯିବା ପାଇଁ ସରକାରଙ୍କ ତରଫରୁ ଅନୁମତି ପ୍ରଦାନ କରାଯାଇଛି । ଏସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପତ୍ର ମାଧ୍ୟମରେ ସମସ୍ତ ବିଭାଗ ତଥା ବିଭାଗୀୟ ମୁଖ୍ୟମାନଙ୍କୁ ଜଣାଇଛନ୍ତି । ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କାର୍ଯ୍ୟାଳୟ ମୁଖ୍ୟଙ୍କ ବିଚାର ଓ ନିଷ୍ପତ୍ତି ଆଧାରରେ ଏହି ଛୁଟି ପ୍ରଦାନ କରାଯିବ । ତଦନୁସାରେ ସମସ୍ତ ଅଧସ୍ତନ କାର୍ଯ୍ୟାଳୟ ଗୁଡିକୁ ମଧ ଅବଗତ କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ଏହି ମର୍ମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମଧ ରାଜ୍ୟର ସମସ୍ତ ରାଜସ୍ୱ ଆୟୁକ୍ତ (ଆରଡିସି) ଏବଂ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅବଗତ କରାଯାଇଛି ।

ସେହିପରି ଯେଉଁ ସରକାରୀ କର୍ମଚାରୀମାନଙ୍କୁ ସେମାନେ ଅବସ୍ଥାପିତ ମୁଖ୍ୟାଳୟ ଠାରୁ ଦୂରସ୍ଥାନରେ ଥିବା ନିଜ ମତଦାନ କେନ୍ଦ୍ରକୁ ଯାଇ ନିଜର ମତାଧିକାର ସାବ୍ୟସ୍ତ କରିବାର ଅଛି, ସେମାନଙ୍କୁ ପୂର୍ବ ନିର୍ବାଚନ ସମୟରେ ସର୍ବାଧିକ ଦୁଇ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟିକୁ ଅନୁମତି ପ୍ରଦାନ କରାଯାଇଛି । ଓଡ଼ିଶାରେ ଆଗାମୀ ୧୩.୦୫.୨୦୨୪ (ସୋମବାର), ୨୦.୦୫.୨୦୨୪ (ସୋମବାର), ୨୫.୦୫.୨୦୨୪ (ଶନିବାର) ଏବଂ୦୧.୦୬.୨୦୨୪ (ଶନିବାର) ରେପର୍ଯ୍ୟାୟ କ୍ରମେ ମତଦାନ ଅନୁଷ୍ଠିତ ହେଉଥିବାରୁ ଚଳିତ ସାଧାରଣ ନିର୍ବାଚନ-୨୦୨୪ରେ ମଧ ସମାନ ସୁବିଧା ମିଳିବ ବୋଲି ନିଷ୍ପତ୍ତିନି ଆଯାଇଛି । ମତଦାନ ଦିନ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସରକାରୀ ଛୁଟି ଘୋଷଣା କରାଯାଇଛି । କିନ୍ତୁ ସରକାରୀ କର୍ମଚାରୀ, ଯେଉଁମାନେ ସେମାନଙ୍କ ମତଦାନ କେନ୍ଦ୍ରଠାରୁ ଦୂରରେ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି, ସେମାନଙ୍କୁ ଭୋଟ୍ ଦେବା ପାଇଁସେଠାକୁ ଯିବାକୁ ପଡୁଥିବାରୁ ଉପରୋକ୍ତ ଦିବସ ଗୁଡିକରେ କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ଦୁଇ ଦିନ (ମତଦାନର ପୂର୍ବ ଦିନ ଏବଂ ମତଦାନ ପରବର୍ତ୍ତୀ ଦିନ) ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟି ଅନୁମତି ପ୍ରଦାନ କରାଯିବାକୁ ଏ ସଂକ୍ରାନ୍ତରେ ମଧ ମୁଖ୍ୟ ଶାସନ ସଚିବ ପତ୍ର ପ୍ରେରଣ କରିଛନ୍ତି । ଯେଉଁ କର୍ମଚାରୀମାନେ କାର୍ଯ୍ୟରତ ମୁଖ୍ୟାଳୟ ଠାରୁ ଦୂରରେ ଥିବା ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି, କିନ୍ତୁ ସେଦିନ ସେମାନଙ୍କର କାର୍ଯ୍ୟାଳୟ ଥିବା ନିର୍ବାଚନ ମଣ୍ଡଳୀରେ ମତଦାନ ହେଉନଥିବାରୁ ଛୁଟି ପାଉନାହାଁନ୍ତି, ସେମାନଙ୍କୁ ମତଦାନ ପରବର୍ତ୍ତୀ ଦିନ ଆଉ ଗୋଟିଏ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟି ପ୍ରଦାନ କରାଯିବ । ମଞ୍ଜୁର ହେବାକୁ ଥିବା ଛୁଟି ଗୁଡିକୁ ସ୍ୱତନ୍ତ୍ର ସାମୟିକ ଛୁଟି ଭାବରେବିବେଚନାକରାଯିବ, ଯାହା କ୍ୟାଲେଣ୍ଡର ବର୍ଷରେ ଜଣେ ସରକାରୀ କର୍ମଚାରୀଙ୍କ ପାଇଁ ସାଧାରଣତଃ ଗ୍ରହଣୀୟ ୧୫ଦିନର କାଜୁଆଲ ଛୁଟି ଏବଂ ସ୍ପେଶାଲ କାଜୁଆଲ ଛୁଟିର ସମୁଦାୟ ଅବଧିକୁହିସାବରେ ବିଚାରକୁ ନିଆଯିବନାହିଁ । ଏ ସଂପର୍କରେ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ଆଧାରରେ କର୍ମଚାରୀଙ୍କ ଲିଖିତ ଆବେଦନକୁ ବିଚାରକୁ ନେବା ପାଇଁ ଯଥେଷ୍ଟ ହେବ । ସରକାରୀକାର୍ଯ୍ୟରେ କ୍ଷତି ନପହଞ୍ଚାଇ କର୍ମଚାରୀମାନଙ୍କୁ କିପରି ଛୁଟି ପ୍ରଦାନ କରାଯାଇପାରିବ, ସେ ସମ୍ପର୍କରେ ଛୁଟି ମଞ୍ଜୁରକାରୀ କର୍ତ୍ତୃପକ୍ଷ ଧ୍ୟାନ ଦେବେ । ସାଧାରଣତଃ କର୍ମଚାରୀମାନେ ସେମାନଙ୍କ ମତାଧିକାର ପ୍ରୟୋଗରେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ , ସେ ସଂପର୍କରେ ଦୃଷ୍ଟି ଦେବାକୁ ସବୁ ବିଭାଗୀୟ ମୁଖ୍ୟ, ସମସ୍ତ ସରକାରୀ ଉଦ୍ୟୋଗ,ନିଗମ ଓ ବୋର୍ଡର କର୍ତ୍ତୃପକ୍ଷମାନଙ୍କୁ ଉପରୋକ୍ତ ମର୍ମରେ ପତ୍ର ପ୍ରେରଣ କରାଯିବା ସହ ସେହି ଅନୁଯାୟୀ ସବ୍-ଅର୍ଡିନେଟ୍ ଅଫିସଗୁଡ଼ିକୁ ମଧ ଅବଗତ କରାଯିବା ସଂପର୍କରେ ପତ୍ରରେ ଉଲ୍ଲେଖ ରହିଛି ।

# ଭଗବାନପୁରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ୟ ବାର୍ଷିକ ଉତ୍ସବ



ଭୁବନେଶ୍ୱର (ସବ୍ୟୁ): ନିକଟସ୍ଥ ଭଗବାନପୁରଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ୟ ବାର୍ଷିକ ଉତ୍ସବ ଗତକାଲି ସ୍ଥାନୀୟ କଣ୍ଢେଇ ମେଳଣ ପଡ଼ିଆଠାରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୫ନଂ ୱାର୍ଡ କର୍ପୋରେଟର ରଶ୍ମୀରଞ୍ଜନ ପାଟଶାଣୀ ଓ ସମାଜସେବୀ ଜାନକୀ ବଲ୍ଲଭ ପଟ୍ଟନାୟକ, ସତ୍ୟନାରାୟଣ ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ଅତୀଶ କୁମାର ମାର୍ଥା, ପ୍ରତାପ କୁମାର ସାହୁ (କନିଷ୍ଠ ଯନ୍ତ୍ରୀ), ପ୍ରାଣ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟକୁ ସତ୍ୟନାରାୟଣ ମହାନ୍ତି ପରିଚାଳନା କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ରଶ୍ମିତା ରଥ ବାର୍ଷିକ ବିବରଣୀ ପଠନ କରିବା ସହିତ ବିଦ୍ୟାଳୟର କେତେକ ମୌଳିକ ସମସ୍ୟାକୁ କର୍ପୋରେଟରଙ୍କ ନିକଟରେ ଉପସ୍ଥାପନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ତନ୍ମୟୀ ମହାପାତ୍ର ପରିଚାଳନା କରିଥିଲେ । ଶେଷରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ମା' ଛୋଟି ଭୁଆଷୁଣୀଙ୍କ ନିକଟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଷଡ଼ଙ୍ଗୀ ଓ ବିଦ୍ୟାଳୟର ସମସ୍ତ ଗୁରୁଜି ଗୁରୁମାଙ୍କ ଏଭଳି ପ୍ରଶଂସିତ କାର୍ଯ୍ୟକ୍ରମକୁ ଉପସ୍ଥିତ ଥିବା ପାତ୍ରପଡ଼ା ଓ ଭଗବାନପୁର ତଥା ଆଖପାଖର ସମସ୍ତ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ ।

# ଓକିଲ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳିତ

ନିମାପଡା,(ସବ୍ୟୁ): ତହସିଲ କାର୍ଯ୍ୟାଳୟ ପରିସରରେ ନିମାପଡା ଓକିଲ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି ।ସଂଘର ପୂର୍ବତନ ସଭାପତି ଶୁଭେନ୍ଦୁ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ମାଧବ ଚନ୍ଦ୍ର ସାହୁ ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ସହିତ ରାଜ୍ୟ ପୁଲିସର ପ୍ରତିଷ୍ଠା ଦିବସ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଭାତ ବେହେରା,ଦିଲ୍ଲୀପ ପଟ୍ଟନାୟକ,ପ୍ରଭାତ କୁମାର ନାୟକ,ବିନୋଦ ମହାନ୍ତି,ପ୍ରଶାନ୍ତ କୁମାର ମିଶ୍ର,ବାଦଲ ରଥ,ସରୋଜ ମହାନ୍ତି,ବସନ୍ତ କୁମାର ରାଉତ,କଂଗ୍ରେସ ନେତା ବିଜୟ ପ୍ରଧାନ,ଦେବରାଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ




ଭୁବନେଶ୍ୱର (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍- 'ସେନ୍ ଗ୍ଲୋବ' ପକ୍ଷରୁ ଆଜି ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଚେୟାରପର୍ସନ ଅଳକା ମିଶ୍ର, ୟୁଏନ୍ଏଫ୍‌ପିଏ ଓଡ଼ିଶାର ମହମ୍ମଦ ନଦିମ୍ ନୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରି ଶ୍ରୀମତୀ ମିଶ୍ର କହିଲେ, ଅଟିଜିମ୍ ଅର୍ଥ ଅକ୍ଷମ ନୁହେଁ । ଏହା ହେଉଛି ଭିନ୍ନକ୍ଷମ । ଏହି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ସାଧାରଣ ପିଲାମାନଙ୍କ ପରି ସକ୍ଷମ କରାଯିବାର ଆବଶ୍ୟକତା ରହିଛି । ଏହି ଭିନ୍ନକ୍ଷମ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଜୀବନ କୌଶଳ ତାଲିମ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ଶିଶୁଙ୍କ ଭଳି ପ୍ରତ୍ୟେକ ଭିନ୍ନକ୍ଷମ ଶିଶୁ ମଧ ସ୍ୱତନ୍ତ୍ର ଓ ଅନନ୍ୟ ବୋଲି ବୋଲି ମହମ୍ମଦ ନୁର କହିଥିଲେ । ସେମାନଙ୍କୁ ବିଭିନ୍ନ ସର୍ଜନାତ୍ମକ ଭାବେ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ । ସେମାନଙ୍କ ମଧ୍ୟରେ ସର୍ଜନଶୀଳତାର ବିକାଶ ପାଇଁ ଯତ୍ନ ନିଆଯିବା ଆବଶ୍ୟକ ବୋଲି ସେ କହିଥିଲେ । ବାପା-ମାଆମାନେ ସେମାନଙ୍କର ଭିନ୍ନକ୍ଷମ ସନ୍ତାନସନ୍ତତିଙ୍କୁ ଅଧିକ ସ୍ନେହ, ଆଦର ଦେଇ ସେମାନଙ୍କର ଯତ୍ନ ନେବାକୁ ଶ୍ରୀମତୀ ବଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ୍ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ । ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଦଣ୍ଡଯାତ୍ରା ପାଇଁ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର



ବୁଗୁଡ଼ା, (ସବ୍ୟୁ) : ସଂପ୍ରତି ଦଣ୍ଡଯାତ୍ରା ଯୋଗୁଁ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ସହ ଚଳଚଞ୍ଚଳ ହୋଇଉଠିଛି। ବୁଗୁଡା ବ୍ଲକର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳରେ ମଧ୍ୟ କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗରଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭସ୍ଥାପନର ସୁଦୃଶ୍ୟ ସାଙ୍ଗକୁ ଝୁଣାର ମହକ ଓ ଗଗନ ପବନ ପ୍ରକମ୍ପିତ ଢୋଲ ଶବ୍ଦ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥି ସହ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି। ଅନ୍ୟପକ୍ଷରେ ଦଣ୍ଡଯାତ୍ରା କାଳରେ ବାନା, ବାଡି, ବେତ, ପିଞ୍ଛମୁଠା, ଫୁଲମାଳ, ନବାତ ଓ ଫଳ ଆଦି ପୂଜା ସାମଗ୍ରୀ କ୍ରୟ ସକାଶେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ବିଭିନ୍ନ ଦୋକାନରେ ଦେଖିବାକୁ ମିଳୁଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ଛବି ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି ।

# ଦୋଳଗୋବିନ୍ଦ ବେହୁରା ଫାଉଣ୍ଡେସନ ପକ୍ଷରୁ ଉତ୍କଳ ଦିବସ ପାଳିତ




ବାଲିକୁଦା, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତରେ ଦୋଳଗୋବିନ୍ଦ ବେହୁରା ଫାଉଣ୍ଡେସନ ପକ୍ଷରୁ ୨୦୨୪ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତରେ ଥିବା ୪ଟି ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ନେଇ ରଙ୍ଗାରଙ୍ଗ ଭାବରେ ଉତ୍କଳ ଦିବସ ପାଳନ କରିଛନ୍ତି ପଞ୍ଚାୟତବାସୀ । ଦୋଳଗୋବିନ୍ଦ ବେହୁରା ଫାଉଣ୍ଡେସନର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ଶ୍ରୀନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅୟକର କମିଶନର ତଥା ବିଶିଷ୍ଟ କବି ଶରତ ଦାଶ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ବାଲିକୁଦା ବ୍ଲକର ପୂଜ୍ୟ ପୂଜା ସଂସଦର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ କୈଳାସ ବିଶ୍ୱାଳ , ସମ୍ମାନୀତ ଅତିଥି ଭାବରେ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ମିନତୀ ବେହେରା କ୍ୟାନସର ପ୍ରିଷ୍ଠାନର ଅଧକ୍ଷା ସୁଚିସ୍ମିତା ପୃଷ୍ଟି ଓ ବାଲିକୁଦା ବ୍ଲକର ପୂଜ୍ୟ ପୂଜା ସଂସଦର ତଥା ବିଶିଷ୍ଟ ଶିକ୍ଷାବିତ ଅରୁଣ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଉତ୍କଳ ଦିବସକୁ ନେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଭିଭାଷଣ ରଖିଥିଲେ । ସ୍କୁଲ ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ହେବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ବନ୍ଦେ ଉତ୍କଳ ଜନନୀ ଗୀତ ବୋଲି ଦର୍ଶକ ମାନଙ୍କୁ ଉତ୍ସାହିତ କରିଥିଲେ । କଣ୍ଠଶିଳ୍ପୀ ଦିଲ୍ଲିପ ବେହେରାଙ୍କ ଭଜନ ଉପସ୍ଥିତ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ତରାସାହି ପଞ୍ଚାୟତର ଯାଦବମାନଙ୍କର ପାରମ୍ପାରିକ ନଉଡି ନାଚ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା । ଅନୁଷ୍ଠାନ ତରଫରୁ ତରାସାହି ପଞ୍ଚାୟର ୪ଜଣ ପ୍ରତିବାନ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଅଧିକାରୀ ପବିତ୍ର ବେହେରାଙ୍କୁ ଗାଁ ଗୌରବ ସମ୍ମାନ , ଉଦୟମାନ କଣ୍ଠଶିଳ୍ପୀ ଦୀଲିପ ବେହେରାଙ୍କୁ ସଂଗୀତ ଗୌରବ ସମ୍ମାନ , ଯୁବ ଆଇନଜୀବି ସମୀର ପ୍ରସାଦ ବେହେରାଙ୍କୁ ଆଇନ ସେବା ସମ୍ମାନ ଓ ପଞ୍ଚାୟତରେ ସଫଳ ମହିଳା ଉଦ୍ୟୋଗୀ ଭାବରେ ଚପଳା ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ଏହା ସହିତ ଚିନ୍ତାମଣି ବିଦ୍ୟାପିଠର ଦଶମ ଶ୍ରେଣୀ ଛାତ୍ରୀ ରିଭାଶ୍ରୀ ପ୍ରିୟଦର୍ଶନୀ ବେହେରା , ନବମ ଶ୍ରେଣୀ ଛାତ୍ରୀ ଶିଆଳୀ ମଲ୍ଲିକ , ଅନୁଷ୍କା ଅନନ୍ୟା , ଅଷ୍ଟମ ଶ୍ରେଣୀ ସାଇସ୍ମିତା , ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସପ୍ତମ ଶ୍ରେଣୀ ଛାତ୍ରୀ କ୍ରିଷ୍ଣା ଦାସ ଓ ଷଷ୍ଠ ଶ୍ରେଣୀ ଛାତ୍ର ସୌମ୍ୟଜିତ ବେହେରା , ତରସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଶୁତୋଷ ଗୁରୁଙ୍କୁ ନିଜ ନିଜେ ଶ୍ରେଣୀରେ ଭଲ ପାଠପଢୁଥିବା ଯୋଗୁଁ ଦୋଳଗୋବିନ୍ଦ ବେହୁରା ଫାଉଣ୍ଡେସନ ପକ୍ଷରୁ ସମସ୍ତ ଛାତ୍ର ଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା କଥା ବରିଷ୍ଠ ସମ୍ବାଦିକ ଦେବାଶିଷ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକର୍ମକୁ ପରିଚାଳନ କରିବାରେ ରାମଚନ୍ଦ୍ର ବିଶ୍ୱାଳ ,ସୌମ୍ୟରଞ୍ଜନ ବିଶ୍ୱାଳ , ସୁବାସ ମହାରଣା , ଫକିର ବିଶ୍ୱାଳ, ଫିରୋଜ ଖଣ୍ଡୁଆଳ , ସଂଜିବ ମହାନ୍ତି , ଦେବେନ୍ଦ୍ରନାଥ ବାରିକ , ରିତିକ ରୋସନ ମହାନ୍ତି ଓ ଉଲ୍ଲାସ ଦାସ ସହଯୋଗ କରିଥିଲେ ।

## ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ, ଢୋଲ ମହୁରୀରେ କମ୍ପୁଛି ଗାଆଁଦାଣ୍ଡ

ବାଲିଗୁଡା,(ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହିତ ଆରମ୍ଭ ହୋଇଯାଇଛି ପ୍ରସିଦ୍ଧ ୧୩ ଦିନିଆ ଦଣ୍ଡଯାତ୍ରା । ଗାଆଁ ଦାଣ୍ଡରେ ଢୋଲ,ମହୁରୀ ସହିତ ଭଜ କଳା ରୁଦ୍ରମଣିଙ୍କୁ ଭଜ ହେ ଶବ୍ଦରେ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ଝୁଣାପଣା ମହକରେ ମହକି ଉଠିଛି ପରିବେଶ । ମଧ୍ୟ ରାତ୍ରିରେ ଝୁଣାଦଣ୍ଡ ରେ ଝୁମି ଉଠୁଛନ୍ତି ଦର୍ଶକ। ବାଲିଗୁଡା ସମେତ ଆଖପାଖର କିଛି ଗ୍ରାମରେ ସୋମବାର ରାତ୍ରରୁ ଆରମ୍ଭ ହୋଇଥିବା ବେଳେ ଆଉ କିଛି ଗ୍ରାମରେ ମଙ୍ଗଳବାର ରାତ୍ରରୁ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ବିଧି ମୁତାବକ ଗ୍ରାମ ଗୁଡିକରେ ମନ୍ଦିର ସକାଳୁ ସକାଳୁ ମନ୍ଦିରରୁ ଠାକୁରଙ୍କୁ ଆବାହନ କରାଯାଇ ଥିବା ପୋଖରୀ ତୁଠରେ ଦଣ୍ଡ ମଧ୍ୟରେ ଠାକୁରଙ୍କୁ ଉଭା କରାଯାଇ ଭୁକ୍ତାମାନେ ନଗର ଭ୍ରମଣ କରିଥିଲେ। ସନ୍ଧ୍ୟା ସମୟରେ ଆଳତି ଅନୁଷ୍ଠିତ ହେବା ସହିତ ମଧ୍ୟ ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଧୂଳିଦଣ୍ଡ ଏବଂ ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା । ବାଲିଗୁଡା ପୋଲିସ୍ ଯାତ୍ରା ସମୟରେ ହେଉଥିବା ବିଭିନ୍ନ ବିଶୃଙ୍ଖଳା ଉପରେ କଡ଼ା ନଜର ରଖାଯାଇଥିବା ସୂଚନା ମିଳିଛି ।

## ନିର୍ବାଚନ ସମୟରେ ଟଙ୍କା, ମାଦକ ଦ୍ରବ୍ୟର କଡାକଡି ଯାଞ୍ଚ ପାଇଁ ବୈଠକ



ବାରିପଦା, (ସବ୍ୟୁ) : ନିର୍ବାଚନ ସମୟରେ ଟଙ୍କା, ମାଦକ ଦ୍ରବ୍ୟ, ଡ୍ରଗ୍ସ ଏବଂ ଅନ୍ୟାନ୍ୟ ଜିନିଷର ପ୍ରବାହ କଡାକଡି ଯାଞ୍ଚ କରିବାପାଇଁ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଉଦୟ କୁମାର ମହାପାତ୍ର ଜିଲ୍ଲାର ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ସହିତ ଏକ ସମନ୍ୱୟ ବୈଠକ କରିଛନ୍ତି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ମାନଙ୍କର ଅଧିକାରୀ ମାନଙ୍କୁ ନିର୍ବାଚନ ସମୟରେ କୌଣସି ପ୍ରକାରର ଟଙ୍କା, ମାଦକ ଦ୍ରବ୍ୟ, ଡ୍ରଗ୍ସ, ଭଳି ଅଣଔଚିତ୍ୟ ଜିନିଷର ଦେଣ-ନେଣ ଏବଂ ଅବକାରୀ ଜିନିଷର ଦୁରୁପଯୋଗ ରୋକିବା ପାଇଁ କଡାକଡି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଏବଂ ଉତ୍ତମ ବ୍ୟବସ୍ଥିତ ଢଙ୍ଗରେ କରିବାପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ମୁଖ୍ୟ ଏବଂ ସେମାନଙ୍କ କର୍ମକର୍ତ୍ତା ମାନଙ୍କୁ ନେଇ ଗଠିତ ଏହି ଦଳ ମାନଙ୍କୁ ଆନ୍ତଃରାଜ୍ୟ ଏବଂ ଆନ୍ତଃ ଜିଲ୍ଲା ସୀମାକୁ ନିୟୋଜିତ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଥିଲା । ଜିଲ୍ଲାପାଳ ଏହା ମଧ୍ୟ କହିଛନ୍ତି ଯେ, ଏହି କ୍ଷେତ୍ରରେ କୌଣସି ପ୍ରକାରର ଔଦ୍ଧତ୍ୟକୁ ଗ୍ରହଣ କରାଯିବ ନାହିଁ ଏବଂ ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଏହି ସବୁର ଯାଞ୍ଚ କଡାକଡି ହେବା ସହିତ, ନିୟମ ଉଲଂଘନକାରୀଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ବୈଠକରେ ଉପ-ଆୟୁକ୍ତ, ସିଟି, ଜିଏସ୍ଟି, ବାରିପଦା ଡିଭିଜନ, ଆୟକର ଅଧିକାରୀ, ବାରିପଦା, ଅବକାରୀ ଅଧିକ୍ଷକ, ମୟୂରଭଞ୍ଜ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସର କାଳୀନ ସମ୍ବର୍ଦ୍ଧନା

ରମ୍ଭା, (ସବ୍ୟୁ): ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟବାନ ପଟେଲ-ଅଧିକ୍ଷଣ ଯନ୍ତ୍ରୀ ଗଞ୍ଜାମ ରାସ୍ତା ଓ କୋଠା ବାଡ଼ି ବିଭାଜନ ନଂ-୨ ବ୍ରହ୍ମପୁର ମୁଖ୍ୟ ଅତିଥି, ଜି. ରାଜ ଗୋପଳ ନିର୍ବାହୀ ଯନ୍ତ୍ରୀ ସମ୍ମାନିତ ଅତିଥି, ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ନିର୍ମଳ ନାୟକ, ସହିତ ବ୍ରହ୍ମପୁର ପୂର୍ତ୍ତ ବିଭାଗ ନଂ-୨ ଅଧିନସ୍ଥ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଭାରେ ଏ. ଇ. ଜି. ଛତ୍ରପୁର ମଳୟ ସାହୁଙ୍କୁ ରମ୍ଭା ପୂର୍ତ୍ତ ନିଭାଗର ଦାୟିତ୍ୱ ହସ୍ତାନ୍ତର ହୋଇଥିବା ଖବର ମିଳିଛି । କାର୍ଯ୍ୟକ୍ରମକୁ ରମ୍ଭା ପୂର୍ତ୍ତ ବିଭାଗ କୋଷାଧକ୍ଷ ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ, ଅରୁଣ ବାରିକ, କିଶୋର ଚନ୍ଦ୍ର ଘୋଷ, ବିପିନ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବୁଗୁଡ଼ା, (ସବ୍ୟୁ): ଚଳିତ ବର୍ଷ ଅପ୍ରେଲ ୨ ତାରିଖରୁ ନୂତନ ଶିକ୍ଷାବର୍ଷର ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ସମେତ ବୁଗୁଡା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ଅବସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଶିକ୍ଷାନୁଷ୍ଠାନର ପ୍ରବେଶ ପଥରେ ଶିକ୍ଷାର୍ଥୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟ ଗୁଡିକରେ ପ୍ରବେଶ ଉତ୍ସବ ପାଳନ ଯୋଗୁଁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ, ବିଦ୍ୟାରମ୍ଭ

ରମ୍ଭା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ଓ ବିଦ୍ୟାରମ୍ଭ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ପରିଡା (ମୁଖ୍ୟ ଅତିଥି ), ସଭାପତି ଏମ ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ରାମଚନ୍ଦ୍ର ବାଡ଼ତୀୟା, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧମରେ ଉତ୍କୃଷ୍ଟ କଳା ଓ ସଂସ୍କୃତିର ଭୂମି ଉତ୍କଳ ଜନନୀର ମହିମା, ଉତ୍କଳ ପ୍ରଦେଶ ଗଠନରେ ବରେଣ୍ୟ ମହାପୁରୁଷଙ୍କ ଅବଦାନ ଉପରେ ଉଲେଖ କରାଯାଇଥିଲା। ଗୁରୁଜୀ ଗୁଣାକାର ତ୍ରିପାଠୀ ଅତିଥି ପରିଚୟ ଦେଇଥିବା ବେଳେ ଗୁରୁଜୀ ରବୀନ୍ଦ୍ର କୁମାର ମହାରଣା କୃତଜ୍ଞତା ଜ୍ଞାପନ କରିଥିଲେ। ତତ ସହିତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ନାହାକଙ୍କୁ ପୌରହିତରେ ଅନୁଷ୍ଠାନରେ ହୋମ ଯଜ୍ଞ ସହିତ ବିଦ୍ୟାରମ୍ଭ ଦିବସରେ ଶିଶୁ ଭାଇଭଉଣୀ ମାନଙ୍କର ଚଳିତ ଶିକ୍ଷା ବର୍ଷ ଶୁଭ ଓ ମଙ୍ଗଳମୟ ହେଉ ମା ଶାରଦାଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ। ଶିବିରକୁ ପରିଚାଳନା କରିଥିଲେ ଗୁରୁଜୀ ରିଣ୍ଟୁ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ବି. ପ୍ରକାଶ ପାତ୍ର, କୈଳାସ ଚନ୍ଦ୍ର ନାୟକ, ଗୁରୁମା ରୀନା ମାନସିଂହ, ରଶ୍ମିତା ତରାଇ, ପ୍ରବାସିନୀ ତରାଇ ପ୍ରମୁଖ ।

## ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ

ରମ୍ଭା, (ସବ୍ୟୁ): ଗଞ୍ଜାମ ସହର ଅନତିଦୂରରେ ଅବସ୍ଥିତ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ବଟାଲିୟନ ପରିସରରେ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦୁର୍ଗପତି ଶରଦା ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିପାହୀ ମାନଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡ଼ ରେ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ପୋଲିସ ମାନଙ୍କ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ କୁ ଠିକ ଭାବେ ଅନୁପାଳନ କରିବା ପାଇଁ ଦୁର୍ଗପତି ଶ୍ରୀ ଦାଶ ଉପସ୍ଥିତ ପୋଲିସ ବାହିନୀକୁ ପରାମର୍ଷ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ ପ୍ରତିକୂଳ ପରିବେଷରେ ନିଜ ଜୀବନଙ୍କୁ ବାଜି ଲଗାଇ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ ପୋଲିସ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା । ହାବିଲଦାର ରୁବନ କୁମାର ପଣ୍ଡା ଓ ସିପାହୀ ସୁରେନ୍ଦ୍ର ବେହେରାଙ୍କୁ ନିଜର କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା । ଉପ ଦୁର୍ଗପତି ପ୍ରଫୁଲ କୁମାର ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ୟାରେଡ କମାଣ୍ଡେଣ୍ଟ ସୁବେଦାର ଦେବାଶିଷ ସ୍ୱାଇଁ, ପ୍ୟାରେଡ ଓ ଆଇ ସି ସୁବେଦାର ପ୍ରଫୁଲ କୁମାର ସେଠୀ, ପ୍ୟାରଡ଼ ଏ ଡି ଜେ ଡି ସୁବେଦାର ରଞ୍ଜିତ କୁମାର ଲେଙ୍କା, ସ୍ପେସିଆଲ ଅଫିସର ଯୁଧିଷ୍ଠିର ରେଡି ଙ୍କ ନେତୃତ୍ୱରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଗସ୍ତି ନୁଆଁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମକ ବୋଧକ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ନିମନ୍ତେ ଦାବିପତ୍ର



ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଳିଙ୍ଗୀ ପଞ୍ଚାୟତର ରାଜନାପଲ୍ଲୀ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗେଦଲପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ କରାଯାଇଛି। ଯାହା ଦ୍ୱାରା ରାଜନାପଲ୍ଲୀ ଗ୍ରାମର ଛାତ୍ର ଛାତ୍ରୀ ମାନେ ନାହିଁ ନଥିବା ଅସୁଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମଙ୍ଗଳବାର ରାଜନାପଲ୍ଲୀ ଗ୍ରାମର ବହୁ ଜନ ସାଧାରଣ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଲିଖିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ରାଜନାପଲ୍ଲୀରୁ ଗେଦଲପଲ୍ଲୀ ଗ୍ରାମକୁ ଯିବା ରାସ୍ତାରେ ଦୁଇ ଗୋଟି ମସାଣି ଥିବା ଯୋଗୁଁ ପିଲା ମାନେ ବିଦ୍ୟାଳୟକୁ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଉକ୍ତ ରାସ୍ତାରେ ବହୁ ହିଂସ୍ର ଜନ୍ତୁ ମାନେ ବୁଲୁ ଥିବାରୁ ଉକ୍ତ ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରିବା ବିପଦଜନକ ବୋଲି ଗ୍ରାମବାସୀ ମାନେ ଉକ୍ତ ସ୍ମାରକ ପତ୍ରରେ ଦର୍ଶାଇଛନ୍ତି । ଏଣୁ ରାଜନାପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ରାଜନାପଲ୍ଲୀ ଗ୍ରାମର ରାମ ଚନ୍ଦ୍ର ପଢିଆରି, ମୋହନ ପଢିଆରି, ଚକ୍ରଧର ପଢିଆରି, ଆଦିକନ୍ଦ ପଢିଆରି, ସିମାଞ୍ଚଳ ପଢିଆରି, ତ୍ରିନାଥ ପଢିଆରି, ଦିଲ୍ଲୀପ କୁମାର ସାହୁ, ରଘୁନାଥ ସାହୁ, ମନୋଜ କୁମାର ମହାନ୍ତି ଙ୍କ ସମେତ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ଯଶୋଦା ଫାଉଣ୍ଡେସନ ପକ୍ଷରୁ ଶାନ୍ତିଲତା ଆଚାର୍ଯ୍ୟ ପ୍ରତିଭା ସମ୍ମାନ



ବାରିପଦା, (ସବ୍ୟୁ) : ଯଶୋଦା ଫାଉଣ୍ଡେସନ ତରଫରୁ ଆଦର୍ଶ କୃତୀ ପ୍ରଧାନଶିକ୍ଷୟିତ୍ରୀ ତଥା ବରିଷ୍ଠ କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ୭୫ତମ ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ ସୁମିତ୍ରା ତରେଇ ଓ ମିଲି ମହାନ୍ତଙ୍କୁ ଶାନ୍ତିଲତା ଆଚାର୍ଯ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଯଶୋଦା ଫାଉଣ୍ଡେସନର ସଭାପତି ପ୍ରତାପ ଚନ୍ଦ୍ର ଧଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଶିଷ ରଞ୍ଜନ ବାସୁରୀ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଶାନ୍ତିଲତା ଆଚାର୍ଯ୍ୟଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ମହେଶ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶ୍ୱିନୀ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛତ୍ରପୁରରେ ବିଜେପି ପକ୍ଷରୁ ଲଢ଼ିବେ କୃଷ୍ଣଚନ୍ଦ୍ର ନାୟକ

ଛତ୍ରପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଛତ୍ରପୁର ବିଧାନସଭା ପାଇଁ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଟିକେଟ ମିଳିଛି । ଏନେଇ ଆଜି ବିଜେପି ପକ୍ଷରୁ ଘୋଷଣା ହେବା ପରେ ବିଜେପି କାର୍ଯ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ଗତ କିଛି ଦିନ ତଳେ ବିଜେଡି ପକ୍ଷରୁ ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାବେ ସୁବାସ ବେହେରାଙ୍କୁ ଟିକେଟ ପ୍ରଦାନ କରାଯାଇଥିବା ବେଳେ ବିଜେପି ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇନଥିଲା । ତେବେ ଆଜି ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟି ପକ୍ଷରୁ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଟିକେଟ ପ୍ରଦାନ କରାଯାଇଛି । ଏହା ପରେ କୃଷ୍ଣ କେନ୍ଦ୍ରୀୟ ନେତା, ଦଳୀୟ ନେତା ଓ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଥାଉକି, ଗତ ସାଧାରଣ ୨୦୧୪ ନିର୍ବାଚନରେ କୃଷ୍ଣ ସିପିଆଇ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିଲେ। ପରେ ସେ ବିଜେପି ଶିବିରରେ ଯୋଗ ଦେଇଥିଲେ । ସେ ବିଜେପିର ଏସସି ସେଲ ର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କାରି ତାଙ୍କୁ ବିଧାୟକ ଟିକେଟ ପ୍ରଦାନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ଖୁସି ଥିବା କହିଛନ୍ତି ।

## ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ମୟୂରଭଞ୍ଜ ପକ୍ଷରୁ ଜରୁରୀ ବୈଠକ



ବାରିପଦା, (ସବ୍ୟୁ) : ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ, ମୟୂରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ବସି ଶିକ୍ଷକ ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଆଲୋଚନା ହେବା ସହିତ ସଂଘ ପକ୍ଷରୁ ବାଇଗଣ ବାଡିଆ ସ୍ଥ ବି.ବି.ମହାବିଦ୍ୟାଳୟର ଅଧକ୍ଷ ଡଃ ସନ୍ଦିପ କୁମାର ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ସହ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଭାପତି ତଥା ବି.ବି. ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡଃ ପ୍ରକାଶ ଚନ୍ଦ୍ର ଦାଶଙ୍କ ପୌରହିତରେ ଆୟୋଜିତ ସଭାରେ ସଂଘର ରାଜ୍ୟ ସମ୍ପାଦକ ତଥା ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନଟବର ଗିରି, ଜିଲ୍ଲା ସମ୍ପାଦକ ପ୍ରତାପ କେଶରି ଷଡଙ୍ଗୀ, ପ୍ରାଧ୍ୟାପକ ବିଶ୍ୱଜିତ୍ ମହାନ୍ତ, ଆଞ୍ଚଳିକ ମହାବିଦ୍ୟାଳୟ, ଗଡିଆର ପୂର୍ବତନ ଅଧକ୍ଷ ଗିରିଶ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ଡଃ ପ୍ରଭାକର ସାହୁ, ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ ଓ ବିଭିନ୍ନ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଡଃ ପଟ୍ଟନାୟକଙ୍କର କର୍ତ୍ତବ୍ୟମୟ ଚାକିରିଜୀବନର ସ୍ମୃତିଚାରଣ କରିବା ସହିତ ତାଙ୍କର ଅବସରକାଳୀନ ଜୀବନର ଶୁଭକାମନା କରିଥିଲେ । ଶେଷରେ ଜିଲ୍ଲା ସମ୍ପାଦକ ପ୍ରତାପ କେଶରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କରାପଲ୍ଲୀରେ ବିଜେଡିର ଯୁବ ଓ ଛାତ୍ର ସମାବେଶ



ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରାପଲ୍ଲୀ ଠାରେ ଆଜି ବିଜେଡିର ଏକ ବିଶାଳ ଯୁବ ଓ ଛାତ୍ର ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଶହଶହ ଯୁବ ଓ ଛାତ୍ର, ଛାତ୍ରୀ ଆଜି କରାପଲ୍ଲୀ ଠାରେ ଏକତ୍ରିତ ହୋଇ ଜୟ ନବୀନ, ଜୟ ବିଜେଡି ନାରା ଦେଇ ଥିଲେ । ଯାହାକି ଆଜି ବିଜେଡିର ଲୋକ ପ୍ରିୟତା କେତେ ତାହା ଅଞ୍ଚଳ ବାସି ଅନୁଭବ କରିଥିଲେ। ବ୍ରହ୍ମପୁରର ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଗୋପାଳପୁରର ବିଧାୟକ ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ସମସ୍ତ ଯୁବ ଏବଂ ଛାତ୍ର ସମାଜ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇ ଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଥିଲେ ଗୋପାଳପୁର ନିର୍ବାଚନମଣ୍ଡଳୀର ଯୁବ ବିଧାୟକ ପ୍ରାର୍ଥୀ ଶ୍ରୀ ବିକ୍ରମ କୁମାର ପଣ୍ଡା। ଆଜିର ଉକ୍ତ କାର୍ଯ୍ୟକ୍ରମଟିର ଦାୟିତ୍ୱ ଏବଂ ପରିଚାଳନାର ଦାୟିତ୍ୱ ନେଇ ଥିଲେ ଗୋପାଳପୁର ଅଞ୍ଚଳର ଜଣା ଶୁଣା ଯୁବ ବିଜେଡି ନେତା ଶିବ ପାତ୍ର ଏବଂ ମଞ୍ଚ ପରିଚାଳନା କରିଥିଲେ ବ୍ଲକ ବିଜେଡି ସଭାପତି ଶ୍ରୀ ଅଜିତ କୁମାର ଦାସ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଚାରିରୁ ପାଞ୍ଚ ହଜାର ଯୁବ ଏବଂ ଛାତ୍ର ଯୋଗ ଦେଇଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ମୋତେ ଗୋପାଳପୁର ନିର୍ବାଚନ ମଣ୍ଡଳୀବାସୀଙ୍କ ସେବକ ଭାବେ ଦାୟିତ୍ୱ ଦେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର ଉପକୃତ ଏବଂ ଏହାର ବିକାଶ ମୋର ଏକ ମାତ୍ର ଲକ୍ଷ୍ୟ ହେବ ବୋଲି କହିବା ସହ ଲୋକଙ୍କ ପାଇଁ ମୋର ଘର ସବୁବେଳେ ଏବଂ ସବୁ ସମୟରେ ଖୋଲା ରହିବ ବୋଲି କହିଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଜିତ ଦାସ, ୫୪ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ଜିଲ୍ଲା ପରିଷଦ ଉପାଧାକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଚିନି. ନରେଶ, ବ୍ଲକ ଉପାଧାକ୍ଷା ଅନିତା ମାହାଙ୍କୁଡ, ଗୋପାଳପୁର ଏନ.ଏ.ସି. ଅଧକ୍ଷ ଏମ. ଜାନକୀ ରାମ, ଯୁବ ବିଜେଡି ନେତା ସୁବାଶିଷ ସାହୁ, (ବଣ୍ଟି ), ଧର୍ମା ରେଡି, ବରିଷ୍ଠ ନେତା ପ୍ରକାଶ ସାମନ୍ତ, ପ୍ରତାପ ଚନ୍ଦ୍ର କୋଠିଆ,୧୭ ନମ୍ବର କର୍ପୋରେଟର ଦୁର୍ଗା କୁମାର ଲାୟକ, ଡେପୁଟି ମେୟର ଇ. ବିବେକ ରେଡ଼ି, ଗଞ୍ଜାମ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲେଶ୍ୱର ରେଡି, ଅଜିତ ରାଉଳ, ଦଣ୍ଡ ପାଣିଗ୍ରାହୀ, ସମାଜସେବୀ ରାମହରି ପାତ୍ର, ଯୁବ ବିଜେଡି ନେତା ସୁବାଷ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ବନ୍ଦ ଘରୁ ବୃଦ୍ଧଙ୍କ ଗଳିତ ମୃତ ଦେହ ଉଦ୍ଧାର

# ପୁଅ ଆଣିଲେ ହତ୍ୟା ଅଭିଯୋଗ : ଦୁଇ ଅଟକ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡା ଗାଁର ଏକ ବନ୍ଦ ଘରୁ ଜଣେ ବୃଦ୍ଧଙ୍କ ମୃତ ଦେହ ମଙ୍ଗଳବାର ଖପ୍ରାଖୋଲ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ମୃତ ଦେହଟି ଛତ୍ରପାଲ ମଲ୍ଲିକ (୬୮) ଙ୍କ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଛାତ୍ରପାଲ ରହୁଥିବା ଘରର କବାଟ ବାହାର ପଟୁ ବନ୍ଦ ରହିଥିବା ବେଳେ ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ପୋଲିସ କୁ ଖବର ଦେଇଥିଲେ । ଖପ୍ରାଖୋଲ ପୋଲିସ ଗାଁ ରେ ପହଞ୍ଚି ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କବାଟ ଖୋଲି ଥିଲେ। ଘରେ ଥିବା ଏକ ଖଟରେ ଗଳିତ ମୃତ ଦେହ ପଡ଼ି ରହିଥିବା ବେଳେ ଦୁର୍ଗନ୍ଧ ବାହାରୁ ଥିଲା । ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ତଦାରକ କରି ମୃତ ଦେହ ଉଦ୍ଧାର କରି ପଞ୍ଚନାମା କରିବା ସହ ଖପ୍ରାଖୋଲରେ ମୃତ ଦେହର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏସଂପର୍କରେ ମୃତକର ପୁଅ ଟେସନ୍ ମଲ୍ଲିକ ତାଙ୍କ ବାପାକୁ ଗାଁ ର କିଛି ବ୍ୟକ୍ତି ଗତ ୩୦ତାରିଖ ଗଣ୍ଡଗୋଳ କରିଥିବା ବେଳେ ସେମାନେ ହତ୍ୟା କରିଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖପ୍ରାଖୋଲ ଥାନା କେସ ନମ୍ବର ୯୧/୨୦୨୪ ରେ ଏକ ମାମଲା ରୁଜୁ କରି ଦୁଇ ଜଣକୁ ଅଟକ ରଖି ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ମୃତ ଛତ୍ରପାଲ ନିଜ ପୁଅ ପାଖରେ ନ ରହି ଅଲଗା ଏକା ରହୁଥିଲା । ଘରୁ ଦୁର୍ଗନ୍ଧ ବାହାରିଲା ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ମୃତ ବୃଦ୍ଧ ଗୁଣି ଗାରେଡ଼ି କହୁଥିବା ବେଳେ ଅନେକ ସମୟରେ ଘରେ ଏକା ରହି ଆସୁଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ ଦଳ ସହ କଣ୍ଟାବାଞ୍ଜି ଏସ ଡି ପି ଓ ଗୌରାଙ୍ଗ ସାହୁ ଉପସ୍ଥିତ ଥିଲେ।

# ସମ୍ବଲପୁର ସହରରେ ଝାଡାବାନ୍ତି : ମାସକରେ ୩୪ ଆକ୍ରାନ୍ତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ପଡାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ପ୍ରତ୍ୟହ ନୂଆଁନୂଆଁ ରୋଗୀ ଚିହ୍ନଟ ହେଉଛନ୍ତି । ବିଶେଷ ଭାବେ ସହରର ମୈତ୍ରୀ ନଗର ଓ ଚେରୁଆପଡାରେ ଅଧିକ ରୋଗୀ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏଭଳିସ୍ଥଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରକୁ ଘର ଯାଇ ସଚେତନତା କରିଛି । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଠେମରା ପକ୍ଷରୁ ମୈତ୍ରୀ ନଗରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା । ମେଡିକାଲ ଟିମ୍ ଓଆରଏସ୍ ପାଉଡର ବାଣ୍ଟିବା ସହ ପାଣି ଫୁଟାଇ ପିଇବା ଓ ପରିବେଶ ସଫାସୁତୁରା ରଖିବାକୁ ପରାମର୍ଶ ଦେଇଥିଲା । ଏହି କାର୍ଯ୍ୟକ୍ରମରେ ଡା. ସୁନୀଲ କୁମାର ମିଶ୍ର, ଫାର୍ମାସିଷ୍ଟ ଜନ୍ମେଜୟ ଲହରିଆ, ଏଏନ୍ଏମ୍ ମମତା ଦାଶ, ସ୍ୱାସ୍ଥ୍ୟକର୍ମୀ ତରଣୀ ବାଗ, ସ୍ୱେଚ୍ଛାସେବୀ ଗୋପାଳଚନ୍ଦ୍ର ସାହୁ, ଆଶାକର୍ମୀ ପ୍ରୀତିମଞ୍ଜରୀ ସାହୁ, ଲକ୍ଷ୍ମୀ ତାଣ୍ଡି, ବର୍ଷା ବେନକାଡ ଓ ଦୁଲଣା ବାଗ ପ୍ରମୁଖ ସହଯୋଗ କରିଥିଲେ ।

### ମେଡିକାଲ ଟିମ୍‌ର ସଚେତନତା

ସହରରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ପ୍ରଭାବିତ ଅଞ୍ଚଳକୁ ମେଡିକାଲ ଟିମ୍ ପଠାଯାଇଛି । ଜନସଚେତନତା କରାଯିବା ସହ ଏହି ଅଞ୍ଚଳର ପାଣି ନମୁନା ସଂଗ୍ରହ କରାଯାଇଛି । ଏହାକୁ ପରୀକ୍ଷା ପାଇଁ ପଠାଯାଇଛି । ତେବେ ୧ମାସ ମଧ୍ୟରେ ସହରରେ ମାତ୍ର ୩୪ଜଣ ସଂକ୍ରମିତ ହୋଇଛନ୍ତି । ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ୱାର୍ଡରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି । ତେବେ ଭୟଭୀତ ନହେବା ସହ ପାଣି ଫୁଟାଇ ପିଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତାରାଣୀ ମିଶ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ହୀରାକୁଦର କାଲୁପଡା, ଗୌଡପଡା, ଗୁରୁଦ୍ୱାରାପଡା ଓ ନ୍ୟୁ ମାର୍କେଟ ଅଞ୍ଚଳରେ ଝାଡାବାନ୍ତି ରୋଗ ବ୍ୟାପିଥିଲା । ଏଥିରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ । ଗତକାଲି ହୀରାକୁଦ ଡାକ୍ତରଖାନାରେ ୭ ଜଣ ଚିକିତ୍ସା ହେଉଥିଲେ । ତେବେ ମୃତ୍ୟୁର କାରଣ ଝାଡାବାନ୍ତି ନୁହେଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି । ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାର୍ଯ୍ୟରେ ଅବହେଳା ଦର୍ଶାଇ ଏମାନଙ୍କୁ ନିଲମ୍ବିତ କରାଯାଇଛି । ତେବେ ଦୂଷିତ ପାନୀୟ ଜଳ ଯୋଗାଣ ଯୋଗୁଁ ଏଭଳି ଅବସ୍ଥା ଉପୁଜୁଥିବା ଅଭିଯୋଗ ହେଉଛି ।

# ରେଳ ଷ୍ଟେସନରୁ ଗଞ୍ଜେଇ ଜବତ, ୨ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ଷ୍ଟେସନର ପ୍ଲାଟଫର୍ମ ନଂ-୨ରୁ ଗଞ୍ଜେଇ ଜବତ ହୋଇଛି । ଏନେଇ ଜିଆରପି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଜିଆରପି ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ବେଳେ ୨ଜଣଙ୍କୁ ସନ୍ଦେହ କରି ଯାଞ୍ଚ କରାଯାଇଥିଲା । ଯାଞ୍ଚବେଳେ ତାଙ୍କ ନିକଟରୁ ୪୫କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏହି ଅଭିଯୋଗରେ ବିହାର ରାଜ୍ୟର ମନସା ଦେବୀ(୩୫) ଓ ଗୁଲାମ ଜିଲାନି(୧୯)ଙ୍କୁ ଗିରଫ କରାଯାଇଛି । ଏମାନେ ଟ୍ରେନ ଯୋଗେ ଗଞ୍ଜେଇ ଚୋରାଚାଲାଣ କରିବାକୁ ଷ୍ଟେସନରେ ଅପେକ୍ଷା କରିଥିବା ପୋଲିସ କାବୁ କରି ନେଇଥିଲା ।

# ପଲଶାଗୋରା ଫଲଶାଫୁଲ କଲାପଟାର ତୃତୀୟ ବାର୍ଷିକ ଉତ୍ସବ

କଣ୍ଟାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କୋଶଲି ସାହିତ୍ୟ ଅନୁଷ୍ଠାନ ଫଲଶାଫୁଲର ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ଠାରେ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସାଂସ୍କୃତିକ ଶୋଭାଯାତ୍ରା ନଗର ପରିକ୍ରମା ପରେ ସଭାମଞ୍ଚକୁ ପହଞ୍ଚିଥିଲା । ପରେ ଅନୁଷ୍ଠାନର ସଭାପତି ଅଜିତ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋଶଲି କବି ଦେବେନ୍ଦ୍ର ନାଏକ ମୁଖ୍ୟଅତିଥି ,କଦମଫୁଲ ସାହିତ୍ୟ ଅନୁଷ୍ଠାନର ସଭାପତି ଯୁଧିଷ୍ଠିର ଖମାରୀ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଶିକ୍ଷକ ସତ୍ୟଭାନୁ ଦଣ୍ଡୁଆସି, ଭାଗିରଥି ରଥ, ଅନୁଷ୍ଠାନ ର ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ବଳଦେବ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ରହି ଫଲଶାଫୁଲ ଅନୁଷ୍ଠାନ ବିଷୟରେ କହିଥିଲେ । ସମ୍ପାଦକ ପ୍ରଭାତ କୁମାର ଖମାରୀ ଅତିଥି ପରିଚୟ,ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଏକ ଲୋଗୋ ଉନ୍ମୋଚନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରଭାସିନୀ ଭୋଇ (ଜାମଖାରି,ବଲାଙ୍ଗିର ), ଯଶୋବନ୍ତ କୁମ୍ଭାର (ଭରସୁଜା ବଲାଙ୍ଗିର), ସମାଜସେବୀ ଯଦୁ ବିହାରୀ ବାଘ (କଣ୍ଟାମାଳ ), କୃଷ୍ଣ ପ୍ରସାଦ ଭୋଇ (ରୁଗୁଡିପାଲି ),ପୂର୍ଣ୍ଣ ଚନ୍ଦ୍ର ପୁଟେଲ (କଣ୍ଟାମାଳ )ଓ ସାମ୍ବାଦିକ ଭାର୍ଜନ ପ୍ରଧାନ, ସୀତାକାନ୍ତ ସିଂ, ଦେବାଶିଷ ମଲିକଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । କମିଟିର ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ସାହୁ ସଭାକୁ ସଂଯୋଜନା କରିଥିଲେ । କମିଟି ସହ ସମ୍ପାଦକ ଅଂଶୁମାନ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୃତ୍ୟୁ ବି ଏମିତି ଆସେ

# ହୃଦଘାତରେ ପ୍ରଧାନଶିକ୍ଷକ ଦୟାସାଗରଙ୍କ ପରଲୋକ



ମୁରିବାହାଲ,(ସବ୍ୟୁ): ମୃତ୍ୟୁ ବି ଏମିତି ଆସେ କେହି କେବେ କଳ୍ପନା କରି ପାରିବେନି । ମଣିଷ ଜନ୍ମ ହୋଇଛି,ଦିନେ ତାର ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ଏମିତି ମୃତ୍ୟୁ ଯାହା ଆକସ୍ମିକ ଘଟିଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଲଦୀ ପଞ୍ଚାୟତ ଯମୁନା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୟାସାଗର ଝାଙ୍କର(୪୮)ଙ୍କ କ୍ଷେତ୍ରରେ । ଶ୍ରୀ ଝାଙ୍କର ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସକାଳୁଆ ସ୍କୁଲ ପାଇଁ ସ୍କୁଲକୁ ଆସି ବ୍ୟାଙ୍କକୁ ଯାଉଛି କହି ପୂର୍ବାହ୍ନ ୧୦.୩୦ରେ ସହକାରୀ ଶିକ୍ଷକ ତୀର୍ଥ ମାଝୀଙ୍କୁ ସ୍କୁଲରେ ଥିବାକୁ କହି ବାହାରିଥିଲେ । ସେ ନିଜ ଶିକ୍ଷୟିତ୍ରୀ ପତ୍ନୀ ତଥା ପାଖ ବନବାହାଲ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଯୁଗନିଆ(୩୫)ଙ୍କୁ ଧରି ପ୍ରଥମେ ମୁରିବାହାଲ ୟୁଜିବି ବ୍ୟାଙ୍କ ଓ ପରେ ମୁରିବାହାଲ ଷ୍ଟେଟ ବ୍ୟାଙ୍କକୁ ଯାଇଥିଲେ । ମୁରିବାହାଲ ଷ୍ଟେଟ ବ୍ୟାଙ୍କ ଭିତରେ ଶାଖା ପରିଚାଳକଙ୍କ ସହ ଦିନ ୧୧ଟାରେ ଚୌକିରେ ବସି ଉଭୟ ଶିକ୍ଷକ ଦମ୍ପତି କୌଣସି ବିଷୟରେ ଆଲୋଚନା କରୁଥିଲେ । ହଠାତ ଶ୍ରୀ ଝାଙ୍କର ତାଙ୍କୁ ଭଲ ଲାଗୁନଥିବା କହି ଅସୁସ୍ଥ ଅନୁଭବ କରି ତଳେ ପଡ଼ିଯାଇଥିଲେ । ତାଙ୍କୁ ପତ୍ନୀଙ୍କ ସହ ଅନ୍ୟମାନେ ତୁରନ୍ତ ପାଖ ମୁରିବାହାଲ ସିଏଚସିକୁ ନେଇଥିଲେ । ସେଠାରେ ଦାୟିତ୍ୱରେ ଥିବା ଡ଼ାକ୍ତର ସମସ୍ତ ପ୍ରକାର ପ୍ରାଥମିକ ପରୀକ୍ଷା ପରେ ତାଙ୍କର ହୃଦଘାତରେ ପରଲୋକ ହୋଇଯାଇଥିବା ଘୋଷଣା କରିଥିଲେ । ଏ ସମ୍ପର୍କରେ ଖବର ପାଇ ମୁରିବାହାଲ ଥାନା ପୁଲିସ ହସପିଟାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜିକୁ ପଠାଇଥିଲା । ଏ ନେଇ ମୁରିବାହାଲ ଥାନା ପୁଲିସ୍ ପକ୍ଷରୁ ଅପମୃତ୍ୟୁ କେଶ ନ ୦୮/୨୦୨୪ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଭାରପ୍ରାପ୍ତ ଥାନା ଓଆଇସି ଦନାର୍ଦମ ଓରାମ ପ୍ରକାଶ କରିଛନ୍ତି । ଶ୍ରୀ ଝାଙ୍କରଙ୍କ ପରଲୋକ ଖବର ପାଇ ମୁରିବାହାଲ ସିଏଚସିକୁ ମୁରିବାହାଲ ବିଇଓ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ବହୁ ସାଥୀ ଶିକ୍ଷକ, ଶିକ୍ଷୟିତ୍ରୀ, ଯମୁନା ସ୍କୁଲ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ, ସହକାରୀ ଶିକ୍ଷକ ତୀର୍ଥୟ ମାଝୀ,ଗ୍ରାମର ବହୁ ପୁରାତନ ଛାତ୍ର ଓ ଗ୍ରାମବାସୀ ପହଞ୍ଚି ଶେଷ ଦର୍ଶନ କରିଥିଲେ । ମୃତ ଶ୍ରୀ ଝାଙ୍କରଙ୍କ ପରିବାରରେ ଧର୍ମପତ୍ନୀ ତଥା ଶିକ୍ଷୟିତ୍ରୀ କୁନ୍ତଳା ଯୁଗନିଆ, ୨ ସନ୍ତାନଙ୍କ ମଧ୍ୟରେ ଗୋଟିଏ ପୁଅ ଓ ଝିଅ ଅଛନ୍ତି । ମୂଳତଃ ସଇଁତଳା ବ୍ଲକ ଘୁନସର ଅଞ୍ଚଳର ମୂଳବାସିନ୍ଦା ଶ୍ରୀ ଝାଙ୍କର ଚାକିରୀ ଆରମ୍ଭରୁ ଦୀର୍ଘ ବର୍ଷ ଧରି ମୁରିବାହାଲ ବ୍ଲକ ମୁଖ୍ୟାଳୟରେ ରହୁଥିବା ବେଳେ ଏବେ କିଛି ବର୍ଷ ଧରି ନିଜ ଶ୍ୱଶୁର ଘର ଗାଁ ବଙ୍ଗୋମୁଣ୍ଡାରେ ସପରିବାର ରହୁଥିଲେ। ନିଜ ବାପଘର ସହ ଶ୍ୱଶୁର ଘରଙ୍କ ଉପସ୍ଥିତିରେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଯମୁନା ପିୟୁପିଏସର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସିସି ଦୟାସାଗର ଝାଙ୍କରଙ୍କ ଆକସ୍ମିକ ଅକାଳ ବିୟୋଗରେ ବ୍ଲକ ଅଞ୍ଚଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାପ୍ରେମୀ,ପୁରାତନ ଛାତ୍ରଛାତ୍ରୀ, ଯମୁନା ଗ୍ରାମବାସୀ ଓ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ଡ଼ାକ୍ତରଖାନାରୁ ଫେରାର କଏଦୀ ଧରାପଡ଼ିଲେ

ସୁନ୍ଦରଗଡ଼,(ସବ୍ୟୁ):ରବିବାର ରାତିରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ଜଣେ ବିଚାରାଧୀନ କଏଦୀ ଫେରାର ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। କଏଦୀ ଜଣକ ହେଲେ ଭଷ୍ମା ଥାନା ମଙ୍ଗସପୁର ବାଉଁଶମୁଣ୍ଡାର ଅର୍ଜୁନ ମୁଣ୍ଡା। ସେ ୨୦୨୩ ଡିସେମ୍ବର ୧୮ରେ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫହୋଇ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ଶନିବାର ଦିନ ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ପାଇଁ ଅନ୍ୟ ଜଣେ କଏଦୀ ସହ ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ଅସ୍ତ୍ରୋପଚାର ପରେ ରବିବାର ତାଙ୍କୁ ଅସ୍ତ୍ରୋପଚାର କକ୍ଷରୁ ୱାର୍ଡକୁ ଅଣାଯାଇଥିଲ। । ଜଘନ୍ୟ ହତ୍ୟା ମାମଲାର ବନ୍ଦୀ ଥିବାରୁ ତାଙ୍କ ଉପରେ ପୁଲିସ କଡ଼ା ନଜର ରଖିଥିଲା। ଡାକ୍ତରଖାନା ୱାର୍ଡରେ ୨ ଜଣ ପୁଲିସ କର୍ମଚାରୀ ଜଗିଥିଲେ। କିନ୍ତୁ ସେମାନଙ୍କୁ ଚକ୍କା ଦେଖାଇ ରାତି ପ୍ରାୟ ୨ଟାରେ ଅର୍ଜୁନ ଚମ୍ପଟ ମାରିଥିଲେ। ଏ ନେଇ ଜେଲ୍ କର୍ତ୍ତୃପକ୍ଷ ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ଉପଖଣ୍ଡ ପୁଲିସ ଅଧିକାରୀ ହିମାଂଶୁ ବେହେରା, ଟାଉନ୍ ଥାନାଧିକାରୀ ଆଦିତ୍ୟ ମହାକୁଲ ଜେଲ୍ ଓ ଡାକ୍ତରଖାନାକୁ ଯାଇ ତନାଘନା ଚଳାଇଥିଲେ । ତେବେ, ଫେରାର୍ ହେବାର ୧୨ଘଣ୍ଟାପରେ ଅଭିଯୁକ୍ତ ନିଜ ବାଉଁଶମୁଣ୍ଡା ନିକଟସ୍ଥ ଜଙ୍ଗଲରୁ ଧରାପଡ଼ିଛି।

## କେନ୍ଦ୍ର ସରକାରଙ୍କର ଆଭିମୁଖ୍ୟକୁ କଂଗ୍ରେସର ବିରୋଧ

ଭବାନୀପାଟଣା,(ସବ୍ୟୁ): ଜାତୀୟ କଂଗ୍ରେସ ଦଳର କେନ୍ଦ୍ରୀୟ ବ୍ୟାଙ୍କ ଆକାଉଣ୍ଟକୁ କେନ୍ଦ୍ର ସରକାର ରାଜନୀତି ଆକ୍ରୋଶ ରଖି ସିଜ୍ କରିଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ଅଭିଯୋଗ କରିଛନ୍ତି । ବର୍ତ୍ତମାନ କେନ୍ଦ୍ରର ବିଜେପି ସରକାର ରାଜନୀତି ଆକ୍ରୋଶ ରଖି ବିରୋଧୀ ଦଳ ମାନଙ୍କୁ ବିଭିନ୍ନ ଭାବରେ ହଇରାଣ ହରକତ କରୁଛନ୍ତି। ବିଜେପି ପକ୍ଷରୁ କେନ୍ଦ୍ର ସରକାରଙ୍କ କ୍ଷମତାର ଅପବ୍ୟବହାର କରି କଂଗ୍ରେସର କେନ୍ଦ୍ରୀୟ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯାଇଛି। ଆଗକୁ ନିର୍ବାଚନ ଥିବାବେଳେ ବିଜେପି ପକ୍ଷରୁ ନିର୍ବାଚନୀ ବଣ୍ଡରେ ହୋଇଥିବା ମହାଦୁର୍ନୀତିକୁ ଲୁଚାଇବା ପାଇଁ ଏଭଳି ହୀନ ଉଦ୍ୟମ କରାଯାଇଛି ବୋଲି ସେ କହିଥିଲେ। ସୁପ୍ରିମ କୋର୍ଟଙ୍କ ଦ୍ୱାରା ନିର୍ବାଚନୀ ବଣ୍ଡର ଖୁଲାସା ଯୋଗୁଁ ବିଜେପିର ଅସଲ ମୁଖା ଖୋଲିଯାଇଛି। ତେଣୁ ଏଥିରେ ଭୟଭୀତ ହୋଇ ବିଜେପି ପକ୍ଷରୁ ଏଭଳି ଅନ୍ୟାୟପୂର୍ଣ୍ଣ ଭାବେ ବ୍ୟାଙ୍କ ଆକାଉଣ୍ଟ ସିଜ୍ କଯାଇଥିବାରୁ ଲୋକେ ଆସନ୍ତା ନିର୍ବାଚନରେ ଏହାର କଡ଼ା ଜବାବ ଦେବେ ବୋଲି ଶ୍ରୀ ବେମାଲ କହିଥିଲେ।

## ସମ୍ବଲପୁର ରେଳବାଇ ଡିଭିଜନରେ ୨୦ପ୍ରତିଶତ ଆର୍ଥିକ ଅଭିବୃଦ୍ଧି

ସମ୍ବଲପୁର,(ସବ୍ୟୁ): ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳବାଇ ଡିଭିଜନ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୮୧.୭୨କୋଟି ଟଙ୍କାର ଆୟ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଯାହା ପୂର୍ବବର୍ଷର ଆୟ ୨୦୭୫.୮୭କୋଟି ଆୟ ଠାରୁ ୧୯.୫୫ପ୍ରତିଶତ ଅଧିକ ଅଟେ । ୨୦୨୩-୨୪ ଆର୍ଥିକ ବର୍ଷରେ ମଣ୍ଡଳ ୧୯.୭୮ମିଲିୟନ ଟନ୍ ପଣ୍ୟ ଦ୍ରବ୍ୟ ପରିବହନ କରିଛି । ଯାହା ପୂର୍ବବର୍ଷର ୧୬.୫୫ମିଲିୟନ ଟନ୍ ଠାରୁ ୨୦ପ୍ରତିଶତ ଅଧିକ ଅଟେ । ୨୦୨୩-୨୪ ଆର୍ଥିକ ବର୍ଷରେ କୋଚିଂ ରାଜସ୍ୱ ପ୍ରାୟ ୨୦୪କୋଟି ୭୯ଲକ୍ଷରେ ପହଞ୍ଚିଥିଲା । ଯାହାକି ଏହି କ୍ଷେତ୍ରରେ ପୂର୍ବ ବର୍ଷର ଆୟ ୧୮୩କୋଟି ୪୫ଲକ୍ଷ ତୁଳନାରେ ୧୧.୬୩ପ୍ରତିଶତ ଅଧିକ ଅଟେ । ସେହିପରି ପଣ୍ୟ ପରିବହନ ରାଜସ୍ୱରେ ୨୨୪୧.୭୮ଲକ୍ଷ ରହିଛି । ଯାହା ପୂର୍ବ ବର୍ଷ ତୁଳନାରେ ୨୦.୩୬ ପ୍ରତିଶତ ଅଧିକ ଅଟେ । ଏହି ସଫଳତା ପାଇଁ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଡିଭିଜନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉପଲବ୍ଧି ଓ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅଭିବୃଦ୍ଧି ହାର ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଡିଭିଜନ ଏଭଳି ପରିଶ୍ରମ ଜାରି ରଖିବ ।

## ଚାରମାଳ ଅଞ୍ଚଳରେ ବଢୁଛି ଚୋରି, ପୋଲିସର ନିଷ୍କ୍ରିୟତା

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଚାରମାଳ ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି।କେବେ ଥାନା ପାଖରେ ଥିବା ଦୋକାନରୁ ଭାଙ୍ଗି ଚୋରି କରୁଛନ୍ତି ଦୁର୍ବୃତ୍ତ ତ କେତେବେଳେ ମୋବାଇଲ ଚୋରି ତ କେତେବେଳେ ସାଇକେଲ ଚୋରି ହୋଇ ଆସୁଛି । ମଙ୍ଗଳବାର ସାପ୍ତାହିକ ବଜାରରୁ ବାପୁନା ବାରିକଙ୍କ ବାଇକ ଚୋରି ହୋଇଥିବା ଜଣା ପଡିଛି। ବାପୁନା ବାରିକ ମଙ୍ଗଳ ବାର ଦିନ ସାପ୍ତାହିକ ବଜାରକୁ ପରିବା କିଣି ଯାଇଥିଲେ । ପରିବା କିଣି ସାରିବା ପରେ ବାଇକ ଯେଉଁଠି ରଖିଥିଲେ ସେଇଠି ଦେଖିଲା ବେଳକୁ ନାହିଁ । ସେ ସାଙ୍ଗେ ସାଙ୍ଗେ ଚାରମାଳ ଥାନାକୁ ଆସି ରିପୋର୍ଟ ଦେଇଥିଲେ । ପରେ ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ହେଲେ ସବୁଠାରୁ ବଡ଼କଥା ଚାରମାଳ ସାପ୍ତାହିକ ବଜାରରେ କୌଣସି ପୋଲିସ ହୋମ ଗାର୍ଡ ଡ୍ୟୁଟି କରୁନାହାନ୍ତି । ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଛି । ଯଦି ପୋଲିସ୍ କଡାକଡି ଡ୍ୟୁଟି କି ପୋଟ୍ରାଲିଂ କରନ୍ତା ତାହାହେଲେ ଏହିଭଳି ଚୋରି ହୁଅନ୍ତା ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପୋଲିସ ଏହାର ତଦନ୍ତ କରୁଛି ।

## କେବେ ସରିବ ଶିରିଗାଁ ଅଞ୍ଚଳବାସୀଙ୍କ ଦୁଃଖ

# ବିଦ୍ୟୁତ, ପାନୀୟ ଜଳର ସୁବିଧା ନକଲେ ଭୋଟ ବର୍ଜନ ଚେତାବନୀ



ନର୍ଲା,(ସବ୍ୟୁ): ସାଧାରଣତଃ ଉତ୍ତମ ଗମନାଗମନ,ବିଦ୍ୟୁତ ପାନୀୟ ଜଳର ବ୍ୟବସ୍ଥା ହିଁ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିଥାଏ । କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍ ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଭୂର୍ଟିଗଡ଼ ପଞ୍ଚାୟତ ର ସିରିଗାଁ ସମେତ ୧୦ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଅଭିଶପ୍ତ, ଅସହାୟ ଓ ଅନ୍ଧକାରମୟ ଅବସ୍ଥାରେ । ଏଠିକାର ପ୍ରାୟ ୩୦୦୦ ରୁ ଉର୍ଦ୍ଧ ଲୋକ ୧୫୦୦ ଭୋଟର ଭୂର୍ଟିଗଡ଼ ପଞ୍ଚାୟତ ଅଧିନରେ ତଥା ସିରିଗାଁ, ପାଲକି, କାଦୋମସ୍କା, ଜାନକୀପଦର, କଡ଼ମ ପଦର, ଖାଇରୁଆଁ, ଡେଙ୍ଗସର୍ଗୀ, ମୁଣ୍ଡାବାହାଲ, ଖମନପଡ଼ା,ତେ ତଥେଲପଡ଼ା, ବୋରୋପଡ଼ା, ରେ ଅଛନ୍ତି ରାଜ୍ୟ ସରକାରଙ୍କ ବସୁଧା ପାନୀୟ ଜଳଯୋଗାଣ ଏଠି ଫେଲ୍ ମାରିଛି। ଘରେ ଘରେ ପାଣି ବୋଲି ସରକାର ଡିଣ୍ଡିମି ପିଟୁଥିବା ବେଳେ ଏହି ୧୦ ଖଣ୍ଡ ଗ୍ରାମକୁ ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ମଧ୍ୟ ସରକାରଙ୍କ ମାଳ ମାଳ ଯୋଜନା ଥାଇ ନିରୀହ ଆଦିବାସୀ ମାନେ ଯୋଜନାରୁ ବଞ୍ଚିତ ହେଉଛନ୍ତି । ମୁଖ୍ୟତଃ ବିଦ୍ୟୁତ,ପାନୀୟ ଜଳ, ବୃଦ୍ଧ ବୃଦ୍ଧାଙ୍କ ୯ ମାସ ଭତ୍ତା ନ ମିଳିବାକୁ ନେଇ ସ୍ଥାନୀୟ ପ୍ରଶାସନ,ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ୧୦ ଖଣ୍ଡ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୪/୩/୨୦୨୪ ରେ କଳାହାଣ୍ଡି ଜିଲ୍ଲାପାଳ,ବିଦ୍ୟୁତ ଉପଖଣ୍ଡୀୟ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବା ସହ ପୁନର୍ବାର ଦୁଇ ଦୁଇ ଥର ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଦେଇଥିବା ଜଣାଇଛନ୍ତି । ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ମନ୍ତ୍ରୀ ଥିବାବେଳେ ତଥା ଆଜକୁ ୧୫ ବର୍ଷ ପୂର୍ବେ ଉକ୍ତ ଗାଁ ମାନଙ୍କୁ ବିଦ୍ୟୁତ ସଂଯୋଗ କରିବା ପାଇଁ ବିଦ୍ୟୁତ ଖୁଣ୍ଟ ମାନ ବିଛେଇ ଦେଇଥିଲେ ସୁଦ୍ଧା ଲାଇଟ୍ ଲାଗିବା ଦୂରର କଥା ଖୁଣ୍ଟ ପୋତିବା ପାଇଁ ଗାତ ଖୋଳିଥିବା ଶ୍ରମିକ ମାନଙ୍କ ପାରିଶ୍ରମିକ ଟଙ୍କା ଦେଇ ନଥିବା ଶିରିଗାଁର ବିଦ୍ୟାଧର ପାତ୍ର ପ୍ରକାଶ କରିଛନ୍ତି । ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସିରିଗାଁ ବାସୀପୁଣି ନିଡ ନିଜ ନିଜ ହକ୍ ଲାଗି ଭୋଟ୍ ଦେବାପାଇ ସଙ୍କଟରେ ପଡ଼ି ଯାଇଛନ୍ତି । ପୂର୍ବରୁ ୫୦୦ ମିଟର୍ ଭିତରେ ଭୋଟ୍ ଦେବାକୁ ଯାଉଥିବା ବେଳେ ବର୍ତମାନ ୧୦ କ:ମି ଗଟେନ୍‌କୁ ଯିବାକୁ ପଡୁଛି । ଫଳରେ ଘୋର୍ ସମସ୍ୟା ର ସମ୍ମୁଖୀନ ହେବାକୁ ପଡୁଛି । ଉକ୍ତ ପଞ୍ଚାୟତରେ ଦୀର୍ଘ ଦିନରୁ ବିସ୍ଥାପିତ ଥିବା ପଞ୍ଚାୟତ ଅଧିକାରୀ, ଜିଆର୍ଏସ୍, ଯୋଗାଣ ସହାୟକଙ୍କ ମନମୁଖୀ କାର୍ଯ୍ୟକଳାପ ତଥା ଦୁର୍ନିତିରେ ଲିପ୍ତ ଥିବା ଅଧିକାରୀ ମାନେ ବିଭିନ୍ନ ଭତ୍ତା ବାବଦକୁ ଆସିଥିବା ଅର୍ଥକୁ ମାସକୁ ମାସ ଦେଉ ନଥିବା ହିତାଧୀକାରୀ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏପରି ଲାଞ୍ଚୁଆ ଅଧିକାରୀ ମାନେ ପଞ୍ଚାୟତ ରେ ବର୍ଷ ବର୍ଷ ଧରି କାୟା ବିସ୍ତାର କରି ଗ୍ରାମବାସୀ ମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୁଏ । ଭୂର୍ଟିଗଡ଼ ପଞ୍ଚାୟତର ସିରିଗାଁ ସମେତ ୧୦ ଖଣ୍ଡ ଗ୍ରାମ ର ବିଭିନ୍ନ ସମସ୍ୟା ଥିବାବେଳେ ମୁଖ୍ୟତଃ ବିଦ୍ୟୁତ ଓ ପାନୀୟ ଜଳର ସୁବ୍ୟବସ୍ଥା ନକଲେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ପୁଣି ଏହି ସମସ୍ୟା ମାନ ସମାଧାନ ନକଲେ କୌଣସି ସରକାରୀ ଅଧିକାରୀ ମାନଙ୍କୁ ଗାଁ ଭିତରେ ପୁରାଇ ଦେବୁନାହିଁ ବୋଲି ଗାଁ ମୁଖିଆ ମାନେ ଚେତାବନୀ ଦେଇଛନ୍ତି । ଏହି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଉ ଏକ ସ୍ୱାଧୀନତାକୁ ଅପେକ୍ଷା କରିବାକୁ ପଡ଼ିବ କି ବୋଲି ପ୍ରଶ୍ନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ




ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ଟାଉନ ହଲ ଠାରେ ଜିଲ୍ଲା ସ୍ତରୀୟ ୮୯ ତମ ଓଡ଼ିଶା ଦିବସ ନିର୍ବାଚନ ଦିଶା ନିର୍ଦ୍ଦେଶ ଅନୁଯାୟୀ ମହାସମାରୋହରେ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ , ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି ଏବଂ ମୁଖ୍ୟବକ୍ତା ବୋର୍ଡ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନିଷଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡିଶା ର ବରପୁତ୍ରମାନଙ୍କର ନିସ୍ୱାର୍ଥପର ତ୍ୟାଗ ,ବଳିଦାନଓ ଉଦ୍ୟମ ସମ୍ପର୍କରେ ସ୍ମୃତି ଚାରଣ ସହ ସମୃଦ୍ଧ ଓ ସଶକ୍ତ ଓଡିଶା ତଥା ଓଡ଼ିଆର ସ୍ୱାଭିମାନ କୁ ପାଥେୟ କରି ସ୍ୱପ୍ନର ଓଡ଼ିଶାକୁ ସାକାର କରିବାରେ ସମସ୍ତଙ୍କର ଭୂମିକା ଗୁରୁପୂର୍ଣ୍ଣ ବୋଲି କହିଥିଲେ। ସକାଳ ୭.୩୦ ମି ସମୟରେ ସହରରେ ଅବସ୍ଥାପିତ ୧୩ ଗୋଟି ମହାପୁରୁଷ ପ୍ରତିମୂର୍ତ୍ତି ଠାରେ ନିକଟସ୍ଥ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ଓ ପୂଜ୍ୟପୂଜା କରାଯାଇଥିଲା। ସ୍ଥାନୀୟ ପୌରପରିଷଦ ଛକ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତ୍ତି ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଙ୍କ ସମେତ ବି ଏମ ହାଇସ୍କୁଲ ,ସତ୍ୟ ସାଇ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ସରକାରୀ ଅଧିକାରୀଙ୍କ ଗ୍ରହଣରେ ପୁଷ୍ପମାଲ୍ୟ ଓ ପୂଜ୍ୟପୂଜା କରାଯାଇଥିଲା। ସଂଧ୍ୟା କାର୍ଯ୍ୟକ୍ରମ ଟାଉନ ହଲ ଠାରେ ପ୍ରଦୀପ ପ୍ରଜ୍ୱଳନ, ସଭାକାର୍ଯ୍ୟ ପରେ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ,ଟ୍ରଫି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଜେ କେ ସ୍କୁଲ ଅଫ ଡାନ୍ସ ,ବୃନ୍ଦାବନ ସ୍ମାର୍ଟ ସ୍କୁଲ, ସରକାରୀ ହାଇସ୍କୁଲ ଲାଞ୍ଜିଗଡ ରୋଡ,ନୃତ୍ୟ ରସିକା ଡାନ୍ସ ଏକାଡେମୀ ସମ୍ବଲପୁରୀ ଓ ଲୋକ ନୃତ୍ୟ ପରିବେଷଣ କରିଥିଲେ। ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବିହାରର ଛାତ୍ରୀ ମାନେ ପ୍ରାରମ୍ଭ ରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ୧ ତାରିଖ ରାତ୍ରି ସମୟରେ ବିଭିନ୍ନ ସରକାରୀ ,ବେସରକାରୀ କୋଠା ମାନଙ୍କରେ ଲିଟୁ ଲାଇଟ୍ ଦ୍ୱାରା ସୁସଜ୍ଜିତ କରାଯାଇଥିଲା ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟକ୍ରମ ର ପରିଚାଳନା ଓ ଆୟୋଜନ କରିଥିଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା । କାର୍ଯ୍ୟକ୍ରମକୁ ବିରଞ୍ଚି ମୁଣ୍ଡ ସଞ୍ଚାଳନ କରିଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଶିକ୍ଷକ ରବି କାନୁନଗୋ,ଜିଲ୍ଲା ସଂସ୍କୃତି କାର୍ଯ୍ୟଳୟ ଓ ସୂଚନା ଲୋକ ସମ୍ପର୍କ କାର୍ଯ୍ୟଳୟର କର୍ମଚାରୀ ସହଯୋଗ କରିଥିଲେ। ସଭାରେ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ, କଳାକାର ଅନୁଷ୍ଠାନ ର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

# ଟ୍ରକ୍ ଡ୍ରାଇଭର ସମେତ ଦୁଇ ଗିରଫ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ପେଟ୍ରୋଲିଂ ଓ ଛକ ଗୁଡିକରେ ଯାନାବାହାନ ଯାଞ୍ଚକୁ କଡାକଡି କରାଯାଇଛି । ରାଜ୍ୟ ବାହାରକୁ ବିପୁଳ ପରିମାଣର ଗଞ୍ଜେଇ ଟ୍ରକ ଯୋଗେ ଚାଲାଣ କରାଯାଉଥିବା ବେଳେ ମଙ୍ଗଳବାର ଦିନ ବିଶ୍ୱସ୍ତ ସୁତ୍ରରୁ ସୁଚନା ପାଇଁ ବୌଦ୍ଧ ପୁଲିସର ଏକ ଟିମ୍ ବୌଦ୍ଧ ଥାନା ଅଧିକାରୀ ରଂଜିତ କୁମାର ମୁନିଙ୍କ ନେତୃତ୍ୱରେ ଖୋର୍ଦ୍ଧା -ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବାବେଳେ ପଦ୍ମନପୁର ଛକଠାରେ ଏକ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ । ଟ୍ରକ ମଧ୍ୟରେ ଖୁଦ ଚାଉଳ ମଧ୍ୟରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖି ପୁଲିସ ଟ୍ରକ ସମେତ ଡ୍ରାଇଭର ମଧ୍ୟପ୍ରଦେଶର ରାୱା ଜିଲ୍ଲା ହନୁମାନ ଥାନା ଅନ୍ତର୍ଗତ ଆଲବାକାଲା ଗ୍ରାମର ରାମଦିଲାବର ହରିଜନ(୪୫) ଏବଂ ଲୋଧି ଗ୍ରାମର ଦିନେଶ ୟାଦବାସୀ (୨୨)ଙ୍କୁ ଗିରଫ କରିଛି । ଅନ୍ୟଜଣେ ଖସି ପଳାଇବାରେ ସଫଳ ହୋଇଥିଲା । ଜବତ ଟ୍ରକ ମଧ୍ୟରୁ ୭୭୦ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଚାଲାଣକାରୀଙ୍କ ନିକଟରୁ ୩୦ ହଜାର ଟଙ୍କା ଜବତ କରାଯାଇ ବୌଦ୍ଧ ଥାନା କେସ ନମ୍ବର ୧୫୦/୨୪ ରେ ଏକ ମକଦ୍ଦମା ରୁଜୁ କରାଯାଇଛି । ଏସଡିପିଓ କୁଲଦୀପ ମିନା ବୌଦ୍ଧଥାନାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି । ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କିଛିମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଏପର୍ଯ୍ୟନ୍ତ ୧୧ ହଜାର କିଲୋ ଗଞ୍ଜେଇ ଜବତ କରାଯାଇ ଥିବାବେଳେ ୪୧ ଜଣଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଥିଲେ ।

# କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ମାଓ ସଙ୍ଗଠନ ଜାରି କଲା ପ୍ରେସ୍ ବିଜ୍ଞପ୍ତି

ମାଲକାନଗିରି,(ସବ୍ୟୁ): ମାଓ ସଂଗଠନର ମାଲକାନଗିରି-କୋରାପୁଟ ବଡର ଡିଭିଜନର ସଚିବ ରାକେଶ ପ୍ରେସ ବିଜ୍ଞପ୍ତି ଜାରି କରି କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ବିଜେଡି ସରକାରଙ୍କ ଉପରେ ଗର୍ଜିଛନ୍ତି । ଏହି ଦୁଇ ସରକାରଙ୍କୁ ବିରୋଧ କରିବା ନେଇ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଏଥିସହ ବିଧାନସଭା ଓ ଲୋକସଭା ନିର୍ବାଚନକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି । ମେ ୧୩ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନରେ ଏଥର ବିରୋଧୀ ଦଳ ବିଜୟୀ ହେବା ଉଚିତ । କମ ଶକ୍ତିଶାଳୀ ଦଳ ଏଥର ବିଜୟୀ ହେବା ଉଚିତ। କିନ୍ତୁ ଏହା କଦାପି ହେବ ନାହିଁ ବୋଲି ମାଓ ସଂଗଠନ କହିଛି। ଏବେ ସରକାରରେ ଥିବା ଦଳମାନେ ଟଙ୍କା, ମଦ, ମାଂସ, ଧମକ ଓ ଠକେଇ କରି ଏହି ନିର୍ବାଚନକୁ ଜିତିବା ପାଇଁ ସମସ୍ତ ଚେଷ୍ଟା କରିବେ । ଯେତେ ସରକାର ଆସିଛନ୍ତି ସମସ୍ତେ ଲୋକଙ୍କର ଟଙ୍କା, ଜମି ଲୁଟ କରିଛନ୍ତି । ଆଜି ବି ଲୋକେ ଦାରିଦ୍ର୍ୟର ସୀମା ରେଖା ତଳେ ବସବାସ କରୁଛନ୍ତି । ନିୟମଗିରି, କଳିଙ୍ଗନଗର, କାଶୀପୁର, ମାଳି, ଦେଓମାଳି, ଡାଙ୍ଗଦେଭୁଲା, ବାଗଡଙ୍ଗର, କଡିଙ୍ଗମାଳି, ସିଜିମାଳି, ଚେରୁବାଣ୍ଡା ଇତ୍ୟାଦି ଖଣି ବହୁ ରାଷ୍ଟ୍ରୀୟ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଏଥିପାଇଁ ଏମଓୟୁ ମଧ୍ୟ ଦସ୍ତଖତ ସରିଛି। ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କର ଜମି ଓ ଜଂଗଲରୁ ବାହାରକୁ ତଡି ଦିଆଯାଇଛି। ଓଡିଶାର ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ପଡୋଶୀ ରାଜ୍ୟକୁ ଯାଉଛନ୍ତି । ସେଠାରେ ଦୁର୍ବିସହ ଜୀବନ ବିତାଉଛନ୍ତି । ସରକାର ପୂର୍ବ ନିର୍ବାଚନରେ ମଧ୍ୟ ବହୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ବି ବେରୋଜଗାର ହୋଇ ଯୁବକମାନେ ବୁଲୁଛନ୍ତି। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ନେଇ ଦାବି କରାଯାଇଥିଲା। ତାହା କୁଆଡେ ଗଲା ବୋଲି ପ୍ରଶ୍ନ କରିଛି ମାଓ ସଂଗଠନ। ନୂଆଦିଲ୍ଲୀର ଏଡିଆର ତରଫରୁ କରାଯାଇଥିବା ସର୍ଭେରେ ରାଜ୍ୟରେ ସର୍ବାଧିକ ସମ୍ପତ୍ତି ଥିବା ଶ୍ରେଷ୍ଠ ଦଶ ଜଣ ବିଧାୟକ ମଧ୍ୟରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ପ୍ରଥମ ସ୍ଥାନରେ ରହିଛନ୍ତି। ପରିବର୍ତ୍ତୀ ୭ଟି ସ୍ଥାନରେ ମଧ୍ୟ ବିଜେଡି ବିଧାୟକ ରହିଛନ୍ତି। ଲୋକଙ୍କ ସମ୍ପତ୍ତି ଲୁଟିବା ପାଇଁ ରାସ୍ତା, ବିମାନବନ୍ଦର, ବିଦ୍ୟୁତ ପ୍ରକଳ୍ପ, ବିଶାଳ ଜଳ ପ୍ରକଳ୍ପ ପାଇଁ କୋଟି କୋଟି ଟଂକା ଖର୍ଚ୍ଚ କରାଯାଉଛି ବୋଲି କୁହାଯାଇଛି। ସଂଗ୍ରାମ କରୁଥିବା ଲୋକଙ୍କୁ ଦମନ କରିବା ପାଇଁ କୋଟି କୋଟି ଟଂକା ଖର୍ଚ୍ଚ କରାଯାଇ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ତେଣୁ ସମସ୍ତେ ଏହି ନିର୍ବାଚନକୁ ବର୍ଜନ କରନ୍ତୁ । ସବୁ ଦଳ ପ୍ରତିଶ୍ରୁତି ଦେବେ ଓ ପରେ ଭୁଲିଯିବେ। ତେଣୁ ସମସ୍ତ ନେତାକୁ ମାରି ଭଗାନ୍ତୁ ବୋଲି ମାଓ ସଂଗଠନ ଆହ୍ୱାନ ଦେଇଛି।

# ବାପ-ଝିଅ, ପାପ-ପୁଅ ଲଢ଼ିବେ ନିର୍ବାଚନ

ଭବାନୀପାଟଣା/ନବରଙ୍ଗପୁର,(ସବ୍ୟୁ): ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ବାପ-ଝିଅ ଯୋଡ଼ି। ଏମିତିକା ବାପ- ଝିଅ ଯୋଡ଼ି ହେଉଛନ୍ତି ନବରଙ୍ଗପୁର କଂଗ୍ରେସର ପୁରୁଖା ନେତା ଭୂଜବଳ ମାଝୀ ଓ ତାଙ୍କ ଡାକ୍ତରୀ ଝିଅ ଲିପିକା ମାଝୀ। ମଙ୍ଗଳବାର କଂଗ୍ରେସ ଘୋଷଣା କରିଛି ପ୍ରଥମ ପ୍ରାର୍ଥୀ ତାଲିକା। ଏଥିରେ ନବରଙ୍ଗପୁର ଲୋକସଭା ଅସନରୁ ପ୍ରାର୍ଥୀ ହୋଇଛନ୍ତି ଜିଲ୍ଲାର ପୁରୁଖା ନେତା ଭୂଜବଳ ମାଝୀ। ସେ ପୂର୍ବରୁ ଡାବୁଗାଁ ନିର୍ବାଚନମଣ୍ଡଳୀରୁ ତିନି ଥର ବିଧାୟକ ହୋଇଥିଲେ। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ଭାବେ ନିର୍ବାଚିତ ହୋଇ ବିଧାନସଭାକୁ ଯାଇଥିଲେ। ନିଜ ଅଞ୍ଚଳର ଲୋକଙ୍କ ସମସ୍ୟାକୁ ବିଧାନସଭାରେ ଉଠାଉଥିଲେ। ମାତ୍ର ୨୦୧୯ ର୍ନିବାଚନରେ ପରାଜୟ ବରଣ କରିଥିଲେ।୨୦୨୪ ସାଧାରଣ ନିର୍ବାଚନରେ ଭୂଜବଳ ମାଝୀ କଂଗ୍ରେସରୁ ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ହୋଇଛନ୍ତି। ବିଜେଡିର ପ୍ରଦୀପ ମାଝି ଓ ବିଜେପିର ବଳଭଦ୍ର ମାଝୀଙ୍କ ସହିତ ତାଙ୍କର ଏଥର କଡ଼ା ଟକ୍କର ହେବ। ସେପଟେ ଦେଖିବାକୁ ଗଲେ ୩ ଜଣ ଯାକ ପ୍ରାର୍ଥୀ କେହି କାହାଠାରୁ କମ୍ ନୁହଁନ୍ତି। ପ୍ରଦୀପ ମାଝୀ ଓ ବଳଭଦ୍ର ମାଝୀ ପୂର୍ବରୁ ସାଂସଦ ହୋଇଛନ୍ତି। ଏଥର ଭୂଜବଳ ମାଝୀ ସାଂସଦ ହେବାକୁ ଆଶା ରଖି ମଇଦାନକୁ ଲମ୍ଫ ମାରିଛନ୍ତି। ଆଉ ଆଶା ରଖିଛନ୍ତି ନିର୍ବାଚନରେ ନିଶ୍ଚିତ ବିଜୟୀ ହେବେ। କଂଗ୍ରେସ ପକ୍ଷରୁ ନାଁ ଘୋଷଣା ହେବା ପରେ ଭୂଜବଳ ମାଝୀ କହିଛନ୍ତି, ନବରଙ୍ଗପୁର ଜିଲ୍ଲାର ସମସ୍ୟା ନେଇ ଆମେ ନିର୍ବାଚନରେ ଲଢ଼ିବୁ। ଯେଉଁମାନେ ବର୍ତ୍ତମାନ ଲଢୁଛନ୍ତି, ସେମାନେ ପୂର୍ବରୁ ୫ ବର୍ଷ ଲେଖାଏଁ ସାଂସଦ ହୋଇସାରିଛନ୍ତି। ସେମାନଙ୍କ କାମ ଲୋକମାନେ ଦେଖି ସାରିଛନ୍ତି। ସେମାନଙ୍କ କାର୍ଯ୍ୟ ଦକ୍ଷତା ଲୋକମାନେ ପରଖି ସାରିଛନ୍ତି। ସେଥିପାଇଁ ମୁଁ ଆଶା ରଖିଛି ନୂଆ ମୁହଁ ହିସାବରେ ଲୋକମାନେ ମୋତେ ଗ୍ରହଣ କରିବେ। ଆଉ ଆଶୀର୍ବାଦ ଦେବେ। ଭୋଟ୍ ପାଇଁ ଲୋକଙ୍କ ପାଖକୁ ଯିବି ବୋଲି ଶ୍ରୀ ମାଝୀ କହିଛନ୍ତି।

ବାପା ଭୂଜବଳ ମାଝୀଙ୍କ ମାର୍ଗ ଦର୍ଶନରେ ଆଗକୁ ବଢୁଛନ୍ତି ଡାକ୍ତରୀ ପେସା ଛାଡ଼ିଥିବା ଝିଅ ଲିପିକା ମାଝୀ। ସେ ୨୦୨୨ ପଞ୍ଚାୟତ ନିର୍ବାଚନରୁ ରାଜନୀତିରେ ସକ୍ରିୟ ଅଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପାପଡ଼ାହାଣ୍ଡି ବ୍ଲକ୍ ଜିଲ୍ଲା ପରିଷଦରେ ପ୍ରାର୍ଥୀ ହୋଇଥିଲେ ଲିପିକା । ଆଉ ଲୋକଙ୍କ ମନ ଜାଣିପାରିଥିଲେ। ବର୍ତ୍ତମାନ ସେ ଜିଲ୍ଲା ପରିଷଦ ସଦସ୍ୟା ରହିଛନ୍ତି। ପ୍ରକାଶ ପାଇଥିବା କଂଗ୍ରେସ ତାଲିକାରେ ଡାକ୍ତର ଲିପିକା ମାଝୀଙ୍କ ନାଁ ରହିଛି। ସେ ବାପାଙ୍କ ପାରମ୍ପରିକ ସିଟ୍ ଡାବୁଗାଁରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ମନୋହର ରନ୍ଧାରୀ। ଯିଏ ୨୦୧୯ ସାଧାରଣ ନିର୍ବାଚନରେ ବାପା ଭୂଜବଳ ମାଝୀଙ୍କୁ ୭୩୬୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। କହିବାକୁ ଗଲେ ଚଳିତ ନିର୍ବାଚନରେ ପୁରୁଖା ମନୋହରଙ୍କ ସହ ନବାଗତ ଡାକ୍ତର ଲିପିକା ମାଝୀଙ୍କର ହେବ ମୁହାଁମୁହିଁ। ଆଜି ସୁଦ୍ଧା ଡାବୁଗାଁ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିନାହିଁ। ଡାକ୍ତର ଲିପିକା ମାଝୀ କହିଛନ୍ତି, ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ପାଖକୁ ଯିବେ ଆଉ ଲୋକଙ୍କ ମନ କିଣିବେ। ବିଜୟୀ ହେବା ପାଇଁ ଲିପିକା ଆଶା ରଖିଛନ୍ତି।

ସେହିପରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦରରୁ ସାଗର ଦାସ ଏଥର କଂଗ୍ରେସ ପକ୍ଷରୁ ପ୍ରାର୍ଥି ଦିଆଯାଇଛି । ସେ ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା , ପୂବତନ ଏମପି, ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ପୁଅ । ଭକ୍ତ ଚରଣ ଦାସ ମଧ୍ୟ ଜିଲ୍ଲାର ନର୍ଲା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥି ହୋଇଛନ୍ତି । ଉଭୟ ବାପ-ପୁଅକୁ ପ୍ରାର୍ଥି କରିଛି କଂଗ୍ରେସ । ଏଠାରେ ଜୋରଦାର ଲଢ଼େଇ ହେବାର ଅଭାଷ ଆସୁଛି । ବିଜେଡ଼ି ପକ୍ଷରୁ ନର୍ଲା ବିଧାନସଭା ଆସନ ପାଇଁ ଏ ପର୍ଯ୍ୟନ୍ତ ପ୍ରାର୍ଥି ଘୋଷଣା ହୋଇନଥିବାରୁ ଏବେଠାରୁ ସେଠାକାର ରାଜନୈତିକ ପାଣିପାଗ କୁହାଡ଼େ ମୁହାଁଇବ ତାହା ଆକଳନ କରିବା ମୁସ୍କିଲ । ଆଗକୁ ସମସ୍ତ ସମୀକରଣ ସ୍ୱଷ୍ଟ ହୋଇଯିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ରଖୁଛନ୍ତି ।

## ଟିକେଟ ପରେ ନେତାଙ୍କ ପ୍ରଚାର ଆରମ୍ଭ

ବୋରିଗୁମ୍ମା,(ସବ୍ୟୁ): ତିନି ପ୍ରମୁଖ ରାଜନୈତିକ ଦଳର ଆଶାୟୀ ମାନେ ଗତ କିଛି ଦିନ ଧରି ଦଳୀୟ ଟିକେଟ ନେଇ ଛକାପଞ୍ଜା ହେଉଥିଲେ। କିଛି ଦିନ ପୂର୍ବରୁ ବିଜେଡି, ବିଜେପି କିଛି ଅଞ୍ଚଳରେ ପ୍ରାର୍ଥୀ ଘୋଷଣା ପରେ ଉଷ୍ମ ହୋଇଛି ରାଜନୀତି। ଧିରେ ଧିରେ ନେତା ମାନେ ନିଜ ନିଜ ଅଞ୍ଚଳରେ ବୁଲିବା ଆରମ୍ଭ କରିଛନ୍ତ। ନବରଙ୍ଗପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝୀ ବୋରିଗୁମ୍ମା ଗସ୍ତ କରିଥିଲେ। ତାଙ୍କ ସହ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀ ନିଜ କର୍ମୀ ଓ ସମର୍ଥକ ମାନଙ୍କ ସହ ବୋରିଗୁମ୍ମା ଗସ୍ତ କରିଥିଲେ। ନବରଙ୍ଗପୁର ରୋଡ଼ ସ୍ଥିତ ରେ ବିଜେଡ଼ି ର ସ୍ଥାନୀୟ କାର୍ଯ୍ୟାଳୟ କୁ ଉଦଘାଟନ କରିଥିଲେ। ଦୁଇ ନେତା କିପରି ନିର୍ବାଚନ ମଇଦାନରେ କଡ଼ା ଟକ୍କର ଦେବେ ସେ ନେଇ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଓବିସି ରାଜ୍ୟ ସଭାପତି ରାମକୃଷ୍ଣ ବିଶୋଇ, ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରା, ବରିଷ୍ଠ ବିଜେଡି ନେତା କେ.ନାଗରାଜ ଦୋରା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମଞ୍ଜୁଳା ମାଝୀ,ସ୍ଥାନୀୟ ବିଜେଡି ନେତା କେଶବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ କାଳିରାମ ମାଝୀ ବୋରିଗୁମ୍ମା ଗସ୍ତ କରିଥିଲେ। ବୋରିଗୁମ୍ମାରେ ବିଜେପିର ବିଜୟ ନାରାୟଣ ସାହୁ, ଜି.ମୋହନ ଦୋରା, ସରୋଜ ପାଣିଗ୍ରାହୀ, ରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୋରିଗୁମ୍ମାର ୧୯ ଗୋଟି ପଞ୍ଚାୟତ ରେ କିପରି ଭାବରେ ବିଜେପି ଆଗୁଆ ରହିବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ବିକାଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ମୂଳକ ଯୋଜନା ନେଇ ଲୋକଙ୍କ ନିକଟକୁ ଯିବେ ବୋଲି ବିଜେପି ପ୍ରାର୍ଥୀ କାଳିରାମ ସୂଚନା ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ଆଜି ତାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କୋରାପୁଟ ଲୋକସଭା ନିମନ୍ତେ ସପ୍ତଗିରି ଉଲାକାଙ୍କୁ ପୁଣି ଥରେ ଦଳ ଟିକେଟ ପ୍ରଦାନ କରିଥିବା ବେଳେ ଜୟପୁର ବିଧାନସଭା ନିମନ୍ତେ ତାରାପ୍ରସାଦ ବାହିନୀପତିଙ୍କୁ ପ୍ରାର୍ଥୀ କରିଛି।

## ବିଜେପିର ବିଧାୟକ ପ୍ରାର୍ଥୀ ଘୋଷଣା
## ବୌଦ୍ଧରୁ ସରୋଜ, କନ୍ଧମାଳରୁ କହ୍ନାଇ

ବୌଦ୍ଧ,(ସବ୍ୟୁ): ବିଜେପି ମଙ୍ଗଳବାର ତାର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏଥିରେ ବୌଦ୍ଧ ନିର୍ବାଚନ ପାଇଁ ସରୋଜ ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ କହ୍ନାଇଁ ଚରଣ ଡାଙ୍ଗଙ୍କ ନାମ ଦଳ ଘୋଷଣା କରିଛି । ସରୋଜ ପ୍ରଥମ ଥର ପାଇଁ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ମଇଦାନକୁ ଓହ୍ଲାଇବା ଯାଉଥିବା ବେଳେ କହ୍ନାଇଁ ଚରଣ ଡାଙ୍ଗ ଚତୁର୍ଥ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଉଛନ୍ତି । ଏଥର ଉଭୟ ନିର୍ବାଚନ ମଣ୍ଡଳିରେ କଡା ଟକ୍କର ହେବାକୁ ଯାଉଛି । ଏହା ପୁର୍ବରୁ ସରୋଜ ତିଳେଶ୍ୱର ପଂଚାୟତର ସରପଂଚ ଓ ସମିତି ସଭ୍ୟ ନିର୍ବାଚିତ ହୋଇଥିବା ବେଳେ ୨୦୨୨ରେ ପଂଚାୟତ ନିର୍ବାଚନରେ ରାଧାନଗର ପଂଚାୟତରୁ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ଅଛନ୍ତି ।ସରୋଜଙ୍କ ବଡ ଭାଇ ସୁଶାନ୍ତ ଏହି ବୌଦ୍ଧ ନିର୍ବାଚନ ମଣ୍ଡଳିରୁ ତିନି ଥର ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ପରାଜୟ ହୋଇଥିବା ବେଳେ ଏଥର ତାଙ୍କ ସାନ ଭାଇଙ୍କୁ ନିର୍ବାଚନ ମଇଦାନକୁ ଛାଡିଛନ୍ତି । ଉଭୟ ଭାଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ମିଳିତ ଭାବରେ ଲାଗି ପଡିଛନ୍ତି ଓ ସଂଗଠନକୁ ସଜାଡିବାରେ ଲାଗିଛନ୍ତି । ନିର୍ବାଚନ ମଣ୍ଡଳିରେ ସରୋଜଙ୍କ ଏକ ନିଜସ୍ୱ ସଂଗଠନ ରହିଛି । ଯାହାକି ତାଙ୍କୁ ନିର୍ବାଚନରେ ସହାୟକ ହେବ ବୋଲି ଆଶା କରାଯାଉଛି । ସେହିପରି କହ୍ନାଇଁ ଡାଙ୍ଗ ମଧ୍ୟ କନ୍ଧମାଳ ନିର୍ବାଚନ ମଣ୍ଡଳିରୁ ତିନି ଥର ହାରିଥିବା ବେଳେ ଗତ ୨୦୧୯ ନିର୍ବାଚନରେ ମାତ୍ର ୩୬୫୦ ଭୋଟରେ ପରାଜୟ ହୋଇଥିଲେ । ଏଥର ଦଳ ତାଙ୍କ ଉପରେ ପୁଣି ଭରସା କରି ଟିକଟ ଦେଇଛି । ତାଙ୍କ ସମର୍ଥକ ମଧ୍ୟ ଏଥର ବିଜେପି ଭଲ କରିବ ବୋଲି ଆଶା ରଖିଛନ୍ତି । ସେପଟେ ଏକ ବଡ ଗୋଷ୍ଠୀ ତାଙ୍କୁ ସମର୍ଥନ କରିବାକୁ ଯାଉଥିବା ବେଳେ ତାଙ୍କର ପୁରୁଣା ବନ୍ଧୁ ତଥା ରାଜ୍ୟ ବୟନିକାର ପୂର୍ବତନ ସଭାପତି ଶେଷ କୁମାର ମେହେର ଏଥର ଶ୍ରୀ ଡାଙ୍ଗଙ୍କ ସହିତ ରହିଥିବା ଜଣାପଡିଛି । ଶ୍ରୀ ମେହେର ଗତ ୨୦୧୯ ନିର୍ବାଚନରେ କନ୍ଧମାଳ ନିର୍ବାଚନ ମଣ୍ଡଳିରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ୨୮୩୭୦ ଖଣ୍ଡ ଭୋଟ ପାଇଥିଲେ । ଗତ ୩୧ ତାରିଖରେ ସେ ବିଧିବଦ୍ଧ ଭାବରେ ବିଜେପିରେ ଯୋଗଦେଇଛନ୍ତି । ଉଭୟଙ୍କ ମଧ୍ୟରେ ଭଲ ସଂପର୍କ ମଧ୍ୟ ରହିଛି । ସେହିପରି ବିଜେଡିର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ ସମର୍ଥନ କରିବାକୁ ନିଷ୍ପତି ନେଇଥିବା ଜଣାପଡିଛି । ଏପରିସ୍ଥଳେ ଚଳିତ ନିର୍ବାଚନ ଏହି ନିର୍ବାଚନ ମଣ୍ଡଳିରେ ବିଜେଡି ଓ ବିଜେଡି ଉପରେ କଡା ଟକ୍କର ଦେଖିବାକୁ ମିଳିବ ।

# ରାୟଗଡା : ୩ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ତିନୋଟି ନିର୍ବାଚନୀ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେପି କେବଳ ଗୁଣୁପୁର ନିର୍ବାଚନୀ ମଣ୍ଡଳୀର ପ୍ରାର୍ଥୀ ଘୋଷଣା କରିଛି । ଏହାକୁ ନେଇ ଜିଲ୍ଲା ସାରା ଚଳଚଞ୍ଚଳ ହୋଇ ଉଠିଛି । ଏହାକୁ ନେଇ ବିଭିନ୍ନ ଖଟିରେ ସମୀକ୍ଷା ଜୋର ଧରିଛି । ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ମଣ୍ଡଳୀ ରାୟଗଡା ନିମନ୍ତେ କଂଗ୍ରେସର କାଡ୍ରାକା ଅପାଲା ସ୍ୱାମୀଙ୍କ ନାଁ ଘୋଷଣା କରିଥିବା ବେଳେ ଗତ ୨୦୧୯ ନିର୍ବାଚନରେ ଶ୍ରୀ କାଡ୍ରାକା ପ୍ରାୟ ୪୦ ହଜାର ଭୋଟ ପାଇ ପରାଜିତ ହୋଇଥିଲେ । ସେହିଦିନ ଠାରୁ ନିଜର ସେବା ମନବୃତ୍ତି ରଖି ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରି ଆସୁଛନ୍ତି। ତେବେ ଏହି ନିର୍ବାଚନୀ ମଣ୍ଡଳୀର ଜନସାଧାରଣ ପରିବର୍ତ୍ତନ ଚାହୁଁଥିବା ବେଳେ ବିଜେପିର ପ୍ରାର୍ଥୀ ଘୋଷଣା ହୋଇନାହିଁ । ଠିକ ସେହିପରି ଗୁଣୁପୁର ନିର୍ବାଚନୀ ମଣ୍ଡଳୀର ତ୍ରିମୁଖି ଲଢେଇ ହେଉଥିବା ବେଳେ କଂଗ୍ରେସର ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯୁବ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ଟିକେଟ ଦିଆଯାଇଛି । ସେମିତି ବିଜେପିର ଗୁଣୁପୁର ନିର୍ବାଚନୀ ମଣ୍ଡଳୀ ନିମନ୍ତେ ନୂତନ ଭାବେ ଦଳ ପରିବର୍ତ୍ତନ କରି ଯାଇଥିବା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗଙ୍କୁ ଟିକେଟ ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ର୍ନିବାଚନୀ ମଣ୍ଡଳୀ ବିଷମକଟକ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଗଡରେ ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନୀଳମାଧବ ହିକକା ପରାଜିତ ହୋଇଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ପୁଣି କଂଗ୍ରେସ ତାଙ୍କ ଉପରେ ଭରଷା କରି ଟିକେଟ ପ୍ରଦାନ କରିଛି ।କିନ୍ତୁ ବିଜେପି ଏହି ର୍ନିବାଚନ ମଣ୍ଡଳୀ ନିମନ୍ତେ ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ରାଜ୍ୟର ଏକମାତ୍ର କୋରାପୁଟର କଂଗ୍ରେସ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକାଙ୍କୁ ପୁଣି ଥରେ କଂଗ୍ରେସ ଟିକେଟ ପ୍ରଦାନ କରିଛି । ତେବେ ଆଗାମୀ ନିର୍ବାଚନ କୋରାପୁଟ ସଂସଦୀୟ କ୍ଷେତ୍ର ବା ରାୟଗଡା ଜିଲ୍ଲାର ତିନୋଟି ର୍ନିବାଚନୀ ମଣ୍ଡଳୀ ରାଜ୍ୟ ପାଇଁ ତ୍ରିମୁଖି ଲଢେଇ ହେବ । ଏ ନେଇ ସାଂସଦ ଶ୍ରୀ ଉଲ୍ଲାକା ଏବଂ ବିଧାୟକ ପ୍ରାର୍ଥୀ କାଡ୍ରାକା ଆପାଲସ୍ୱାମୀ ଏବଂ ପ୍ରଦେଶ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ସାମ୍ବାଦିକ ସମ୍ମିଳନୀ ଡାକି କେନ୍ଦ୍ର ଓ ରାଜ୍ୟ କଂଗ୍ରେସ କମିଟିକୁ ଧନ୍ୟବାଦ୍ ଦେବା ସହ ସାଂସଦ ତାଙ୍କ ୫ ବର୍ଷର ରିପୋର୍ଟ କାର୍ଡ ଅତି ଶୀଘ୍ର ଲୋକଲୋଚନକୁ ଆଣିବେ ବୋଲି ପ୍ରକାଶ କରିଛନ୍ତି ।

## କଂଗ୍ରେସ ବିଧାୟକ ପ୍ରାର୍ଥୀ ଘୋଷିତ
# ବୌଦ୍ଧ ପାଇଁ ନବ, କନ୍ଧମାଳରେ ମନୋଜ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ରାଜନୈତିକ ଉଷ୍ମତ ବୃଦ୍ଧି ପାଉଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ବିଜେଡିରୁ ବୌଦ୍ଧ ପାଇଁ ପ୍ରଦିପ ଅମାତ ଓ କନ୍ଧମାଳ ପାଇଁ ମହିଧର ରଣା ଟିକଟ ପାଇଥିବା ବେଳେ ଆଜି ବିଜେପି ଓ କଂଗ୍ରେସ ସେମାନଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରିଛି । ବିଜେପିରୁ ବୌଦ୍ଧ ନିର୍ବାଚନ ପାଇଁ ସରୋଜ ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ କହ୍ନାଇଁ ଚରଣ ଡାଙ୍ଗଙ୍କ ନାମ ଦଳ ଘୋଷଣା କରିଛି । କଂଗ୍ରେସ ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ଜିଲ୍ଲା ସଭାପତି ନବ କୁମାର ମିଶ୍ରଙ୍କ ନାମ ଘୋଷଣା କରିଥିବା ବେଳେ କନ୍ଧମାଳ ପାଇଁ ମନୋଜ ଆଚାର୍ଯ୍ୟଙ୍କ ନାମ ଘୋଷଣା କରିଛି । ତିନି ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରି ଥିବା ବେଳେ ବର୍ତ୍ତମାନ ପ୍ରାର୍ଥୀତ୍ୱକୁ ନେଇ ଚର୍ଚ୍ଚା ଯୋରଧରିଛି । ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ଜିଲ୍ଲା ସଭାପତି ନବ କୁମାର ମିଶ୍ର ଟିକଟ ପାଇବେ ବୋଲି ଆଗରୁ ଦଳର ଉପସଭାପତି ନକୁଳ ନାଏକ କହିସାରିଥିବା ବେଳେ ଏହା କେବଳ ଉପଚାରିକତା ରହିଥିଲା । ଶ୍ରୀ ମିଶ୍ରଙ୍କ ଟିକଟ ମିଳିବା ଜଣାପଡିବା ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ସେପଟେ କିନ୍ତୁ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ ପ୍ରାର୍ଥୀ ଘୋଷଣା ସମସ୍ତଙ୍କୁ ଚକିତ କରିଦେଇଛି । କନ୍ଧମାଳ ନିର୍ବାଚନ ମଣ୍ଡଳିରେ ବହୁ ପୁରୁଖା ଓ ଯୁବନେତା ରହିଥିବା ବେଳେ ସେମାନଙ୍କୁ ଦଳିୟ ଟିକଟ ପାଇ ନ ଥିବା ବେଳେ ଅନ୍ୟ ନିର୍ବାଚନ ମଣ୍ଡଳିରୁ ଆମଦାନୀ କରାଯାଇ ଦଳ ଏଠାରେ ପ୍ରାର୍ଥୀ କରିଥିବାରୁ ଦଳିୟ ମହଲରେ ଏବେଠୁ ଅସନ୍ତୋଷ ଦେଖାଦେଇଛି । ମନୋଜ ଆଚାର୍ଯ୍ୟଙ୍କ ପ୍ରାର୍ଥୀତ୍ୱକୁ ନେଇ ବହୁ ନେତା ଖୁଲମ ଖୁଲା ଦଳର କାର୍ଯ୍ୟକଳାପକୁ ନେଇ ଆଙ୍ଗୁଳି ଉଠାଉଛନ୍ତି । ଦଳରେ ଦୀର୍ଘ ଦିନ ହେବ ରହି ଦଳିୟ କାର୍ଯ୍ୟ କରୁଥିବା ବେଳେ ବାହାର ଜିଲ୍ଲାରୁ ପ୍ରାର୍ଥୀ ଦେବାକୁ ନେଇ ସ୍ଥାନିୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦଳରେ ପ୍ରାର୍ଥୀ ଘୋଷଣା ହେବା କ୍ଷଣୀ ଯେଭଳି ଭାବରେ ବିରୋଧର ସ୍ୱର ଶୁଭିଲାଣି ତାହା ଶ୍ରୀ ଆଚାର୍ଯ୍ୟ କିପରି ପରିଚାଳନା କରିବେ ଦେଖିବାକୁ ବାକି ରହିଥିବା ବେଳେ ଏହା ଦଳ ପାଇଁ କେତେଶୁଭଙ୍କର ଆଗାମୀ ଦିନରେ କହିବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

# ବୌଦ୍ଧରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଂଜନ ମଦନ ମୋହନ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଭାବେ ଇଂ ସଂଜୟ କୁମାର ପଣ୍ଡା , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରତାପ ରଥ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସାଙ୍ଗୀତ ଗାନ କରାଯାଇଥିଲା । କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ଭଂଜ




ଓଡିଶା ଦିବସ ଅବସରରେ ସଂକ୍ଷିପ୍ତ ଭାଷଣ ଦେଇଥିଲେ । ସଭାରେ ଅତିଥି ପରିଚୟ , ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଓ ଜିଲ୍ଲା ସୁଚନା ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର ସାରା ସହରରେ କରାଯାଇଥିଲା। ଜିଲ୍ଲାପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ କୁମାର ଦଣ୍ଡସେନା, ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସହରର ଛକ ମାନଙ୍କରେ ଥିବା ମହାପୁରୁଷମାନଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା ।

# ବାଇକ୍‌ରୁ ପଡି ଯୁବ ଆଇନଜୀବୀଙ୍କ ମୃତ୍ୟୁ

ବୌଦ୍ଧ,(ସବ୍ୟୁ) : ବୌଦ୍ଧର ଯୁବ ଆଇନଜୀବୀ ସୋମେଶଦତ୍ତ ବିଶ୍ୱାଳଙ୍କ (୫୦) ମଙ୍ଗଳବାର ସନ୍ଧ୍ୟାରେ ବାଇକ୍‌ରୁ ଖସିପଡି ମୃତ୍ୟୁ ବରଣ କରିଛନ୍ତି । ଆଇନଜୀବୀ ବିଶ୍ୱାଳ ସନ୍ଧ୍ୟାରେ କିଛି କାମରେ ବାଇକ ଯୋଗେ ସହରର ଏନଏସି ଛକ ଆଡକୁ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ପଡିଯାଇଥିଲେ । ସେହି ସମୟରେ ଏସଡିପିଓ କୁଲଦୀପ ମିନା ସେହି ବାଟ ଦେଇ ଯାଉଥିବା ବେଳେ ନିଜ ଗାଡିରେ ତୁରନ୍ତ ତାଙ୍କୁ ବୌଦ୍ଧ ମୁଖ୍ୟ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜିଲା ଓକିଲ ସଂଘର ସଭାପତି ଧୁରୀଣ କୁମାର ଦେହୁରୀ, ସମ୍ପାଦକ ଜ୍ଞାନ ରଞ୍ଜନ ପଟ୍ଟନାୟକ, ସହ ସମ୍ପାଦକ ଅମ୍ରିତ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ଅଶୋକ ସାହୁ,ଜିପି ପୃଥିରାଜ ମେହେର ମେଡିକାଲକୁ ଯାଇଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ନିଜ ଘର କଂଟାମାଳ ବ୍ଲକ ଲୋକାପଡା ଗ୍ରାମ ହୋଇଥିବା ବେଳେ ସେ ଦୀର୍ଘ ବର୍ଷ ହେବ ବୌଦ୍ଧରେ ରହି ଓକିଲାତି କରିଆସୁଥିଲେ । ତାଙ୍କର ପତ୍ନୀ ମିନାରାଣୀ ପ୍ରଧାନ ବୌଦ୍ଧ ଜିଲ୍ଲା ପୁଲିସ ବିଭାଗରେ କାର୍ଯରତ ଅଛନ୍ତି । ତାଙ୍କର ଦୁଇ ଝିଅ ଥିବା ଜଣାପଡିଛି ।

# ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ନୂତନ କର୍ମକର୍ତ୍ତା ଚୟନ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୃକ୍ଷହିଲ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରେ ସମ୍ବଲପୁରର ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ପ୍ରଦୀପ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଆସନ୍ତା ୧୪ତାରିଖ ଦିନ ବୀର ହନୁମାନଙ୍କ ଜନ୍ମୋତ୍ସବକୁ ଭବ୍ୟ ଆକାରରେ ପାଳନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଚଳିତବର୍ଷ ପାଇଁ ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସୁଧିର ରଞ୍ଜନ ବହିଦାର ସଭାପତି, ଅନୀଲ କୁମାର ବେହେରା ଓ ପ୍ରଦୀପ ସୁପକାର କାର୍ଯ୍ୟକାରୀ ସଭାପତି, ଅନୁପ ଲାଟା , ପିଣ୍ଟୁ ଓରାମ, ରୁନୁ ପ୍ରଧାନ ଓ ଗୁରୁଦୀପ ସିଂଗିଲ ଉପସଭାପତି, ସରୋଜ ଘଡେଇ ସମ୍ପାଦକ, ଅଭିଳାଶ ମୁଣ୍ଡା, ଦଶରଥ ମେହେର ଓ ବିକ୍ରମ ଗୁରୁ ସହ ସମ୍ପାଦକ, କାହ୍ନୁରାମ ଶର୍ମା କୋଷାଧ୍ୟକ୍ଷ ଏବଂ ବାବୁ ବେହେରା ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି । ସେହିପରି ବିଧାୟକ ଜୟନାରାୟଣ ମିଶ୍ର ଓ ନାଉରୀ ନାୟକ, ବିପିନ ବିହାରୀ ନନ୍ଦ, ଶ୍ୟାମସୁନ୍ଦର ଧର, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଦାମୋଦର କର, ଡା. ରାଜକୁମାର ବଡପଣ୍ଡା, ଡା. ଦୁର୍ଗା ଶତପଥି, ଡା. ପ୍ରଭାସ ଦେବତା, କର୍ଣ୍ଣେଲ ପ୍ରଭାତ ପଣ୍ଡା, ସୁଶାନ୍ତ ପୁରୋହିତ, ରାଜୀବ ଶତପଥି, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, କାର୍ତ୍ତିକ ପ୍ରସାଦ ବହିଦାର, ଗିରିଶ ପଟେଲ, ସମୀର ରଞ୍ଜନ ବାବୁ , ଶିବକୁମାର ଅଗ୍ରୱାଲ ଓ ଜୟବ୍ରତ ଦେଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମନୋନିତ କରାଯାଇଛି ।

## ଧର୍ମଗଡ ନିର୍ବାଚନ ମଣ୍ଡଳୀ

# ତିନି ପ୍ରମୁଖ ଦଳ ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ରାଜନୀତି ଚଳଚଞ୍ଚଳ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି । କିଛିଦିନ ପୂର୍ବରୁ ବିଜେଡ଼ି ପକ୍ଷରୁ ପୁଷ୍ପେନ୍ଦ୍ର ସିଂଦେଓଙ୍କ ନାମ ଘୋଷଣା ହୋଇ ସାରିଥିବା ବେଳେ ମଙ୍ଗଳବାର ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ ବିଜେପି ପକ୍ଷରୁ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଓ କଂଗ୍ରେସ ଦଳ ପକ୍ଷରୁ ରଶ୍ମିରେଖା ରାଉତଙ୍କ ନାମ ଘୋଷଣା କରାଯାଇଛି । ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଚଳ ଚଞ୍ଚଳ ହୋଇ ପଡିଛି ଦଳୀୟ ଶିବିର । ତେବେ ଯେଉଁ ମାନେ ଟିକେଟ ଦୌଡ଼ରେ ଆଶାୟୀ ରହିଥିଲେ ସେମାନେ ମଧ୍ୟରେ ନିରୁତ୍ସାହିତ ହୋଇଛନ୍ତି। ବିଜେଡି ପକ୍ଷରୁ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଟିକେଟ ମିଳିଥିବା ବେଳେ ସେ ବିଜେଡି ଦଳର ଜଣେ ବରିଷ୍ଠ ଓ କର୍ମଠ କର୍ମକର୍ତ୍ତା ରହି ବିଜେଡି ଦଳକୁ କଳାହାଣ୍ଡିରେ ତୃଣମୂଳ ସ୍ତରରେ ସଂଗଠନ କରିବାରେ ଗୁରୁ ଦାୟିତ୍ୱ ବହନ କରିଛନ୍ତି। ପୂର୍ବରୁ ଧର୍ମଗଡ ବିଧାୟକ ରହି ରାଜ୍ୟମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ୟାବିନେଟ ମନ୍ତ୍ରୀ ରହି ଜିଲ୍ଲାରେ ବିଜେଡିର ସଙ୍ଗଠନକୁ ମଜବୁତ କରିଛନ୍ତି। ବିଜେପିରୁ ସୁଧୀର ରଞ୍ଜନ ପାଟ୍ଟଯୋଷୀଙ୍କୁ ଟିକେଟ ମିଳିଥିବା ବେଳେ ସେ ଧର୍ମଗଡ ବିଧାନସଭା ମଣ୍ଡଳୀରେ ବିଜେପିର ଦଳୀୟ କାର୍ଯ୍ୟକ୍ରମ ଓ ଜନ ହିତକର ଯୋଜନା, ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଅନବରତ ଚେଷ୍ଟା କରିଛନ୍ତି । ଫଳରେ ଦଳ ତାଙ୍କ ପ୍ରତି ଆସ୍ଥାଭାଜନ ପ୍ରକଟ କରି ଟିକେଟ ଦେଇଛି। ସେହିପରି ନିକଟରେ କଂଗ୍ରେସ ଦଳରେ ଯୋଗ ଦେଇଥିବା ଯାଦବ ସମାଜର ଜିଲ୍ଲା ସଭାନେତ୍ରୀ ରଶ୍ମିରେଖା ରାଉତଙ୍କୁ ଓବିସି କାର୍ଡ ଖେଳିବାକୁ କଂଗ୍ରେସ ଦଳ ପକ୍ଷରୁ ଟିକେଟ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ଯାଦବ ସମାଜର ପତିଆରା ରହିଛି । ଭୋଟ ରାଜନୀତିରେ ଯାଦବ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ଯାଦବଙ୍କ ଭୋଟକୁ ଚେକ ମେଟ ଦେବାକୁ ମହିଳା କାର୍ଡ ଖେଳିଛି କଂଗ୍ରେସ ବୋଲି ଚର୍ଚ୍ଚା ହେଉଛି। ତେବେ ଏହାରି ଭିତରେ ବିଜେଡି, ବିଜେପି, କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ଦଳୀୟ ଶିବର ଚଳ ଚଞ୍ଚଳ ହୋଇ ପଡିଛି।

(ଶ୍ରୀମଭଗବଦ୍ ଗୀତା ୪/୩୯)

–କର୍ମ୍ମଯୋଗଃ–

(ଶ୍ରୀଭଗବାନୁବାଚ )

**ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ଧ୍ୱା ପରାଂ ଶନ୍ତିମଚିରେ ଣାଧିଗଚ୍ଛତି ।।୩୯।।**

ଗୁରୁପଦେଶରେ ଯାହାଙ୍କର ଆସ୍ଥା ଅଛି, ଜ୍ଞାନ ପାଇବା ପାଇଁ ଯେ ତତ୍ପର, ଯେ ଇନ୍ଦ୍ରିୟମାନଙ୍କୁ ଦମନ କରିଛନ୍ତି, ସେହି ବ୍ୟକ୍ତି ତତ୍ତ୍ୱଜ୍ଞାନ ଲାଭ କରି ଶୀଘ୍ର ପରମ ଶାନ୍ତି ପାଆନ୍ତି ।।୩୯।।

## ସମ୍ପାଦକୀୟ

# ଆମେ ସୁଖୀ ନା ଦୁଃଖୀ

ଦେଶ ଉନ୍ନତି କରିଚାଲିଛି, ଏକଥା ଆମେ ଅସ୍ୱୀକାର କରିପାରିବା ନାହିଁ । ଅର୍ଥନୀତି କ୍ଷେତ୍ରରେ ଭାରତ ବିକାଶ କରିଚାଲିଛି ଏବଂ ଭାରତ ବର୍ତ୍ତମାନ ସାରା ବିଶ୍ୱରେ ପଞ୍ଚମ ଅର୍ଥନୀତି ଭାବରେ ଉଭା ହେଇଛି ଯାହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ବିଶ୍ୱର ତୃତୀୟ ଅର୍ଥନୀତି ହେବା ଆମର ସ୍ୱପ୍ନ ଓ ସେହି ଅନୁସାରେ ପ୍ରସ୍ତୁତି ଚାଲିଛି । ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଯାହାକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢୋକ୍ତି ପ୍ରକାଶ କରିଛନ୍ତି । ସବୁ କ୍ଷେତ୍ରରେ ଭାରତ କିପରି ବିକଶିତ ହେବ ଏବଂ ଆମର ଚାହିଦା ଅନୁଯାୟୀ, ସବୁ ଆମ ଦେଶରେ ପ୍ରସ୍ତୁତ ହେବ, ସେ ନେଇ ମୂଳଦୁଆ ପଡିସାରିଛି । କେତେକ କ୍ଷେତ୍ରରେ ଆମେ ଏବେ ଆମର ଆମଦାନୀ ହ୍ରାସ କରିପାରିଛେ । ବିଭିନ୍ନ ଆକଳନ ମଧ୍ୟ ଭାରତର ଅଭିବୃଦ୍ଧିକୁ ସମର୍ଥନ ଦେଇଚାଲିଛି । ୨୦୨୪ରେ ବିଶ୍ୱର ଅଭିବୃଦ୍ଧି ପାଇଁ ଭାରତ ପୁଣିଥରେ ମିଳିତ ଭାବରେ କାର୍ଯ୍ୟ କରିବ । ଆଇଏମ୍ଏଫ୍ ଭାରତର ଜିଡିପି ଅଭିବୃଦ୍ଧି ୬.୩ ପ୍ରତିଶତ ହେବ ବୋଲି ଆକଳନ କରିଛି ଏବଂ ସେ ସମୟରେ ବିଶ୍ୱର ବାର୍ଷିକ ଅଭିବୃଦ୍ଧି ୨.୯ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ଏହା ଆମପାଇଁ ଭଲ ଖବର ନିଶ୍ଚୟ । ଏହାରି ଭିତରେ ବେଳେବେଳେ କେତେକ ନକରାତ୍ମକ ତଥ୍ୟ ପ୍ରକାଶ ପାଇବା ଦ୍ୱାରା, ଆମେ ଟିକେ ଚହଲି ଯାଉଛେ ନିଶ୍ଚୟ । ନିଜ ମନ ମଧ୍ୟରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି ଏବଂ ଆମେ ସେ ସବୁ ପ୍ରଶ୍ନର ଉତ୍ତର ଖୋଜୁଛେ । ନିକଟରେ ପ୍ରକାଶ ପାଇଥିବା ମିଳିତ ଜାତିସଂଘର 'ସୁଖ ସୂଚକାଙ୍କ' ରିପୋର୍ଟରେ ୨୦୨୪ରେ ଭାରତ ୧୪୩ଟି ଦେଶ ମଧ୍ୟରୁ ୧୨୬ ତମ ସ୍ଥାନରେ ରହିଥିବା ନେଇ କୁହାଯାଇଛି ଯାହା ପ୍ରାୟତଃ ଦେଶରେ ଗ୍ରହଣୀୟ ହେଇନାହିଁ । ଅନେକ ଏହାକୁ ବିଶ୍ୱାସକୁ ନେଉନାହାନ୍ତି । ୨୦୧୬ ରୁ ୨୦୨୪ ମଧ୍ୟରେ ଗାଲପ୍ ଦ୍ୱାରା ସଂକଳିତ ପ୍ରାୟ ୧୫୦ ଦେଶ ମଧ୍ୟରେ ମିଳିତ ଜାତିସଂଘର 'ସୁଖ ସୂଚକାଙ୍କ' ରିପୋର୍ଟରେ ଭାରତ କ୍ରମାଗତ ଭାବରେ ୧୧୮ ରୁ ୧୪୪ ତମ ସ୍ଥାନ ଅଧିକାର କରିଛି । ଏହା ବାସ୍ତବିକ ଦୁଃଖର ବିଷୟ ଏବଂ ଚିନ୍ତାର ବିଷୟ ମଧ୍ୟ । ଜାତିସଂଘର ଆନ୍ତର୍ଜାତୀୟ ସୁଖ ଦିବସ ପାଳନ ପାଇଁ ମାର୍ଚ୍ଚ ୨୦ ରେ ଘୋଷଣା କରାଯାଇଥିବା ତଥ୍ୟ ଅନୁଯାୟୀ ଲିବିଆ, ଇରାକ, ପାଲେଷ୍ଟାଇନ ଏବଂ ନାଇଜର ଭଳି ଦେଶ ପଛରେ ଭାରତ ରହିଛି । ହାରାହାରି ୭.୭ ସ୍କୋର ସହ ଫିନଲ୍ୟାଣ୍ଡ ବିଶ୍ୱର ସବୁଠାରୁ ସୁଖୀ ଦେଶ ଭାବରେ ଉଭା ହୋଇଛି ଏବଂ କ୍ରମାଗତ ୭ ବର୍ଷ ଧରି ଏହା ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଆସୁଛି । ଅନ୍ୟ ଶ୍ରେଷ୍ଠ ୧୦ ଦେଶ ହେଉଛି ଡେନମାର୍କ, ଆଇସଲ୍ୟାଣ୍ଡ, ସ୍ୱିଡେନ, ଇସ୍ରାଏଲ୍, ନେଦରଲ୍ୟାଣ୍ଡ, ନରୱେ, ଲକ୍ସେମବର୍ଗ, ସ୍ୱିଜରଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ । ଆଫଗାନିସ୍ତାନ ଏବଂ ଲେବାନନ୍ ଯଥାକ୍ରମେ ୧.୭ ଏବଂ ୨.୭ ସ୍କୋର ସହିତ ନିମ୍ନ ଦୁଇଟି ସ୍ଥାନ ଅଧିକାର କରିଛନ୍ତି । ବିସ୍ତୃତ ଭାବରେ କହିବାକୁ ଗଲେ, ଏହି ଗଣନା ମୁଖ୍ୟତଃ ଦେଶର ସମୃଦ୍ଧତା ସହିତ ସମ୍ପୃକ୍ତ, କିନ୍ତୁ ଆୟୁଷ, ସାମାଜିକ ବନ୍ଧନ, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଦୁର୍ନୀତି ଭଳି ଅନ୍ୟାନ୍ୟ କାରଣ ମଧ୍ୟ ବ୍ୟକ୍ତିବିଶେଷଙ୍କ ମୂଲ୍ୟାଙ୍କନକୁ ପ୍ରଭାବିତ କରିଥାଏ । ଭାରତର ଯୁବକମାନେ ସବୁଠାରୁ ସୁଖୀ ହୋଇଥିବାବେଳେ ନିମ୍ନ ମଧ୍ୟମ ବର୍ଗରେ ଥିବା ଲୋକମାନେ ସର୍ବନିମ୍ନ ସୁଖୀ ଅଟନ୍ତି । ଗବେଷକମାନେ ମୋଟାମୋଟି ଭାବରେ ସୁସ୍ଥତା, ଆୟୁଷ, ମୁଣ୍ଡପିଚ୍ଛା ଜିଡିପି, ସାମାଜିକ ସହଯୋଗ ଓ ସାହାଯ୍ୟ, ସ୍ୱାଧୀନତା, ଉଦାରତା ଏବଂ ଦୁର୍ନୀତି ପରି କେତେକ ବିଷୟକୁ ନେଇ ଏହି ମୂଲ୍ୟାଙ୍କନ କରିଛନ୍ତି ଯାହା ପ୍ରମାଣ କରୁଛି ଯେ' ଭାରତୀୟମାନେ ସୁଖୀ ନୁହନ୍ତି । ଏହି ତଥ୍ୟ ବିଶ୍ୱାସଯୋଗ୍ୟ ନ ହେଇପାରେ, ଆମେ ଏହାକୁ ଗ୍ରହଣ କରି ନ ପାରୁ, କିନ୍ତୁ ଏହି ଆକଳନ ଏହାର ନାଗରିକଙ୍କ କଲ୍ୟାଣ ପାଇଁ ମୂଲ୍ୟବାନ ଜ୍ଞାନ ପ୍ରଦାନ କରେ । ଏହା ସରକାର, ନୀତି ନିର୍ଣ୍ଣୟକାରୀ ଏବଂ ସଂଗଠନଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ ଯାହା ଲୋକଙ୍କ ସୁଖ ଦେବାରେ ସହାୟକ ହୋଇଥାଏ ଏବଂ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡିକ ଚିହ୍ନଟ କରିଥାଏ । ଏହି ମାନ୍ୟତା, ସମ୍ବଳ ବଣ୍ଟନ, ନୀତି ଓ ବିକାଶକୁ ତ୍ୱରାନ୍ୱିତ କରିପାରିବ । ଅତିରିକ୍ତ ଭାବରେ, ଏହି ତଥ୍ୟ ଗୋଟିଏ ଦେଶର ସଫଳତା ଉପରେ ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରେ । ଏହା ଦେଶର ସମୃଦ୍ଧିର ବିଚାର କରିବା ପାଇଁ ଅର୍ଥନୈତିକ ମେଟ୍ରିକ୍ ଉପରେ ନିର୍ଭର କରିବା ପରିବର୍ତ୍ତେ ଏହାର ନାଗରିକମାନଙ୍କର ସୁଖକୁ ମାପିବାକୁ ଚେଷ୍ଟା କରିଥାଏ । କିନ୍ତୁ ଏହି ତଥ୍ୟ କେତେ ବିଶ୍ୱାସଯୋଗ୍ୟ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ । କାହିଁକି କିଛି ଦେଶ ନିୟମିତ ଭାବରେ ବିଶ୍ୱ ସୁଖ ରିପୋର୍ଟରେ ଶୀର୍ଷ ସ୍ଥାନ ଅଧିକାର କରନ୍ତି ଯେତେବେଳେ ଅନ୍ୟମାନେ ବିଫଳ ହୁଅନ୍ତି? ସେ ଦେଶରେ କଣ ଅଛି ଏବଂ ଆମ ପାଖରେ କଣ ନାହିଁ, ତାହାର ବିଶ୍ଳେଷଣ କରାଯିବା ଆବଶ୍ୟକ । ଏହି ରିପୋର୍ଟ ଅନୁସାରେ, ଦୁନିଆର ସବୁଠାରୁ ସୁଖୀ ଦେଶଗୁଡିକରେ ଦୃଢ ସାମାଜିକ ସହାୟତା ବ୍ୟବସ୍ଥା ରହିଛି, ଯେଉଁଥିରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ବେକାରୀ ସୁବିଧା ଅନ୍ତର୍ଭୁକ୍ତ । ଏହି ସୁରକ୍ଷା ନିଶ୍ଚିତ କରେ ଯେ ନାଗରିକମାନେ ଆତ୍ମବିଶ୍ୱାସ ସହିତ ଜୀବନର ଆହ୍ୱାନର ସମ୍ମୁଖୀନ ହୋଇପାରିବେ । ସେହିପରି ଉଚ୍ଚ ସ୍ତରର ସ୍ୱାଧୀନତା ଏବଂ ସରକାର ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ, ବିଶ୍ୱାସ, ଜନତାଙ୍କୁ ସୁଖୀ କରିବା ସହ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହେଇଥାଏ । ଦୁନିଆର ଅଧିକାଂଶ ସୁଖୀ ଦେଶ କାର୍ଯ୍ୟ–ଜୀବନ ସନ୍ତୁଳନକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ଛୋଟ ସପ୍ତାହ (ଅର୍ଥାତ୍ ସପ୍ତାହରେ ଅଳ୍ପଦିନ କାମ କରିବା), ଅଧିକ ବେତନ, ଛୁଟି ଏବଂ ପରିବାର–ଅନୁକୂଳ ନୀତି ଉପରେ ଗୁରୁତ୍ୱ ଦେଇଥାନ୍ତି । ସୁନ୍ଦର ପ୍ରାକୃତିକ ଦୃଶ୍ୟ ଏବଂ ବାହ୍ୟ କାର୍ଯ୍ୟକଳାପରେ ସମୟ ଅତିବାହିତ କରିବା ପ୍ରାୟତଃ ଜନସଂଖ୍ୟାର ସାମଗ୍ରିକ ସୁଖରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେହିପରି ଆୟର ସମାନତା ଏବଂ ସାମାଜିକ ସମାନତାର ମଧ୍ୟ ମଣିଷ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଯଦିଓ ସୁଖୀ ଦେଶ ଭାବରେ ଭାରତର ସ୍ଥାନକୁ ନେଇ ବିତର୍କ ହେଇଆସିଛି ଏବଂ ଅନେକ ଏହାକୁ ଗ୍ରହଣ କରନ୍ତି ନାହିଁ, କିନ୍ତୁ କଥା ହେଉଛି ଯେଉଁ ମାପକାଠି ଉପରେ ଏହା ଆଧାରିତ ସେ ସବୁର ବର୍ତ୍ତମାନ ସ୍ଥିତିକୁ ବିଶ୍ଳେଷଣ କରି, ଆମକୁ ସେହିସବୁ କ୍ଷେତ୍ରରେ ବିକାଶକୁ କି ପ୍ରକାର ତ୍ୱରାନ୍ୱିତ କରାଯାଇ ପାରିବ, ସେ କଥା ଚିନ୍ତା କରିବା ଜରୁରୀ । ଯଦି ଆମେ ସେହିସବୁ କ୍ଷେତ୍ରରେ ଆମଠାରୁ ଉପର ରାଙ୍କରେ ଥିବା ଦେଶ ତୁଳନାରେ ଭଲରେ ଅଛେ, ତା'ହେଲେ ଚିନ୍ତା କରିବାର କିଛି ନାହିଁ ଏବଂ ଏହି ତଥ୍ୟରେ ସତ୍ୟାସତ୍ୟ ନାହିଁ ବୋଲି ସ୍ପଷ୍ଟ ହେଇଯିବ । ତେବେ ଆମକୁ ସ୍ୱୀକାର କରିବାକୁ ପଡିବ, ଆମେ ଏବେବି ବେରୋଜଗାରୀ ଏବଂ ମୁଦ୍ରାସ୍ଫୀତି ସମସ୍ୟାକୁ ସମାଧାନ କରିବାରେ ସଫଳ ହେଇନାହୁଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବାକୁ ପଡିବ । ଏହା ନୁହେଁ ଯେ' ଏ ସବୁ କ୍ଷେତ୍ରରେ ଆମେ ଅଗ୍ରଗତି କରିନାହୁଁ । ବିଗତ କିଛି ବର୍ଷକୁ ତୁଳନା କଲେ, ଆମେ ଯଥେଷ୍ଟ ଅଗ୍ରଗତି କରିଛେ, ତେବେ ବି ଆହୁରି କାମ ବାକି ଅଛି । ତେବେ, ସବୁଠାରୁ ବଡ କଥା ହେଉଛି, ଏହିଭଳି ରିପୋର୍ଟ ପରୋକ୍ଷରେ ଆମକୁ ସାହାଯ୍ୟ କରେ ନିଜକୁ ଆହୁରି ଭଲଭାବରେ ଦେଖିବାପାଇଁ ଏବଂ ଅଭାବ–ଅସୁବିଧାର ସମାଧାନ କରିବା ପାଇଁ । ଅନ୍ୟପକ୍ଷରେ ଏହିଭଳି ତଥ୍ୟ ଗୋଟିଏ ଦେଶର ଛବିକୁ ବିଶ୍ୱ ଦରବାରରେ ମଳିନ କରିଥାଏ ଯାହା ଦେଶକୁ ଅନେକ କ୍ଷେତ୍ରରେ ପ୍ରଭାବିତ କରିଥାଏ । ତେଣୁ ଏହିଭଳି ରିପୋର୍ଟ ଉପରେ ଆମେ ପ୍ରତିବାଦ କରିବା ସହ ସୁଖୀ ଦେଶ ଭାବରେ ମାନ୍ୟତା ପାଇବା ପାଇଁ, ଆମର ଅଭାବ–ଅସୁବିଧା ରହିଛି କି ନାହିଁ ସେ ଦିଗରେ ଅଧିକ ତର୍ଜମା କରି ପଦକ୍ଷେପ ନବ ଜରୁରୀ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ମୋ ମାଟି ଓଡ଼ିଶା

**ଜୟଶ୍ରୀ ପଟ୍ଟନାୟକ**

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଆମର ଏ ଉତ୍କଳ ଭୂଇଁ । କେତେ ନଦ ନଦୀ ପାହାଡ଼ ଜଙ୍ଗଲ ଘେରା ପ୍ରକୃତିର ଶୋଭାରାଜି ଅତୁଳନୀୟ । କଳା ସଂସ୍କୃତିର ଉତ୍କର୍ଷତା ଏ ରାଜ୍ୟକୁ ମହନୀୟ କରିଛି । ଦିନେ ଏ ରାଜ୍ୟର ସୀମା ଗଙ୍ଗାଠାରୁ ଗୋଦାବରୀ ଯାଏଁ ଥିଲା ବିସ୍ତୃତ ତାହା ଭାବିଲେ ମନରେ ଗର୍ବ ଆସେ । ଦିନ ଥିଲା ଉତ୍କଳ ଜନନୀ ଗୃହଶତ୍ରୁ, କୁଚକ୍ରୀ, କୁମନ୍ତ୍ରଣା ଯୋଗୁଁ ୧୫୬୮ରେ ଆଫଗାନ, ମୋଗଲ ଓ ମରହଟ୍ଟା ଶକ୍ତି ଦ୍ୱାରା ଅଧିକୃତ ହୋଇଥିଲା ।

ପାଇକର ଶକ୍ତି ଓ ସାମର୍ଥ୍ୟ ମାଟିରେ ମିଶି ଯାଇଥିଲା । ୧୮୦୩ ମସିହାରେ ଓଡିଶା ଇଂରେଜ ଶାସନର କବଳିତ ହେଲା ମାନଚିତ୍ରରୁ ଓଡିଶାର ଅସ୍ତିତ୍ୱ ହରାଇଲା । ଏହା ଥିଲା ଗଭୀର ଦୁଃଖ ଓ ପରିତାପର ବିଷୟ । କୋଣ ଅନୁକୋଣରେ ବ୍ୟାପିଗଲା ପରାଧୀନତାର ବିଦ୍ରୋହର ବହ୍ନି । ସଜାଗ ହେଲେ ଓଡ଼ିଆ ଯୋଦ୍ଧା । ବ୍ରିଟିଶ ଶାସନରୁ ମା' ମାଟିକୁ ଉଦ୍ଧାରିବା ପାଇଁ ଦୁଇ ବର୍ଷ ମଧ୍ୟରେ ଖୋର୍ଦ୍ଧା ରାଜାଙ୍କ ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରି ବନ୍ଦୀ ହେଲେ ଓ ଫାଶୀ ପାଇଲେ । ୧୮୧୭ ଖୋର୍ଦ୍ଧା ରାଜାଙ୍କ ପ୍ରଧାନ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଆରମ୍ଭ ହେଲା ପାଇକ ବିଦ୍ରୋହ । ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀମାନେ ବିଭିନ୍ନ ପ୍ରାନ୍ତରରେ ଥିବା ଓଡ଼ିଆମାନଙ୍କୁ ଏକାଠି କରି ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରିବାକୁ ପ୍ରୟାସ ଜାରି ରଖିଲେ କାରଣ ଇଂରେଜମାନେ ଗଡଜାତ ରାଜ୍ୟମାନଙ୍କୁ କରଦ ରାଜ୍ୟ ଭାବେ ପରିଗଣିତ କରି ପଶ୍ଚିମାଞ୍ଚଳ, କେନ୍ଦ୍ରାଞ୍ଚଳ ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜରେ ରଖି କଟକ, ପୁରୀ , ବାଲେଶ୍ୱରକୁ ଓଡ଼ିଶାର ମାନ୍ୟତା ଦେଲେ । ପଶ୍ଚିମ ବଙ୍ଗଳାରେ ମେଦିନୀପୁର, ଆନ୍ଧ୍ରରେ ଶ୍ରୀକାକୁଲମ, ମଧ୍ୟ ପ୍ରଦେଶର ବସ୍ତର ଜିଲ୍ଲାରେ ବସବାସ କରୁଥିବା ଓଡ଼ିଆ ବିଚ୍ଛିନ୍ନାଞ୍ଚଳରେ ରହିଗଲେ । ଫଳରେ ଜାତୀୟ ଭାବନା କ୍ଷତିଗ୍ରସ୍ତ ହେଲା । ଜନମତକୁ ଉନ୍ମେଷ କରାଗଲା ସମ୍ବାଦପତ୍ର ଉତ୍କଳ ଦୀପିକା, ଉତ୍କଳ ବାହିକା, ନବ ସମ୍ବାଦ, ଦୈନିକ ଆଶା ପ୍ରଭୃତି ଦ୍ୱାରା ।

୧୮୮୫ ଜାତୀୟ କଂଗ୍ରେସରେ ଭାରତୀୟ ନେତାମାନେ ଏକାଠି ରହି ଦେଶ ସମସ୍ୟା ବିଷୟରେ ଆଲୋଚନା କରି ସରକାର ନିକଟରେ ଦାବୀପତ୍ର ଉପସ୍ଥାପିତ କରିବାକୁ ଚାହିଁଲେ । ସମ୍ବାଦକ, ସୁଲେଖକ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, କର୍ମବୀର ଗୌରୀ ଶଙ୍କର, ନୀଳମଣି ବିଦ୍ୟାରତ୍ନ, ମଧୁସୂଦନ ଦାସ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରୀକରଣ କରି ୧୮୭୬ରେ ଦାବୀପତ୍ର ଦେଇଥିଲେ ତତ୍କାଳୀନ ଭାରତ ପ୍ରଶାସକଙ୍କୁ । ୧୯୦୩ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କଳ ସମ୍ମିଳନୀ ବସିଲା । ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଏହାର ଆବାହକ । ସେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଦାବୀ ଜଣାଇଲେ । ସରକାର କିଛି ପଦକ୍ଷେପ ନ ନେବାରୁ ବିଲାତ ଯାଇ କମିଶନରଙ୍କୁ ଜଣାଇଲେ । ଫଳରେ ବିହାର, ଓଡ଼ିଶାକୁ ବଙ୍ଗଳାରୁ ଅଲଗା କରାଗଲା ସ୍ୱତନ୍ତ୍ର ଓଡ଼ିଶା ହୋଇ ପାରିଲାନି । ପରମ ଦେଶଭକ୍ତ ପାରଳାର କୃଷ୍ଣଚନ୍ଦ୍ର ଗଜପତି ୧୯୨୦ରେ ଏହି ସ୍ୱତନ୍ତ୍ର ପ୍ରଦେଶ ଦାବୀ ଉଠାଇଲେ ତାଙ୍କ ସହ ଥିଲେ ଗୋପବନ୍ଧୁ ଦାସ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶଶିଭୂଷଣ ରଥଙ୍କ ସହ ଆହୁରି ଅନେକ । ଶେଷରେ ସାଇମନ କମିଶନ ଓ ଓଡୋନେଲ୍ କମିଟି ଏ ବିଷୟ ଅନୁଧ୍ୟାନ କଲେ ।

ଲଣ୍ଡନ ଗୋଲଟେବୁଲ ବୈଠକରେ ଯୋଗଦେଇ ପାରଳା ଗଜପତି ସେହି ଦାବୀ ଉପସ୍ଥାପିତ କଲେ । ଇଣ୍ଡିଆ ଅଫିସ ପକ୍ଷରୁ ପ୍ରସ୍ତୁତ ଶ୍ୱେତପତ୍ରରେ ଓଡ଼ିଶା ପ୍ରଦେଶ ଗଠନ ହେବା କଥା ପ୍ରକାଶ ହେଲା । ୧୯୩୬ ଜାନୁଆରୀ ୩ ପ୍ରିଭି କାଉନସିଲଙ୍କ ପରାମର୍ଶ ଅନୁସାରେ ଏ ସମ୍ପର୍କରେ ନିର୍ଦ୍ଦେଶନାମା ପ୍ରକାଶ ପାଇଲା ସେହି ବର୍ଷ ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠିତ ହେବ ବୋଲି ସ୍ଥିର ହେଲା । ଓଡ଼ିଆ ଭାଷାଭାଷୀ ୨୬ଟି ଦେଶୀୟ ରାଜ୍ୟର ଲୋକମାନଙ୍କୁ ଏକାଠି ସଙ୍ଗଠିତ କରିବା ବହୁତ କଷ୍ଟକର ଥିଲା ଯାହା ମଧୁବାବୁଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ଗଠନ ଦ୍ୱାରା ସମ୍ଭବ ହେଲା । ଓଡ଼ିଆ ସମ୍ବାଦପତ୍ର ଦ୍ୱାରା ଓଡ଼ିଆ ଜାତୀୟତା ବଢ଼ିଲା ।

ରେଭେନ୍ସା କଲେଜରେ ନୂତନ ପ୍ରଦେଶ ଗଠନ ପାଇଁ ଦରବାର ଆୟୋଜନ ହେଲା । ପ୍ରଥମ ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ ହବାକ୍ ତାଙ୍କ ପତ୍ନୀ ଲେଡି ହବାକ୍ ତାଙ୍କର ପ୍ରାଇଭେଟ ସେକ୍ରେଟାରୀ ସ୍ୱତନ୍ତ୍ର ଟ୍ରେନରେ ଆସି ଓଡ଼ିଶା କଟକରେ ପହଞ୍ଚିଲେ । ବିହାର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କୁ ଶପଥପାଠ କରାଇଥିଲେ । ଏହି ଦରବାର ଉତ୍ସବରେ ପାଞ୍ଚଟି ସଙ୍ଗଠନ ଅଂଶଗ୍ରହଣ କରିଥିଲେ । ୧୯୩୬ ଅପ୍ରେଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ପାଇଲା । ରାଜ୍ୟ ପୁନର୍ଗଠନ ପରେ ବି ଓଡ଼ିଶା ବାହାରେ ରହିଗଲା । ବିହାର ସିଂହଭୂମ ଜିଲ୍ଲାରେ ଷଡେଇକଳା, ଖରସୁଆଁ, ପଶ୍ଚିମ ବଙ୍ଗରେ ମେଦିନୀପୁର,ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାରେ ଅନେକ ଅଞ୍ଚଳ, ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରେ ଲକ୍ଷ ଲକ୍ଷ ଓଡ଼ିଆ ଆଜିବି ବିଚ୍ଛିନ୍ନ ହୋଇ ରହିଗଲେ ଫଳରେ ସାହିତ୍ୟ ସଂସ୍କୃତିର କେତେକାଂଶରେ ଅବକ୍ଷୟ ଘଟୁଛି । ସେଠାରେ ଥିବା ଅନେକ ଲୋକ ଓଡ଼ିଆ ସଂସ୍କୃତିକୁ, ଭାଷାକୁ ଭୁଲିଗଲେଣି । ଅନେକ ଲୋକ ଆମ ସଂସ୍କୃତିକୁ ଆପଣେଇ ରଖିଛନ୍ତି । ଗୋଟେ ସୁନ୍ଦର ଓଡ଼ିଶା ଗଠନ ପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ସାଧାରଣ ଜନତା ଯାଏଁ ସମସ୍ତେ ପ୍ରୟାସ କରିବା ଦରକାର । ଆମ ଭାଷା ହିଁ ଆମର ପରିଚୟ । ବିଶ୍ୱ ଦରବାରରେ ବିଶ୍ୱ ପ୍ରାଣରେ ଓଡ଼ିଆର ଦେବତା ଜଗନ୍ନାଥ ଆଜି ବି ଓଡ଼ିଆର ଜାତୀୟ ଦେବତା ରୂପେ ପରିଗଣିତ । କୋଣାର୍କ ମନ୍ଦିର, ପିପିଲି ଚାନ୍ଦୁଆ ରଘୁରାଜପୁରର ପଟ୍ଟଚିତ୍ର , ଓଡ଼ିଆ ପାଇକ, ଛଉ ନୃତ୍ୟ ,ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଓଡ଼ିଶାର ମା' ମାଟି ମମତା ବିଷୟରେ ପରିଚୟ ଦେଉଛି । ପ୍ରକୃତି ରାଣୀ ଚିଲିକା, ନଳବଣ, ଭିତର କନିକା, ବାଲୁକା କଳା ଆଜି ବି ଓଡ଼ିଆର ପରିଚୟ ବଜାୟ ରଖିଛି । ଏ ଜନ୍ମମାଟିର ଦାୟାଦ ହୋଇ ଆମେ ଯଦି ଓଡ଼ିଆ କହିବାନି, ଲେଖିବାନି, ପଢ଼ିବାନି ତେବେ ଦିନ ଆସିବ କୋଣାର୍କ ଟିଭି, ବେତାର ଗ୍ରାମଫୋନ, ଓଡିଆରେ ଚିଠି ଲେଖା ସବୁ ବିଲୁପ୍ତ ପ୍ରାୟ ହେଲାପରି ଓଡିଆ ଭାଷାରେ ଅନ୍ୟ ଭାଷା ଧସେଇ ପଶିଆସିଥିବ ।

ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସେବା, ତ୍ୟାଗ, ନିଷ୍ଠା ଜାତିପ୍ରେମ,ବଳିଦାନର କିଛି ମହତ୍ତ୍ୱ ରହିବ ନାହିଁ । ତେଣୁ ସ୍ୱତନ୍ତ୍ର ପ୍ରଦେଶ ଉତ୍କଳ ଗଠନର ସ୍ୱପ୍ନକୁ ସାକାର କରିବା, ସମ୍ମାନ ଦେବା ଓଡ଼ିଆ ଭାଷା ପ୍ରତି,ମାଟି ମା' ପ୍ରତି ଆନୁଗତ୍ୟ ରହିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କର ମୌଳିକ କର୍ତ୍ତବ୍ୟ ହେବା ଦରକାର । କାରଣ ଭାଷା ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଓଡ଼ିଶା ବଞ୍ଚିବ । ଉତ୍କଳ ଜନନୀ ହସିଉଠିବ । କଳା, ସଂସ୍କୃତି, ଐତିହ୍ୟ, ସାହିତ୍ୟ ସବୁ ବଞ୍ଚି ରହିବ ଯୁଗ ଯୁଗକୁ ।

**ଭୁବନେଶ୍ୱର, ମୋ–୭୯୭୮୧୧୦୪୭୪**

# ଜଗତସିଂହପୁର ମାଟିର କଥା ଓ ଗାଥା

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଜଗତସିଂହପୁର ମାଟି କଥା କୁହା ମାଟି । ଏ ମାଟିରେ ଟେକାଟିଏ ପଡିଲେ ସେ କଥା କୁହେ । ସୃଜନଶୀଳତାର ସୁନାର ଫସଲ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର କଣ୍ଟକିତ ପଥ, କଳା, ସଂସ୍କୃତି ଐତିହ୍ୟର ଉଜ୍ଜ୍ୱଳ ପରମ୍ପରା ଠାରୁ ଆରମ୍ଭ କରି ରାଜନୀତି ଓ ଶିକ୍ଷାର ବୃହତ୍ତର କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଏ ମାଟିର ବାସ୍ନା ବେଶ୍ ବାରି ହୋଇପଡେ । କେବଳ ଆମ ରାଜ୍ୟ ନୁହେଁ ସାରା ଦେଶରେ ଏ ମାଟିର କୀରତି ଗାଥା ଗୁଞ୍ଜରିତ ହୁଏ । ଆମର ଭାଷା, ଆମ ସାହିତ୍ୟ ଓ ଆମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହିଁ ଆମର ପରିଚୟ । ଭାଷାକୁ ଭିତ୍ତିକରି ପ୍ରଥମ ରାଜ୍ୟ ଭାବରେ ଓଡିଶା ପ୍ରଦେଶ ଗଠିତ ହୋଇଥିଲା ।

ଓଡିଆ ଭାଷାକୁ ନୂତନ ଦିଶା ଦେବାରେ ଏ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ସମସାମୟିକ ସମାଜରେ ସଂସ୍କୃତ ଭାଷାର ପ୍ରାଧାନ୍ୟକୁ ପ୍ରତିହତ କରି ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ସେ ଓଡିଆ ଭାଷାର ଯେଉଁ ମୂଳଦୁଆ ପକାଇଥିଲେ ପରବର୍ତ୍ତୀ ସମୟରେ ଭାଷା ଭିତ୍ତିକ ପ୍ରଦେଶ ପାଇବାରେ ଆମେ ସମର୍ଥ ହୋଇଥିଲେ । ପରବର୍ତ୍ତୀ ସମୟରେ ଏ ମାଟିର ବହୁ ସାରସ୍ୱତ ପ୍ରତିଭା ସ୍ୱୀୟ ଲେଖନୀ ଚାଳନା କରି ଓଡିଆ ଭାଷାକୁ ଋଦ୍ଧିମନ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଜ୍ଞାନପୀଠ ପୁରସ୍କାର ବିଜୟିନୀ ଔପନ୍ୟାସିକା ଡ. ପ୍ରତିଭା ରାୟ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ବିଷୁବ ପୁରସ୍କାର ବିଜେତା ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଔପନ୍ୟାସିକ ବିଭୂତି ପଟ୍ଟନାୟକ, ସୁସାହିତ୍ୟିକ ପରମାନାନ୍ଦ ଅଧିକାରୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ପ୍ରଜ୍ଞା ପାରାମିତା ଶତପଥୀ ଓ ଆହୁରି ଅନେକ ନିଜସ୍ୱ ରଚନାରେ ସେମାନେ ପ୍ରତିଷ୍ଠିତ ହେବା ସହ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇ ଏ ମାଟି ପାଇଁ ଗୌରବ ଆଣିଛନ୍ତି ।

ଭାରତର ମୁକ୍ତି ସଂଗ୍ରାମକୁ ଜଗତସିଂହପୁରର ଅବଦାନ ଅତୁଳନୀୟ । ଦେଶରେ ଅନ୍ୟ ରାଜ୍ୟ ଭଳି ଓଡିଶା ବିଶେଷ କରି ଜଗତସିଂହପୁରର ବହୁ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଲାଠି ମାଡ ଖାଇଛନ୍ତି ଓ କାରାବରଣ କରିଛନ୍ତି । ଏ ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ପଣ୍ଡିତ ପ୍ରାଣକୃଷ୍ଣ ପଢିଆରୀ, ନାରାୟଣ ବୀରବର ସାମନ୍ତ, ଗୌରଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର, ଉଦୟନାଥ ଷଡଙ୍ଗୀ, ଗୌରୀଶ୍ୟାମ ନାୟକ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ଏ ମାଟିର ମହୀୟସୀ ମହିଳାମାନଙ୍କ ଯୋଗଦାନ କୌଣସି ଗୁଣରେ କମ୍ ନଥିଲା । ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ ଓ ଅନ୍ନପୂର୍ଣ୍ଣା ମହାରଣା ଆଗ୍ରଗଣ୍ୟା ।

ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଏ ମାଟିର ମହକ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜା, ପ୍ରଜ୍ଞାପୁରୁଷ ଡ. ଶ୍ରୀରାମଚନ୍ଦ୍ର ଦାଶ, ବୈଜ୍ଞାନିକ ବଂଶୀଧର ପରିଜା, ସୁଦର୍ଶନ ସାସମଲ, ପ୍ରଫେସର ହୃଦାନନ୍ଦ ରାୟ, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ଦାସ, ଯୋଗେନ୍ଦ୍ରନାଥ ଦାଶ, ନୃସିଂହ ଚରଣ କାନୁନ୍‌ଗୋ, ବୈକୁଣ୍ଠନାଥ ଆଚାର୍ଯ୍ୟ, ସୁରପ୍ରସାଦ ମହାପାତ୍ର , ସଂସ୍କୃତ ବିଦ୍ୱାନ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ପ୍ରତିଭାଦୀପ୍ତ ବରେଣ୍ୟ ବ୍ୟକ୍ତିଗଣ ।

ସେହିପରି କଳା ନାଟକ କ୍ଷେତ୍ରରେ ଜଗତସିଂହପୁର ଅବଦାନ ପ୍ରଣିଧାନ ଯୋଗ୍ୟ । ଏ ମାଟିର ପ୍ରମୁଖ ଯାତ୍ରାଦଳ ଓଡିଶା ତଥା ଓଡିଶା ବାହାରେ ସୁନାମ ଅର୍ଜନ କରିଛନ୍ତି । ଖାଲି ସେତିକି ନୁହେଁ ଅନେକ ନାଟ୍ୟକାର ଉନ୍ନତମାନର ନାଟକ ରଚନା କରି ଏ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ସେମାନଙ୍କ ମଧ୍ୟରେ ଗୀତିନାଟ୍ୟକାର କବି ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ, ଇଂ. କିଶୋର ମହାପାତ୍ର, ଜଗଦୀଶ ତ୍ରିପାଠୀ, ଉତ୍ତମ ଦାସ, କୈଳାଶ ମଲ୍ଲିକ, ହର ବାରିକ ଓ ଆଶୁତୋଷ ମହାପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଅଭିନୟ ପ୍ରଦର୍ଶନରେ ମଧ୍ୟ ଏ ମାଟିର ଚମକ ଅନନ୍ୟ । ଆର୍ତ୍ତବନ୍ଧୁ ରାଉତରାୟଙ୍କ ଠାରୁ ଆରମ୍ଭ କରି ଉତ୍ତମ ପାଳ, ଶଙ୍କର୍ଷଣ ପଣ୍ଡାଙ୍କ ଠାରୁ ଆରମ୍ଭ କରି ଦେବୀ ରଥ ଏପରିକି ଚଳଚ୍ଚିତ୍ର ଜଗତର ଦୁଃଖିରାମ ସ୍ୱାଇଁଙ୍କ ପର୍ଯ୍ୟନ୍ତ ସବୁଠି ସେଇ କଳାର ମଣିଷମାନଙ୍କର ଅଭୁଲା ଅଭିନୟର ଚର୍ଚ୍ଚା ।

ରାଜନୀତି କ୍ଷେତ୍ରରେ ମଧ୍ୟ ଓଡିଶା ମାନଚିତ୍ରରେ ଏ ମାଟି ବିଶେଷ ସ୍ଥାନର ଅଧିକାରୀ । ସ୍ୱାଧୀନତା ପୂର୍ବରୁ ୧୯୩୭ ମସିହାରେ ତିର୍ତ୍ତୋଲ–ଏରସମା ନିର୍ବାଚନ ମଣ୍ଡଳୀରୁ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରେ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ । ସ୍ୱାଧୀନତା ପରେ ପରବର୍ତ୍ତୀ ସମୟରେ ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି, ଲୋକନାଥ ଚୌଧୁରୀ, ବିପିନ ବିହାରୀ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ବୈକୁଣ୍ଠ ମହାନ୍ତି, ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ, ନିତ୍ୟାନନ୍ଦ ସାମନ୍ତରାୟ ଓ ଲକ୍ଷ୍ମଣ ମଲ୍ଲିକଙ୍କ ସମେତ ଅନେକ ରାଜନୀତିରେ ପଦାର୍ପଣ କରି ବହୁ ସୁନାମ ଅର୍ଜନ କରିଯାଇଛନ୍ତି । ସେହିପରି ନିକଟରେ ଦିବଙ୍ଗତ ହୋଇଥିବା ପ୍ରବୀଣ ରାଜନୀତିଜ୍ଞ ଡାକ୍ତର ଦାମୋଦର ରାଉତ ସରକାରୀ ଚାକିରି ଛାଡି ଓଡିଶା ରାଜନୀତିରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଯାଇଛନ୍ତି । ଏଥିସହିତ ଦେବାଶିଷ ସାମନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ରଞ୍ଜୀବ ବିଶ୍ୱାଳ, ଡାକ୍ତର କୁଳମଣୀ ସାମଲ, ଡାକ୍ତର ରାଜଶ୍ରୀ ମଲ୍ଲିକ, ପ୍ରଶାନ୍ତ କୁମାର ମୁଦୁଲି, ରଘୁନନ୍ଦନ ଦାସ, ସମ୍ବିତ ରାଉତରାୟ, ବିଜୟ ଶଙ୍କର ଦାସ ଓ ଆହୁରି ଅନେକ ରାଜନୀତିରେ ପାଦ ଥାପି ସଫଳ ହୋଇଛନ୍ତି ।

ଜଗନ୍ନାଥ ସଂସ୍କୃତି ହିଁ ଏଇ ଜାତିର ପରିଚୟ । ଏ ଜାତିର ଆରାଧ୍ୟ ଦେବତା ସେ । ବିଗତ ଦିନରେ ନବକଳେବର ସମୟରେ ବଡଠାକୁର ପ୍ରଭୁ ବଳଭଦ୍ର, ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ସୁଭଦ୍ରାଙ୍କ ତିନି ଦାରୁ ଏହି ଜିଲ୍ଲାରୁ ହିଁ ମିଳିଥିଲା । ଜଗନ୍ନାଥମୟ ହୋଇଯାଇଥିଲା ଏ ମାଟି । ଯାହା ଏଇ ମାଟିକୁ ସମଗ୍ର ବିଶ୍ୱରେ ଏକ ନିଆରା ପରିଚୟ ଦେଇଛି । ମା'ସାରଳାଙ୍କ ପୀଠ ଏ ମାଟି ବାଣୀକ୍ଷେତ୍ର ରୂପେ ସୁପରିଚିତ ଯାହାଙ୍କ ଅପାର କରୁଣାରୁ ସିଦ୍ଧେଶ୍ୱର ପରିଡା ଏଠି ସାରଳା ଦାସ ହୋଇଥିଲେ । ଏ ମାଟିର ମହିମା ସତରେ ଅନନ୍ୟ । ଏପ୍ରିଲ ପହିଲାରେ ଜଗତସିଂହପୁର ଜିଲ୍ଲାର ମାନ୍ୟତା ପାଇଲା ଓ ୩ ତାରିଖରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାର ଶୁଭ ଉଦ୍ଘାଟନ କରିଥିଲେ । ଜିଲ୍ଲା ପ୍ରତିଷ୍ଠାର ୩୧ ବର୍ଷ ପୂରଣ ହେବାକୁ ଯାଉଛି । ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ପ୍ରେରଣା ପାଇଁ ଅତୀତର ଗୌରବ ଓ ଐତିହ୍ୟର ସ୍ମୃତିଚାରଣ, ବର୍ତ୍ତମାନ ତ୍ରୁଟି–ବିଚ୍ୟୁତିର ସମୀକ୍ଷା, ଓ ଭବିଷ୍ୟତକୁ ଆହୁରି ସରସ ସୁନ୍ଦର କରିବାର ସଂକଳ୍ପ ଆମକୁ ନେବାକୁ ହେବ ।

**ସଭାପତି,ସାରସ୍ୱତ ପରିଷଦ,**
**ଜଗତସିଂହପୁର,**
**ମୋ – ୯୯୩୭୧୫୧୦୫୨**

**ଅମୃତବାଣୀ**

# ଜୀବନ ଏକ ଉପହାର

ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ନଦୀକୁ ଡେଇଁଲା । ନଦୀ ପାଖରେ ବସିଥିବା ଜଣେ ଭିକାରୀ ତାଙ୍କୁ ଅଟକାଇଲା ଏବଂ ପଚାରିଲା, କଥା କ'ଣ ଯେ ଆପଣ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଛନ୍ତି ? ଲୋକଟି କହିଲା, 'ମୁଁ ଯେତେ ଚେଷ୍ଟା କଲି ସବୁଠି ପରାଜିତ ହେଲି । ତେଣୁ ଏ ଜୀବନକୁ ରଖି ଲାଭ ନାହିଁ ।

କହିଲ ଭୋକ ପେଟରେ କେଉଁ ଲୋକ କେବେ ଜୀବନକୁ ଶେଷ କରି ଦେବାକୁ ଇଚ୍ଛା କରୁଅଛି । ମୋ ପାଖରେ କିଛି ନାହିଁ, ମୁଁ ନିସ୍ୱଃ... ତେଣୁ ମୁଁ ମରିବାକୁ ଚାହୁଁଛି? ଭିକାରୀଟି କହିଲା– 'ଆଚ୍ଛା, ମରିବା ପୂର୍ବରୁ ଗୋଟିଏ କାମ କରିବା । ତୁମେ ତ ମରିଯିବି, ମୁଁ କିନ୍ତୁ ଗୋଟିଏ ଲାଭ ପାଇବି । ଲୋକଟି ପଚାରିଲା, କି କାମ ?

ଭିକାରୀଟି କହିଲା, ଏହି ଗାଁର ମୁଖିଆ ଅତ୍ୟନ୍ତ ମଉଜିଆ ସ୍ୱଭାବର ମନୁଷ୍ୟ । ସେ ସବୁ ଅଜବ ଜିନିଷ ସଂଗ୍ରହ କରିବାକୁ ଭଲ ପାଆନ୍ତି । ମୁଁ ଆପଣଙ୍କର ଆଖି ତାଙ୍କୁ ବିକ୍ରି କରିଦେବାକୁ ଚାହୁଁଛି । ଅନ୍ତତଃ ମୋତେ ଏକ ଲକ୍ଷ ଟଙ୍କା ମିଳିବ । ତା'ପରେ ତୁମେ ମରିଯାଅ । ମୋ ସହିତ ଆପଣ ଆସନ୍ତୁ । ସେହି ଭିକାରୀଟି ବ୍ୟକ୍ତି ଜଣକୁ ନେଇ ମୁଖିଆଙ୍କ ପାଖକୁ ଗଲା । ମୁଁ ମରିଯିବି ବୋଲି ଲୋକଟି ପୂର୍ବରୁ କହି ସାରିଛି । ଏବେ ନ ଯଯୌ ନ ତସ୍ଥୌ... ଏବେ ଆଉ ପାଟି ଫିଟି ପାରୁନାହିଁ । ଭାବୁଛି ଯଦି ମୋର ଆଖି ଏକ ଲକ୍ଷ ଟଙ୍କା । ତେବେ ମୁଁ ଆଦୌ ଗରିବ ନୁହେଁ ।

ମୁଖିଆଙ୍କ ଘର ପାଖରେ ପହଞ୍ଚିବା ବେଳକୁ ଲୋକଟି ତାର ନିଷ୍ପତ୍ତି ବଦଳାଇଦେଲା , ଆଖି ବିକ୍ରି କରିବା ଠିକ୍ ନୁହେଁ । ସେ ମରିବା କଥା ଭୁଲିଗଲା । ମୁଖିଆ ବହୁତ ବୁଝାଇଲେ । ମୁଖିଆଟି କହିଲେ – ଯଦି ତୁମେ ଅଧିକ ମୂଲ୍ୟ ଚାହୁଁଛ, ତା'ହେଲେ ବି ଦିଆଯିବ । ତୁମେ ଯେତିକି ଟଙ୍କା କହିବ, ମୁଁ ସେତିକି ତୁମକୁ ଦେବି ।

ଭିକାରୀଟି କହିଲା– 'ତୁମେ କହୁଥିଲ ଯେ ତୁମ ପାଖରେ କିଛି ନାହିଁ । ତେଣୁ ତୁମେ ମରିବାକୁ ଯାଉଥିଲ । ତୁମେ ମରିଗଲେ... ଆଖି ମରିଯିବ, କାନ ମରିଯିବ, ହାତ ଗୋଡ଼ ମଧ୍ୟ ମରିଯିବ, ସବୁ କିଛି ମରିଯିବ । ତୁମକୁ ମୁଖିଆ ଆଖି ପାଇଁ ଏକ ଲକ୍ଷ କହିଛନ୍ତି, ଏବେ କାନ,



ଆଖି, ହାତ, ଗୋଡ ସବୁ ପାଇଁ ଅଲଗା ଅଲଗା ଭାବରେ ଏକ ଏକ ଲକ୍ଷ ଲେଖାଏଁ ଦିଆଯିବ । ଲୋକଟି ଠିଆ ହୋଇ ରହିଲା ।

କହିଲା, ତୁମେମାନେ ହତ୍ୟାକାରୀ । ମୁଁ ଆଉ ମରିବି ନାହିଁ । ଲୋକଟି ପ୍ରଥମ ଥର ପାଇଁ ଅନୁଭବ କଲା – ମୋର ଆଖି ଅଛି, କାନ ଅଛି, ଗୋଡ଼ ହାତ ଏବଂ ସମସ୍ତ ଅଙ୍ଗ ସୁରକ୍ଷିତ ଅଛି । ଯାହା ପାଇଁ ମୁଁ କେବେ ବି ଭଗବାନଙ୍କୁ ଧନ୍ୟବାଦ ଦେଇନାହିଁ । ମୁଁ କେବଳ ଆପତ୍ତି ଅଭିଯୋଗ କରିଛି । ଆପଣ ମୋର ଆଖି ଫିଟାଇ ଦେଲେ ।

ଭିକାରୀଟି କହିଲା– ସେଥିପାଇଁ ମୁଁ ଆପଣଙ୍କୁ ଏଠାକୁ ଆଣିଥିଲି । ଯାଆନ୍ତୁ, ଯାହା ଚାହୁଁଛନ୍ତି ତାହା କରନ୍ତୁ । ସେହିଦିନଠାରୁ ବଦଳିଗଲା ସେହି ବ୍ୟକ୍ତିର ଜୀବନ । ଆମ ପାଖରେ କେତେ କ'ଣ ଅଛି ? ଆପଣ ଏସବୁ ବିନା କାରଣରେ ଭଗବାନଙ୍କ ଠାରୁ ପାଇଛନ୍ତି । ସେଗୁଡିକ ଆମେ ରୋଜଗାର କରିନାହେଁ । ଏଗୁଡ଼ିକ ହେଉଛି ଜୀବନର ଉପହାର । ଏଗୁଡ଼ିକ ହେଉଛି ଭଗବାନଙ୍କ ଉପହାର । ଏସବୁର ଉଚିତ ଉପଯୋଗ କଲେ ନିଜର ଓ ସମାଜର ଅନେକାଂଶରେ ମଙ୍ଗଳ ହୋଇପାରିବ । ଅନେକେ ଉପକୃତ ମଧ୍ୟ ହେବେ ।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼, ମୋ–୯୪୩୭୯୮୫୮୬୬**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧୨...

ଉତ୍ତର, ତେଜେଶ୍ୱର ପରିଡାଙ୍କୁ ପାଟକୁରା, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ସୋର, ଆଠମଲ୍ଲିକରୁ ସଞ୍ଜୀବ ସାହୁ, କଂଗ୍ରେସ ଛାଡିଥିବା ନିହାର ମହାନନ୍ଦଙ୍କୁ ଅତାବିରା, ସ୍ମୃତିରେଖା ପରିଙ୍କୁ ଧର୍ମଶାଳାରେ ପ୍ରାର୍ଥୀ କରାଯାଇଛି । ତେବେ ବିଜେପିରେ ସାମିଲ ହୋଇଥିବା ଦେବାଶିଷ ନାୟକ, ପ୍ରଶାନ୍ତ ଜଗଦେବ, ଅନୁଭବ ମହାନ୍ତି, ଅରିନ୍ଦମ ରାୟଙ୍କୁ ଦଳ କେଉଁଠି ପ୍ରାର୍ଥୀ କରିବ ସ୍ଥିର ହୋଇନାହିଁ । ଅବଶ୍ୟ ବରୀ, ଖୋର୍ଦ୍ଧା, ବେଗୁନିଆ, କଟକ ବାରବାଟୀ ଆସନ ଲାଗି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇନାହିଁ । ଆଉ ୩୫ ଆସନ ପାଇଁ ବିଜେପିରେ କସରତ ଚାଲିଛି । ଖୁବ୍‌ଶୀଘ୍ର ଅନ୍ୟ ପ୍ରାର୍ଥୀମାନେ ଘୋଷଣା ହେବେ ବୋଲି ଜଣାପଡିଛି । ବହୁ ସ୍ଥାନରେ ଗତଥର ନିର୍ବାଚନ ଲଢୁଥିବା ନେତାଙ୍କୁ ପ୍ରାର୍ଥୀ କରାଯାଇଛି । ଚାନ୍ଦବାଲିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପ୍ରାର୍ଥୀ କରାଯାଇଥିଲା ବେଳେ ପାଟଣାଗଡରେ କନକ ବର୍ଦ୍ଧନ ସିଂହଦେଓ, ଭବାନୀପାଟଣାରେ ପ୍ରଦୀପ୍ତ କୁମାର ନାୟକ, ପାରାଦୀପରେ ସମ୍ପଦ ସ୍ୱାଇଁ, ଭୁବନେଶ୍ୱର ମଧ୍ୟରେ ଜଗନ୍ନାଥ ପ୍ରଧାନ, ଏକାମ୍ର ଭୁବନେଶ୍ୱର ଲାଗି ବାବୁ ସିଂ, ଚିଲିକା ଲାଗି ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରାର୍ଥୀ କରାଯାଇଛି । ଆଗାମୀ ଦିନରେ ଲଢେଇ ତୀବ୍ର ହେବ ବୋଲି ସୂଚନା ମିଳିଛି ।

### ୮ ଲୋକସଭା...

ପଟ୍ଟନାୟକ ନୂଆପଡାରୁ ଲଢିବେ । ଜୟପୁରରୁ ଦଳ ପୁଣି ତାରାପ୍ରସାଦ ବାହିନୀପତିଙ୍କ ଉପରେ ଭରସା ରଖିଛି । ତାଙ୍କୁ ସେଠାରୁ ପୁନର୍ବାର ପ୍ରାର୍ଥୀ କରାଯାଇଛି । ସାନଖେମୁଣ୍ଡିରୁ ରମେଶ ଜେନା ପ୍ରାର୍ଥୀ ହୋଇଥିଲା ବେଳେ ଚିକିଟିରୁ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟ ପ୍ରାର୍ଥୀ ହୋଇଛନ୍ତି । ୮ ଲୋକସଭା ଆସନ ତଥା ବରଗଡରୁ ସଞ୍ଜୟ ଭୋଇ, ସୁନ୍ଦରଗଡରୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗୀରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝୀ, ନବରଙ୍ଗପୁରରୁ ଭୁଜବଳ ମାଝୀ, କନ୍ଧମାଳରୁ ଅମିତ ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଞ୍ଜନ ପଟ୍ଟନାୟକ ଓ କୋରାପୁଟରୁ ସାଂସଦ ସପ୍ତଗିରି ଉଲ୍‌କାଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି ।

### ନିଃସର୍ତ୍ତ...

ମାମଲା ଶୁଣାଣି ଚାଲିଥିଲା । ସେପଟେ ବିଜ୍ଞାପନ ଛପା ଚାଲିଥିଲା । ସୁପ୍ରିମ୍‌କୋର୍ଟ ହେଉଛି ଦେଶର ସବୁଠୁ ବଡ ଅଦାଲତ । କିପରି ଆଇନ ଉଲ୍ଲଂଘନ କଲେ ବୋଲି ଖଣ୍ଡପୀଠ ପଚାରିଥିଲେ । ତେବେ ଆଜି ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାହା ଯଥେଷ୍ଟ ନୁହେଁ । ନିୟମ ମଧ୍ୟ ଉଲ୍ଲଂଘନ କରିଛନ୍ତି । କୋଭିଡ୍ ସମୟରେ ପତଞ୍ଜଳୀ ପକ୍ଷରୁ ବିନା ବୈଜ୍ଞାନିକ ପ୍ରମାଣରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଔଷଧ ସମ୍ପର୍କରେ ବିଭ୍ରାନ୍ତିକର ସୂଚନା ଦିଆଯାଉଥିଲା । ଏପରିକି ଅନେକ ଔଷଧ ସମ୍ପର୍କରେ ବିଜ୍ଞାପନରେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଥିବା ନେଇ କୋର୍ଟ କହିଛନ୍ତି ।

### ୬ ଯାଏ...

ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାକୁ ଥିବା ବେଳେ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ରାତି ଉଷ୍ମ ରହିବାର ସମ୍ଭାବନା ରହିଛି । ୪ରୁ ୬ ତାରିଖ ଭିତରେ କଟକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ନୟାଗଡ଼ରେ କେତେକ ସ୍ଥାନରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇପାରେ । ଏହା ସହିତ ଖୋର୍ଦ୍ଧା, କଟକ, କେନ୍ଦୁଝର, ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ରାତ୍ରି ଉଷ୍ମ ରହିବାର ସମ୍ଭାବନା ଅଛି ବୋଲି ଆକଳନ କରିଛି ପାଣିପାଗ ବିଭାଗ ।

ସେପଟେ ପାଣିପାଗ ବିଜ୍ଞାନୀ ତଥା ସିଇସିର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ କହିଛନ୍ତି, ଉତ୍ତର-ପଶ୍ଚିମ ଭାରତ ଭୂଖଣ୍ଡ ଆଡୁ ପ୍ରବାହିତ ହେଉଥିବା ଉତ୍ତପ୍ତ ବାୟୁ ଓ ମୁକ୍ତ ଆକାଶ ଓଡିଶାରେ ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତି ସୃଷ୍ଟି କରିଛି । ଏହା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବଳବତର । ବଙ୍ଗୋପସାଗର ଆଡୁ ରାଜ୍ୟ ମଧ୍ୟକୁ ପବନ ପ୍ରବାହିତ ନ ହେବା ଓ କମ୍ ଆର୍ଦ୍ରତା ଦିନର ତାପମାତ୍ରାକୁ ବୃଦ୍ଧି କରିବାରେ ସାହାର୍ଯ୍ୟ କରୁଛି।

ଚଳିତମାସ ୭ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା

୪୦ ରୁ ୪୨ ଡିଗ୍ରୀ ସେଲସିୟସ୍ ରହିବାର ସମ୍ଭାବନା ଥିବାବେଳେ ଉପକୂଳରେ ଓଡିଶାରେ ଏହା ୩୭ ରୁ ୩୯ ଡିଗ୍ରୀ ସେଲସିୟସ୍ ରହିବ। ୭ ତାରିଖ ଅପରାହ୍ନ ବା ରାତ୍ରିରେ ବଜ୍ରପାତ ସହ ଝଡବର୍ଷାର ସମ୍ଭାବନା ରହିଛି । ୮ ରୁ ୧୦ ପର୍ଯ୍ୟନ୍ତ ଏହା ଦିନର ତାପମାତ୍ରାକୁ କମାଇ ଦେଇପାରେ। ଏହି ସମୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ରହିବ। ଦିନର ତାପମାତ୍ରା ୧୧ରୁ ପୁଣି ବୃଦ୍ଧି ପାଇପାରେ ବୋଲି ଡ. ସାହୁ କହିଛନ୍ତି।

### ୮ ଅଧିକାରୀଙ୍କୁ...

କନ୍‌ୱାର ବିଶାଲ ସିଂଙ୍କୁ ବଦଳି ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଫିସରମାନଙ୍କୁ ନିର୍ବାଚନ ପରିଚାଳନା ସଂକ୍ରାନ୍ତ କୌଣସି କାର୍ଯ୍ୟରେ ନିୟୋଜିତ ନକରିବା ପାଇଁ କୁହାଯାଇଛି ।

### ମର୍ମନ୍ତୁଦ...

ଝିଅ ସସ୍ମିତା ମଲ୍ଲିକ (୩୬) ଏକ ପଲସର୍ ବାଇକି ନଂ ଓଡ଼ି ୨୫ ଏନ୍‌୯୩୨୪ ଯୋଗେ ଭୁବନେଶ୍ୱରରୁ ନୟାଗଡ ଅଭିମୁଖେ ଗ୍ରାମକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ୧୦ଟାରେ ବୋଲଗଡ଼ ଥାନା ଠାରୁ ୩କିଲୋମିଟର ଦୂର ଚୁଡ଼ା ନିକଟରେ ସେମାନଙ୍କ ବାଇକ୍ ଏକ ଅଜଣା ଗାଡ଼ି ପଛପଟୁ ଧକ୍କା ଦେବା ଫଳରେ ଉଭୟ ଭାଇ ଭଉଣୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ।ଗାଡ଼ି ଚକା ତଳେ ପଡି ଭାଇ ଓ ଭଉଣୀର ମୁଣ୍ଡ ଚକଟି ହୋଇ ବାଟି ହୋଇ ଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏ ସଂକ୍ରାନ୍ତରେ ଖବର ପାଇ ତୁରନ୍ତ ବୋଲଗଡ଼ ଅଗ୍ନିଶ୍ରମ ବାହିନୀ ଓ ୧୦୮ଆମ୍ବୁଲାନ୍ସ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।ମଙ୍ଗଳ ବାର ସକାଳେ ବୋଲଗଡ଼ ଥାନା ପୋଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।ଏହି ଘଟଣାକୁ ନେଇ ବାଉଁଶିଆ ପଡ଼ା ଓ ବନମାଳୀ ପୁରରେ ଶୋକର ଛାୟା ଖେଳିଯାଇଛି ।ମୃତ ସସ୍ମିତାଙ୍କ ସ୍ୱାମୀ ଭୁବନେଶ୍ୱର ଓଲଡ଼ ଟାଉନ ରଥଯୋଡ ନିବାସୀ ଦୀନବନ୍ଧୁ ମଲ୍ଲିକ ବୋଲଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବୋଲଗଡ଼ ଥାନା ପକ୍ଷରୁ ଏକ ମକଦ୍ଦମା ୮୦/୨୪ ରୁଜୁ କରି ତଦନ୍ତ କରୀ ଅଧିକାରିଣୀ ଲିଲି ପାଢି ଅଧିକା ତଦନ୍ତ ଚଳାଇଛନ୍ତି।

### ଲୋକଙ୍କ...

ଅନୁରୋଧ କରିଛନ୍ତି। ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ପ୍ରସାରିତ ହେବା ପରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼କୁ ନେଇ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଅନେକ ଯୁବବର୍ଗ ଏହି କାର୍ଡ଼ ବ୍ୟବସ୍ଥାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ମତାମତ ପ୍ରଦାନ କରିଛନ୍ତି । ଏଥିପାଇଁ ମତାମତ ଦେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ନିଜର ମତାମତ ପ୍ରଦାନ କରିପାରିବେ ବୋଲି ସୋସିଆଲ ମିଡ଼ିଆ ପୋଷ୍ଟରେ କୁହାଯାଇଛି ।

# ନିର୍ବାଚନ କମିଶନଙ୍କୁ ବିଜେଡିର ଫେରାଦ

## ମୁକ୍ତ, ଅବାଧ ନିର୍ବାଚନରେ ବାଧା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ




ଭୁବନେଶ୍ୱର, ୨।୪ (ସବ୍ୟୁ) : ନିର୍ବାଚନ କମିଶନଙ୍କୁ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ବିଜେଡି ଭେଟିଛି । ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ଦେଇଛନ୍ତି । ସେମାନେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ମୁକ୍ତ ଓ ଅବାଧ୍ୟ ନିର୍ବାଚନ ଲାଗି ବିରୋଧୀ ଦଳ ବାଧା ସୃଷ୍ଟି କରୁଛନ୍ତି ।

ସେମାନେ ଦର୍ଶାଇଛନ୍ତି ଯେ ନିର୍ବାଚନ ପୂର୍ବରୁ ଓ ରାଜ୍ୟରେ ହୋଇଥିବା କେତେକ ଉପନିର୍ବାଚନରେ ନିର୍ବାଚନୀ ହିଂସା ବିରୋଧୀଙ୍କ ପକ୍ଷରୁ କରାଯାଇଥିବାର ନଜିର ରହିଛି । ଯେପରି ବୁଥ୍ ଦଖଲ, ଭୋଟରଙ୍କୁ ବିଭ୍ରାନ୍ତ କରିବା ଓ ହିଂସା ଆଦି ଘଟଣା ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁଛି । ନିର୍ବାଚନ କମିଶନଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଆଇନ ରକ୍ଷାକାରୀ ସଂସ୍ଥା ଏଥିରେ ପଦକ୍ଷେପ ନେବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସମଗ୍ର ବିଶ୍ୱରେ ଏକ ବେଞ୍ଚମାର୍କ ପ୍ରସ୍ତୁତ କରିଛି । ସ୍ୱଚ୍ଛତା ଓ ଅହିଂସାରେ ନିର୍ବାଚନ ଲଢିବା ଲାଗି ଦଳର ପୂର୍ବ ରେକର୍ଡ ରହିଛି । ଆମ ଦଳ ସମ୍ବିଧାନକୁ ସର୍ବୋଚ୍ଚ ମାନିବା ସହ ସମ୍ବିଧାନ ପ୍ରକ୍ରିୟା ଯଥା ନିର୍ବାଚନ ଓ ଏହାର ମୌଳିକ ଢାଞ୍ଚାକୁ ସମ୍ମାନ ଦେଇଥାଏ । ଆମେ ଆଶା କରୁଛୁ ଯେ ଯେଉଁ ବିରୋଧୀ ଦଳ ଗୁଡିକ ଏଭଳି କାର୍ଯ୍ୟରେ ଲିପ୍ତ ରହିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯେଉଁମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ସେମାନଙ୍କୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉ । ଏହାଛଡା ଭୋଟରମାନଙ୍କୁ ସୁରକ୍ଷା ଦେବା ଲାଗି ମଧ୍ୟ ଆମେ ଅନୁରୋଧ କରୁଛୁ । ନିର୍ବାଚନ କମିଶନ ବିଭିନ୍ନ ସ୍ଥାନରେ ହୋଇଥିବା ହିଂସା ସମ୍ପର୍କରେ ପଦକ୍ଷେପ ନେବାକୁ ଏହି ପ୍ରତିନିଧି ଦଳ ଦାବି କରିଥିଲେ । ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ମଧୁସ୍ମିତା ନାୟକ, ତୁମ୍ପୁକା ପଣ୍ଡା, ପ୍ରିୟବ୍ରତ ମାଝୀ, ମିହିର ରାୟ, ଇପ୍ସିତା ସାହୁ ଓ ଲେଲିନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

## ପଦ୍ମଶ୍ରୀ ମାଗୁଣି କୁଅଁର ଅସୁସ୍ଥ



କେନ୍ଦୁଝର , (ସ୍ୱପ୍ର) : ଓଡ଼ିଶାର ବିଶିଷ୍ଟ କାଠି କଣ୍ଢେଇ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ଗୁରୁତର ଅବସ୍ଥା ହୋଇପଡ଼ିଛନ୍ତି। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର କିଛିଦିନ ହେଲା ବାର୍ଦ୍ଧକ୍ୟ ଯନ୍ତ୍ରଣା ପାଇଆସୁଛନ୍ତି। ଯେଉଁଠି ପାଇଁ ସେ ନିୟମିତ ମେଡିସିନ ସେବନ କରୁଛନ୍ତି।ସୋମବାର ହଠାତ ତାଙ୍କ ଦେହ ହାତ ବିନ୍ଧିବା ସହିତ ଅତ୍ୟଧିକ ଦୁର୍ବଳ ହୋଇଯାଇଥିଲା। ପ୍ରବଳ ଗରମ ଯୋଗୁ ଏପରି ହେଉଥିବା ସନ୍ଦେହ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ଓଦା କପଡାରେ ତାଙ୍କ ଶରୀରକୁ ପୋଛି ଦେଇଥିଲେ। ତା'ପରେ ମଧ୍ୟ ସେ ସୁସ୍ଥ ହୋଇନଥିଲେ। ବିଛଣାରୁ ଉଠି ପାରିଲେ ନାହିଁଛ ପରେ ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମେଡିସିନ ୱାର୍ଡ ୩୫ ନମ୍ବର ଶଯ୍ୟାରେ ତାଙ୍କର ଚିକିତ୍ସା କରାଯାଉଛି। କିନ୍ତୁ ସେଠାରେ ଠିକରେ ଚିକିତ୍ସା ସେବା ପାଉନଥିବା ଅଭିଯୋଗ ହେଉଛି।କଣ୍ଢେଇ ନୃତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମାଗୁଣି କୁଅଁରଛ ସେଥିପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।।ଉଲ୍ଲେଖ ଥାଉ କି କେନ୍ଦୁଝର ସହରର ବେଦ୍ୟରାଜ ସାହିରେ ୧୯୩୭ ମସିହା ଫେବ୍ରୁଆରି ୧୨ ତାରିଖରେ ଶ୍ରୀ କୁଅଁର ଜନ୍ମଗ୍ରହଣ କରିଥିଲେ ।

## କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଇସ୍ତଫା

ଭୁବନେଶ୍ୱର ,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରୁ କଂଗ୍ରେସ ଟିକେଟରେ ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଗଣେଶ୍ୱର ବେହେରା ମଙ୍ଗଳବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି । ଶ୍ରୀ ବେହେରା ତାଙ୍କ ଇସ୍ତଫାପତ୍ରଟିକୁ ତାଙ୍କ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ସେଥିରେ ସେ ଲେଖିଛନ୍ତି, ମୁଁ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଉଛି । କଂଗ୍ରେସ ଦଳ ମୋତେ ବିଧାୟକ ତଥା ବିଭିନ୍ନ କର୍ମକର୍ତ୍ତା ଭାବେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରୁଛି।

କଂଗ୍ରେସରୁ ଇସ୍ତଫା ଦେବା ପରେ ଗଣେଶ୍ୱର ବେହେରା କହିଛନ୍ତି, ୨୦୨୪ ନିର୍ବାଚନ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏ ନିର୍ବାଚନ ଜିତିବାକୁ ପଡ଼ିବ । ବିଧାନସଭା ଯିବା ଲକ୍ଷ୍ୟ ପୂରଣ ପାଇଁ ଏହି ନିଷ୍ପତ୍ତି ନେଇଛି । କଂଗ୍ରେସରେ ରହି ବିଧାନସଭା ଯିବା ନେଇ ଆଶଙ୍କା ସୃଷ୍ଟି ହେଲା । ସମସ୍ତଙ୍କ ପରାମର୍ଶ ଓ ବହୁ ଆଲୋଚନା ପରେ ଏହି ପଦକ୍ଷେପ ନେଲି । ଦଳ ଛାଡ଼ିଛି, ହେଲେ ପ୍ରସଙ୍ଗରୁ ଦୂରେଇ ଯାଇନାହିଁ । ଶ୍ରୀ ବେହେରା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରୁ କଂଗ୍ରେସ ଟିକେଟରେ ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୫ରୁ ୧୯୯୦ ଓ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ସେ ବିଧାନସଭାର ସଦସ୍ୟ ଥିଲେ । ଗଣେଶ୍ୱର ବେହେରା ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଥିଲେ । ଗତ ଜାନୁଆରୀ ମାସରେ ତାଙ୍କୁ ଏହି ପଦରୁ ହଟାଯାଇ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ମିଡିଆ ସେଲ୍ ଅଧ୍ୟକ୍ଷ କରାଯାଇଥିଲା ।

**AFFIDAVIT**

I, Pradeep Bose, S/O- Jyotirmaya Bose resident of Vill- Lamloi, P.O. - Garvana, P.S.- Rajgangpur, Dist - Sundargarh, Odisha, PIN - 770017 declare by this Affidavit S/No.1483, Dtd. 04/11/2020 that I changed my name from **Pradeep Bose** to **Pradip Bose** for all future purposes.

**AFFIDAVIT**

By virtue of an affidavit vide A R No-90 dt. 2.4.24 in the court of Executive Magistrate, Talcher that I Sri Bidyut Kumar Ghose, At-Hatatota, PO/PS-Talcher, Dist-Angul hereby declared that, As per my certificate, Pan Card, Aadhaar Card and my son Birth Certificate and Aadhaar Card my name is mention as above. But in my son's ICSE Certificate No. 60092028 reflected wrongly as "BIDYUT KUMAR GHOSH" F/O- Devjit Ghosh, Bidyut Kumar Ghosh & Bidyut Kumar Ghosh is the same & one person. Hence I shall be known as Bidyut Kumar Ghosh, F/O- Devjit Ghosh for all future purposes.

Sd/-Bidyut Kumar Ghosh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
**(District Program Management Unit. NHM Jajpur)**
**No. 1570** **Dtd. : 30.03.2024**

**CORRIGENDUM NOTICE**

**E-3 :** The Tender Call Notice No—1348 dt-12-03-2024 issued by Chief District Medical & Public Health Officer, Jajpur with regard to Mechanised Laundry Service with supply of bed sheets at Govt. Health Institutions of Jajpur is kept in abeyance until disposal of WP (C) N- 88/ 2024 (M/s Arfin Service provider Agency Vrs.- State of Odisha & Others)

OIPR : 10042/11/0001/2425
**Sd/- Chief District Medical and Public Health Officer, Jajpur**

## କୋଲକାତା ଓଡିଶା ୱେଲଫେୟାର ସୋସାଇଟି ପକ୍ଷରୁ ଉତ୍କଳ ଦିବସ ପାଳନ




କୋଲକାତା : କୋଲକାତା ଓଡିଶା ୱେଲଫେୟାର ସୋସାଇଟି ପକ୍ଷରୁ ଭବାନୀପୁର ଠାରେ ୮୯ ତମ ଉତ୍କଳ ଦିବସ ପାଳନ କରାଯାଇଛି । ସଭାପତି ନିରଞ୍ଜନ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡିଶା ସରକାରଙ୍କ ପୂର୍ବତନ ବରିଷ୍ଠ ଲୋକସଂପର୍କ ଅଧିକାରୀ ପ୍ରଭାକର ସାହୁ ଯୋଗଦେଇଥିଲେ ।

ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ, ପଦ୍ମଭୂଷଣ ରାଧାନାଥ ରଥଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟତମ ଅତିଥିଭାବେ ବସନ୍ତମଞ୍ଜରୀ ସାହୁ, ଧରାଶ୍ରୀ ଭାନୁପ୍ରିୟା, ଗୌରାଙ୍ଗ ଚରଣ ରାଉତ, କାଳିନ୍ଦି ଜେନା ପ୍ରମୁଖ ଶ୍ରଦ୍ଧାସୁମନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାହୁ କହିଥିଲେ ଯେ କୋଲକାତା ଆସି ଉତ୍କଳ ଦିବସ ସମାରୋହରେ ଯୋଗଦେଇ ନିଜକୁ ଗର୍ବିତ ମନେକରୁଛି । କାରଣ ଏହି ସେହି ଭୂମି ଯେଉଁଠି ଓଡିଆ ଭାଷା ଏକ ଭାଷା ନୁହେଁ ବୋଲି ଦାବୀ ହେଉଥିଲା , କିନ୍ତୁ ସମୟ ସ୍ରୋତରେ ସେହି ରାଜ୍ୟରେ ଆଜି ଓଡିଶା ଦିବସ ପାଳନ ସହିତ ଓଡିଆ ଭାଷାର ମର୍ଯ୍ୟାଦା ବୃଦ୍ଧି ନିମିତ୍ତ ସଂକଳ୍ପ ଗ୍ରହଣ କରାଯାଉଛି । ବିଶେଷ କରି ଓଡିଆ ଭାଷାଭାଷୀମାନେ ଯେପରି ସଂଗଠିତ ହୋଇ ଓଡିଆ ଭାଷା ଓ ସଂସ୍କୃତିର ସମୃଦ୍ଧି ପାଇଁ ଭୂମିକା ପାଳନ କରୁଛନ୍ତି , ତାହା ପ୍ରକୃତରେ ଜଣେ ଓଡିଆ ଭାବେ ନିଜକୁ ଆନନ୍ଦିତ ମନେହୁଏ ।

ସେ କହିଥିଲେ ଯେ ସମୟ ଥିଲା ଓଡିଶା ଦାରିଦ୍ର୍ୟର କଳଙ୍କ ମୁଣ୍ଡାଉଥିଲା , କିନ୍ତୁ ଆଜି ସମୃଦ୍ଧ ଓଡିଶା କହିବାରେ ଗର୍ବ ଲାଗେ । ଓଡିଶା ସରକାର ଏକ ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ଏବଂ ନିକଟରେ ସଫଳତାର ସହିତ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ କରି ସମଗ୍ର ବିଶ୍ୱରେ ନଜିର ସୃଷ୍ଟି କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ଓଡିଆ ମାତୃଭାଷାର ବିକାଶ ପାଇଁ କାର୍ଯ୍ୟକରିବା ଉଚିତ । ଆଜି ସେହି ତ୍ୟାଗବୀର ମନିଷମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଜଣାଇବା ସହିତ ଓଡିଶା ୱେଲଫେୟାର ସୋସାଇଟି କର୍ମକର୍ତ୍ତାଙ୍କୁ ଶ୍ରୀ ସାହୁ ନିଜର କୃତଜ୍ଞତା ଜଣାଇ ଥିଲେ ।

ସଭାରେ ସମାଜ ସେବୀ ଦାମୋଦର ଲେଙ୍କା କହିଥିଲେ ଯେ ପ୍ରତିଟି ଓଡିଆ ନିଜ ଭାଷା ସଂସ୍କୃତିକୁ ଯଦି ଉନ୍ନତ କରିନପାରିବ ତେବେ ତାର ବିକାଶ ଘଟିବା ଅସମ୍ଭବ । ବିକାଶର ମୂଳଭିତ୍ତି ହେଉଛି ଭାଷା, ତେଣୁ ଆଜିର ଦିନରେ ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଶପଥ ନେବା ଉଚିତ୍ । ଅନ୍ୟତମ ଅତିଥି ଗୌରାଙ୍ଗ ଚରଣ ରାଉତ କହିଥିଲେ ଯେ ଏକଦା ଏହି କୋଲକତାର ଓଡିଆ ଭାଷାଭାଷୀଙ୍କୁ ଭିନ୍ନ ଚକ୍ଷୁରେ ବିବେଚନା କରାଯାଉଥିଲା, ଆଜି ଯାହାକି ସମୟସ୍ରୋତରେ ବଦଳି ଯାଇଛି । କାର୍ଯ୍ୟକ୍ରମରେ ସଭାପତିତ୍ୱକରି ନିରଞ୍ଜନ ରାଉତ କହିଥିଲେ ଯେ ସାଂପ୍ରତିକ ପରିବେଶରେ ଯିଏ ଯେଉଁ ପଦରେ ରୁହନ୍ତୁନା କାହିଁ କି ମାଆ-ମାଟି ପ୍ରତି ସମର୍ପିତ ହେବାକୁ ପଡିବ । ନଚେତ୍ ନିଜର ସ୍ୱତନ୍ତ୍ରତା ରହିବ ନାହିଁ ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-7
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୬୬ **ବିଜ୍ଞାପନ** ତା : ୧୫.୦୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ନଂ. ଏମ୍.ଆଇ.ଜି-୧-୧୯/୪ (MIG-1-19/4) ଟିକୁ ଶ୍ରୀ ପ୍ରଶନ୍ନ କୁମାର ପଣ୍ଡା, ପିତା- ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସା- ପାଢ଼ି ଷ୍ଟ୍ରୀଟ୍, ପୋ/ଥାନା-ପାରଳାଖେମୁଣ୍ଡି, ଜିଲ୍ଲା-ଗଜପତିଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଶନ୍ନ କୁମାର ପଣ୍ଡା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଶ୍ରୀ ବାଉରୀବନ୍ଧୁ ମହାରଣା, ପିତା- ସ୍ୱର୍ଗତ ରଘୁନାଥ ମହାରଣା, ସା/ପୋ- ଝଳିଆ, ଥାନା-ବଡ଼ମ୍ବା, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0001/2425

# ଋତୁରାଜ ଗାଏକ୍ୱାଡ ଅମୃତାଞ୍ଜନର ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର : ଅମୃତାଞ୍ଜନ ହେଲଥକେୟାର ପକ୍ଷରୁ ଲୋ ସୁଗାର ଭାରିଆଂଟର ଇଲେକ୍ଟ୍ରୋଲାଇଟ ଡ୍ରିଙ୍କଇଲେକ୍ଟ୍ରୋକୁ ଉନ୍ମୋଚନ କରାଯାଇଛି। ଏହା ଶରୀରରେ ଶକ୍ତିକୁ ବଢ଼ାଇବା ସହ ଜଳୀୟ ଅଂଶ ଅଭାବର ମୁକାବିଲାକରି କ୍ଲାନ୍ତି ଦୂର କରିବ। ଅମୃତାଞ୍ଜନ ପକ୍ଷରୁ ଇଲେକ୍ଟ୍ରୋ ପାଇଁ ଭାରତୀୟ କ୍ରିକେଟ ତାରକା ଋତୁରାଜ ଗାଏକୱାଡ଼ଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଲୋ ସୁଗାର ଭାରିଆଂଟରେ ଉପଲବ୍ଧ ହୋଇଥିବାରୁ ସ୍ୱାସ୍ଥ୍ୟ ସଚେତନ ଗ୍ରାହକମାନେ ଇଲେକ୍ଟ୍ରୋକୁ ପସନ୍ଦ କରିବେଯାହା ସେମାନଙ୍କୁ ବିନା ସୁଗାରର ସତେଜତା ପ୍ରଦାନକାରୀ ଡ୍ରିଙ୍କସ ପ୍ରଦାନ କରିବ। ଋତୁରାଜଙ୍କ ପ୍ରଦର୍ଶନ ଭଳିଇଲେକ୍ଟ୍ରୋର ପ୍ରଦର୍ଶନ ମଧ୍ୟ ବେଶ ଉଚ୍ଚ ମାନର। ଇଲେକ୍ଟ୍ରୋର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଋତୁରାଜ ପ୍ରଚାରପ୍ରସାର କରିବେ। କଠିନ ଶାରିରୀକ କାର୍ଯ୍ୟକଳାପ ସମୟରେ ଶରୀରରେ ଜଳୀୟ ଅଂଶ ସ୍ତରକୁ ବଜାୟ ରଖିବା ଲାଗି ଇଲେକ୍ଟ୍ରୋରଉପଯୋଗିତାକୁ ଏକ ନୂଆ ଟିଭି ବିଜ୍ଞାପନରେ ଉପସ୍ଥାପନ କରାଯାଇଛି। ସେଥିରେ ଋତୁରାଜଙ୍କୁ କ୍ରିକେଟ ପଡ଼ିଆରେକ୍ଲାନ୍ତ ଥିବା ଦେଖିବାକୁ ମିଳିବ ଓ ସେ ସତେଜ ଶକ୍ତି ଖୋଜୁଛନ୍ତି। ଅମୃତାଞ୍ଜନ ହେଲଥକେୟାର ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶମ୍ଭୁ ପ୍ରସାଦ କହିଛନ୍ତି ଯେ,ଅମୃତାଞ୍ଜନରେ ଆମେ ଅଭିନବ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତକରୁଛି। ଇଲେକ୍ଟ୍ରୋର ଲୋ ସୁଗାର ଭାରିଆଂଟର ପ୍ରଚଳନ ଆମ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁଆମର ସମର୍ପଣକୁ ସୂଚାଉଛି ।

## ଏଚ୍‌ଡିଏଫ୍‌ସି ଟପ୍ ୧୦୦ ଫଣ୍ଡର ଚମତ୍କାର ରେକର୍ଡ

ଭୁବନେଶ୍ୱର: ଏଚଡିଏଫସି ଟପ୍ ୧୦୦ ଫଣ୍ଡ, ମୁଖ୍ୟତଃ ଲାର୍ଜ-କ୍ୟାପ୍ ଷ୍ଟକରେ ନିବେଶ କରୁଥିବା ଏକ ଓପନ୍ ଏଣ୍ଡେଡ୍‌ଇକ୍ୱିଟି ସ୍କିମ୍ ଯାହା ୨୦୨୩ରେ ସଫଳତାର ସହ ୨୭ ବର୍ଷ ପୂରଣ କରିଛି। ଗତ ୨୭ ବର୍ଷ ମଧ୍ୟରେ ଏହି ପାଣ୍ଠି ୧୯ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର) ପ୍ରଦାନ କରିଛି। ଏହାବ୍ୟତୀତ ଏଚଡିଏଫସି ଟପ୍ ୧୦୦ ଫଣ୍ଡରେ ପ୍ରତିମାସର ପ୍ରଥମ ବ୍ୟବସାୟ ଦିବସରେ ୧୦,୦୦୦ ଟଙ୍କାର ଏସଆଇପି (ସମୁଦାୟ ନିବେଶ ୩୨.୯୦ ଲକ୍ଷ ଟଙ୍କା)୨୦୨୪ ଫେବ୍ରୁଆରି ୨୯ ସୁଦ୍ଧା ୭.୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ପ୍ରଦର୍ଶନ ବଜାରର ଅସ୍ଥିରତାକୁ ଅତିକ୍ରମକରିବା ଏବଂ ନିବେଶକମାନଙ୍କୁ ଅଭିବୃଦ୍ଧି ପ୍ରଦାନ କରିବା ପାଇଁ ପାଣ୍ଠିର ରହିଥିବା କ୍ଷମତାର ପ୍ରମାଣ। ପୋର୍ଟଫୋଲିଓ ନିର୍ମାଣ ଶୀର୍ଷ ନିମ୍ନ କ୍ଷେତ୍ର ଏବଂ ମାକ୍ରୋ ଟ୍ରେଣ୍ଡ ସହିତ ମିଶ୍ରିତ ଷ୍ଟକ ଚୟନ ପାଇଁ ଏକ ଟପ୍ ଡାଉନ ସେକ୍ଟର ଆଭିମୁଖ୍ୟ ଅନୁସରଣ କରୁଛି । ଏହି ପାଣ୍ଠି ଜିଏଆରପି (ଉଚିତ ମୂଲ୍ୟରେ ଅଭିବୃଦ୍ଧି) ଏବଂ ମୂଲ୍ୟର ମିଶ୍ରଣ ସହିତ ଏକ ବିବିଧ ଶୈଳୀ ଅନୁସରଣ କରୁଛି। ଷ୍ଟକ୍ ଚୟନ ବେଳେ ବ୍ୟବସାୟ ମଡେଲର ଗୁଣବତ୍ତା, ପରିଚାଳନା ଏବଂ ଆର୍ଥିକ ବିଷୟ ଉପରେ ଧ୍ୟାନ ଦିଆଯାଉଛି । ପୋର୍ଟଫୋଲିଓ ନିର୍ମାଣ ଯେକୌଣସି ସମୟରେ ଉପଲବ୍ଧ ସୁଯୋଗ ଉପରେ ଆଧାରିତ। ନିର୍ଦ୍ଦେଶ ଅନୁଯାୟୀ ୮୦% ରୁ ଅଧିକ ପୋର୍ଟଫୋଲିଓ ସର୍ବଦା ପ୍ରତିଷ୍ଠିତ ଲାର୍ଜ କ୍ୟାପ୍ କମ୍ପାନିରେ ନିବେଶ କରାଯାଇଛି । ଉପଯୁକ୍ତ ମୂଲ୍ୟରେ ଗୁଣାତ୍ମକ କମ୍ପାନି ଖୋଜିବା ପାଇଁ ଶୃଙ୍ଖଳିତ ଆଭିମୁଖ୍ୟ ବଜାୟ ରଖିବାର ହେଉଛି ଆମର ଦର୍ଶନାନିୟାମକ ଏବଂ ଆଭ୍ୟନ୍ତରୀଣ ବିପଦ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବା ସହିତ ନିୟନ୍ତ୍ରିତ ଉପାୟରେ ବିପଦ ପରିଚାଳନା ଉପରେ ଅଧିକ ଧ୍ୟାନ ଦିଆଯାଉଛି ।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Notice Inviting Tender**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/LS/O/SITC/057: Purchase Order for SITC of Air Washer unit and ducting of Transformer repairing shop in TPWODL.**
2. **TPWODL/HS/O/SER/01: AMC of Fire Extinguishers at TPWODL, Odisha**
3. **TPWODL/HS/O/SER/02: Housekeeping Jobs at PAN TPWODL, Odisha.**

Interested bidders to submit Tender Participation Fee and Authorization Letter through email on or before **10th April 2024, 15:00Hrs**, respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd /- **Chief Contracts and Stores**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୯୧୨୯, ନବରଙ୍ଗପୁର-କେ. ସାଲିକ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଜାତୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ପୁରୀ ଠାରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଆଶୀଷ ଭିକ୍ଷା କରୁଛନ୍ତି

## ବିଜେପି ସାଂସଦ ପ୍ରାର୍ଥୀଙ୍କର ପ୍ରଚାର ଆରମ୍ଭ

ବାସୁଦେବପୁର,(ସବ୍ୟୁ): ଗାଁ ରୁ ସହର ସବୁଠି ବାଜିଲାଣି ନିର୍ବାଚନ ବିଗୁଲ୍ ଆରମ୍ଭ ହୋଇଯାଇଛି ରାଜନୈତିକ ଦଳର ପ୍ରଚାର କାର୍ଯ୍ୟ । ବିଜେପି ସାଂସଦ ପ୍ରାର୍ଥୀ ବାସୁଦେବପୁରରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି । ବାସୁଦେବପୁର ବ୍ଲକର ବରଣ୍ଡୁଆ ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରି ପ୍ରାର୍ଥୀ ଅଭିମନ୍ୟୁ ଏକ ଶୋଭାଯାତ୍ରାରେ ଆସି ଆରୁହା ଠାରେ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ । ତାଙ୍କ ସହିତ ମାଧବାନନ୍ଦ ମଲ୍ଲିକ,ସଂଯୋଜକ ପ୍ରତାପ କୁମାର ନାୟକ,ଯୁବନେତା ଉଦୟନାରାୟଣ ମଲ୍ଲିକ,କିଶୋର କୁମାର ମହାପାତ୍ର,ମନୋଜ ନାୟକ,ଦୀନବନ୍ଧୁ ପତି,ଅଶୋକ କୁମାର ସାହୁ,ସବ୍ୟସାଚୀ ମହଲା,ଗୋବିନ୍ଦ ମଳିକ, ମଣ୍ଡଳ ସଭାପତି ସୁବାସ ପ୍ରଧାନ, ପର୍ଯ୍ୟବେକ୍ଷକ ମଧୁସୂଦନ ପାଢୀ,ତପସ୍ୱିନୀ ମହାପାତ୍ର ଯୋଗ ଦେଇଥିଲେ ।

# ବିଜେପିରେ ଯୋଗ ଦେଲେ ସନ୍ଧ୍ୟାବତୀ, ଲିଙ୍କନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ବିକାଶ ପାଇଁ ବିଜେପି ଲଢ଼େଇ କରିବ । ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନର ସଦସ୍ୟ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ବିଜେପିରେ ଯୋଗଦାନ କରୁଛନ୍ତି । ରାଜ୍ୟର ମାଁ ଓ ଭଉଣୀମାନେ ସଚେତନ ହୋଇଛନ୍ତି । ମହିଳା ସଶକ୍ତିକରଣରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପ୍ରତିବଦ୍ଧତା ପାଇଁ ରାଜ୍ୟର ମାଁ ଓ ଭଉଣୀମାନେ ବିଜେପିରେ ଯୋଗ ଦେଉଛନ୍ତି । ଯାହାକୁ ଦେଖି ମନେହେଉଛି ନାରୀଶକ୍ତି ଜାଗରଣ ଆରମ୍ଭ ହୋଇଛି। ଏଥର ଲୋକେ ନିର୍ବାଚନ ଲଢ଼ିବେ, ଓଡିଶାରେ ବିଜେପିର ଡବଲ ଇଂଜିନ ସରକାର ଗଠନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ହାତ ମୁଠାକୁ ସୁଦୃଢ଼ କରିବା ପାଇଁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରି ବିଜେପିର ସଦସ୍ୟ ହୁଅନ୍ତୁ ବୋଲି ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ



ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନ ଅଧକ୍ଷା ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କ ସହ ପୂର୍ବତନ ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ସୁଷମା ସେଠୀ, ଭାଇସ ଚେୟାରମ୍ୟାନ ରମାମଣୀ ପ୍ରଧାନ, ପୂର୍ବତନ ସରପଂଚ କେଳୁଚରଣ ସେଠୀ, ଗୋପିନାଥ ବେହେରା, ପୂର୍ବତନ ୱାର୍ଡମେମ୍ବର ହରମୋହନ ପ୍ରଧାନ, ସନ୍ଧ୍ୟାରାଣୀ ମହାପାତ୍ର, ରିଜା କିଶୋର ଶିକ୍ଷା, ରାଜ କିଶୋର ସ୍ୱାଇଁ, ଅଶୋକ ବେହେରା, ଦଇତାରି ପରିଡା, ଲିଙ୍ଗରାଜ ରଥ ପ୍ରମୁଖ ଶତାଧିକ ନେତା ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ବିଜୁ ମହିଳା ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ଲିଙ୍କନ ସୁବୁଦ୍ଧିଙ୍କ ନିଜ ସମର୍ଥକଙ୍କ ସହିତ ବିଜେପିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଲୋକସଭା ପ୍ରାର୍ଥୀ ଡ.ସମ୍ବିତ ପାତ୍ର ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ସଭାପତି ତଥା ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର୍ଷଣ ପରିଡା, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଓମ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡ଼ିର କର୍ମୀ ସମ୍ମିଳନୀ

# ଭଣ୍ଡାରିପୋଖରୀର ବିକାଶ ମୋର ପ୍ରୟାସ : ସଞ୍ଜୀବ

ଭଦ୍ରକ,(ସବ୍ୟୁ): ସଧାରଣ ନିର୍ବାଚନ ଟିକେଟ ଘୋଷଣା ପରେ ଭଦ୍ରକ ଓ ଭଣ୍ଡାରିପୋଖରୀ ବିଧାନସଭା ଆସନ ପାଇଁ ବିଜେଡ଼ି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଞ୍ଜୀବଙ୍କୁ ଭଣ୍ଡାରିପୋଖରୀ ଓ ପ୍ରଫୁଲ୍ଲଙ୍କୁ ଭଦ୍ରକ ଆସନ ପାଇଁ ଅଦଳ ବଦଳ କରାଯାଇଛି। ସଞ୍ଜୀବ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବନ୍ତ ବ୍ଲକ ର ଦଳୀୟ କର୍ମୀ ମାନଙ୍କୁ ନେଇ ଆଜି ଭଦ୍ରକ ସହର ନରେନ୍ଦ୍ର ପେଲେସ ରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବନ୍ତ ବ୍ଲକର ସରପଂଚ, ସମିତିସଭ୍ୟଙ୍କ ସହ ଜନପ୍ରତିନିଧି ଓ ଶତାଧିକ କର୍ମୀ ବିଧାୟକ ସଂଜୀବ ମଲ୍ଲିକ ଙ୍କୁ ନିର୍ବାଚନ ଜିତିବା ପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଲୋଚନା କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀର ବିକାଶ ମୋର ପ୍ରୟାସ ବୋଲି ବିଧାୟକ ପ୍ରାର୍ଥୀ ସଂଜୀବ ମଲ୍ଲିକ କହିଛନ୍ତି । ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ହେଉଛନ୍ତି ମୋ ରାଜନୈତିକ ଗୁରୁ ତାଙ୍କୁ ନେଇ ମୁଁ ନିର୍ବାଚନୀ ବୈତରଣୀ ପାର ହେବି ଆଉ ତାଙ୍କ ସହାୟତାରେ ଭଣ୍ଡାରିପୋଖରୀର ବିକାଶ ଧାରା ଆଗକୁ ନେବି ବୋଲି କହିଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଚେୟାରମ୍ୟାନ ମନୋରଞ୍ଜନ ଘଡ଼େଇଙ୍କ ସମେତ ବ୍ଲକସ୍ତରୀୟ ନେତା ମାନେ ବୈଠକରେ ଯୋଗ ଦେଇଥିଲେ।

# ସ୍କୁଟି ପୋଡିଥିବା ଅଭିଯୁକ୍ତକୁ ୨ବର୍ଷ ଜେଲ

ଖୋର୍ଦ୍ଧା (ସବ୍ୟୁ): ପୂର୍ବ ଶତୃତାକୁ କେନ୍ଦ୍ର କରି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ସ୍କୁଟି ପୋଡିଦେଇଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇ ୨ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଜରିମାନାରେ ଦଣ୍ଡିତ କରାଯାଇଛି । ଟାଙ୍ଗି ଥାନା ଅର୍ନ୍ତଗତ ମଙ୍ଗଳାଯୋଡି ଗ୍ରାମର କୈଳାସ ଦାସ ଅଭିଯୋଗ କରିଛନ୍ତି ଯେ ଗତ ୧୮.୨.୨୩ ତାରିଖ ସକାଳ ୯ଟା ସମୟରେ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରରୁ ସେ ସ୍କୁଟିରେ ଫେରୁଥିଲେ ।ସେହି ସମୟରେ ସେହି ଗ୍ରାମର ଲକ୍ଷ୍ମୀଧର ଗୌଡ(୫୦) ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଏକ କଟୁରୀରେ ଆକ୍ରମଣ କରିବା ସହିତ ମଦ ବୋତଲରେ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଫଳରେ ସେ ବିକଳରେ ସେଠାରୁ ସ୍କୁଟି ଛାଡିଦେଇ ପଳାଇବାରୁ ତାଙ୍କର ସ୍କୁଟିକୁ ପୋଡି ଦେଇଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ଟାଙ୍ଗି ପୁଲିସ କୈଳାସଙ୍କ ଅଭିଯୋଗକ୍ରମେ ୨୧୧/୨୩ ରେ ଏକ ମକଦ୍ଦମା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ । ଅଭିଯୁକ୍ତ ଜେଲରେ ଜେଲରେ ଥାଇ ତାର ଶୁଣାଣୀ ଚାଲିଥିଲା । ଏଥିରେ ସାକ୍ଷୀମାନଙ୍କ ବୟାନକୁ କେନ୍ଦ୍ର କରି ସ୍ଥାନୀୟ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଶରତ କୁମାର ଜେନା ସଂପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜରିମାନା ରେ ଦଣ୍ଡିତ କରିଥିବା ଜଣାଯାଇଛି । ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ବୀରେନ୍ଦ୍ର କୁମାର ପ୍ରହରାଜ ଓ ଅରୁଣ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରିଥିଲେ । ଯାହାର କେଶ ନମ୍ବର- ଏସଟି-୯୧/୨୩ ରହିଥିଲା ।

# ଶାନ୍ତି ମେମୋରିଆଲ ହସ୍ପିଟାଲର ୩୪ତମ ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର): ଶାନ୍ତି ମେମୋରିଆଲ ହସ୍ପିଟାଲ ପକ୍ଷରୁ ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହାର ସିଏମଡି ଡା. ଶ୍ରୀଜୋୟ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ରେଖା ଦାସ ଓ ଏସ୍.ଜେ ବାଗଚୀ, ଡା. ଅଭିନବ ପଟ୍ଟନାୟକ, ଡା. ପ୍ରିୟଦର୍ଶୀ ତ୍ରିପାଠୀ, ଡା. ଅଭିଜିତ ପୃଷ୍ଟି ଓ ଡା. ସ୍ୱର୍ଣ୍ଣବ ପଟ୍ଟନାୟକ ଏହି ସ୍ୱତନ୍ତ୍ର ଉତ୍ସବରେ ଉପସ୍ଥିତ ଥିଲେ। ଡା. ଶ୍ରୀଜୋୟ ପଟ୍ଟନାୟକ ଓ ପ୍ରଫେସର ଡା. ରେଖା ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡାକ୍ତର ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଜଣେ ଡାକ୍ତରୀ ଉଦ୍ୟୋଗୀ ଭାବରେ ନିଜର ଯାତ୍ରା ଏବଂ କଟକରେ ଏକ ଡାକ୍ତରଖାନା ସ୍ଥାପନ କରିବା ନେଇ ତାଙ୍କ ସ୍ୱର୍ଗତ ମା'ଙ୍କର ସ୍ୱପ୍ନକୁ ସ୍ମରଣ କରିଥିଲେ । ଏକ ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ସଫଳ



ପରିଚାଳନା ପାଇଁ ରୋଗୀ କୈନ୍ଦ୍ରିକ ଯତ୍ନ, ସମବେଦନା ଏବଂ ସମର୍ପଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ଡାକ୍ତର ରେଖା ଦାସ ମଧ୍ୟ ଡାକ୍ତରଖାନା ନିର୍ମାଣରେ ଥିବା ଅନେକ ଆହ୍ୱାନଗୁଡ଼ିକ ସମ୍ପର୍କରେ କିଛି ସୁନ୍ଦର ଚିନ୍ତାଧାରା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବାର୍ଷିକ ଦିବସ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାନ୍ତି ମେମୋରିଆଲ ହସ୍ପିଟାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପକ୍ଷରୁ ଉତ୍କଳ ଦିବସ

ଭୁବନେଶ୍ୱର (ସବ୍ୟୁ): ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍)ର ସଂସ୍ଥା ଗୋପବନ୍ଧୁ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ୮ ଘଟିକା ସମୟରେ ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନ ରେ ଉତ୍କଳମଣି ପଣ୍ଡିତ ଗୋପାବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ରାଜଗାଙ୍ଗପୁର ସ୍ଥିତ ନୀଳଚକ୍ର ଓ ଉତ୍କଳ ସେନାର ସଦସ୍ୟମାନେ ଉପସ୍ଥିତଥିଲେ । ଏହାପରେ କମ୍ପାନୀ ତରଫରୁ ସର୍ବ ସାଧାରଣ ନିମନ୍ତେ ଏକ ଆମ୍ବୁଲାନ୍ସକୁ ଲୋକାର୍ପଣ କରାଯାଇଥିଲା । ସ୍ପନ୍ଦନ ଠାରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଥିରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ୱାର୍କମ୍ୟାନ୍ ମାନଙ୍କ ପାଇଁ ଏକ ମଡେଲ ରୋଷେଇ ଶାଳାର ମଧ୍ୟ ଶୁଭ ଆରମ୍ଭ କରାଯାଇଥିଲା । ସମାନ ଭାବେ ନିକଟସ୍ଥିତ ଲାଞ୍ଜିବେର୍ଣ୍ଣା ଖଣି ପକ୍ଷରୁ ମଧ୍ୟ ଉତ୍କଳ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଗୋପାବନ୍ଧୁ କଲୋନୀ ବାସିନ୍ଦା, ମାଇନ୍ସ ୱାର୍କମ୍ୟାନ୍ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଲାଞ୍ଜିବେର୍ଣ୍ଣା ଖଣି ଠାରେ ଉଦ୍ୟାନ ବାଟିକା ମଧ୍ୟ ଶୁଭ ଆରମ୍ଭ କରାଯାଇଥିଲା । ସନ୍ଧ୍ୟାରେ ଡିସିବିଏଲ୍ ଅଡିଟୋରିୟମ ଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ରାଜଗାଙ୍ଗପୁର ଓ କୁତ୍ରା ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ତାଙ୍କର ପରିବାର ବର୍ଗ ସାମିଲ ହୋଇ ଓଡ଼ିଶାର ବର ପୁତ୍ରମାନଙ୍କୁ ସମ୍ମାନ ଜଣାଇବା ସହିତ



କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ଏବଂ ଆଡମ୍ବର ସହିତ ପବିତ୍ର ଉତ୍କଳ ଦିବସ କୁ ପାଳନ କରିଥିଲେ । ଚେତନ ଶ୍ରୀବାସ୍ତବ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍ , ଡଃ. ନିଳାଦ୍ରୀ ଭୁଷଣ ପାଢୀ ଏଇଡି ଡିସିବିଏଲ୍- ହେଡ୍ ଏଚଆର୍ ରାଜଗାଙ୍ଗପୁର, ଓମ୍ପ୍ରକାଶ ଖେଙ୍କାର, ହେଡ୍- ଲାଞ୍ଜିବେର୍ଣ୍ଣା ମାଇନ୍ସ ଓ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ତଥା ଗୋପବନ୍ଧୁ ସାଂସ୍କୃତିକ ପରିଷଦର ସଦସ୍ୟ ମାନେ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତଙ୍କୁ ଉତ୍କଳ ଦିବସ ସୁବେଛା ଜଣାଇ ଚେତନ ଶ୍ରୀବାସ୍ତବ କହିଥିଲେ ଯେ ଯେଉଁ ଅଞ୍ଚଳର ହେଉ ନା କାହିଁକି ଏଠାରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଓଡ଼ିଶାର ସଂସ୍କୃତିକୁ ଆପଣେଇବା ଦରକାର । ଏଥିରେ ଗୋପବନ୍ଧୁ ସାଂସ୍କୃତିକ ସମିତିର ସଭାପତି ବିଜୟ କେତନ ଦାସ ଉତ୍କଳ ଦିବସର ଇତିହାସ ଏବଂ ମହତ୍ୱ ବିଷୟରେ ଆଲୋଚନା କରିଥିଲେ । ପରିଷଦ ର ଯୁଗ୍ମ ସାଧାରଣ ସମ୍ପାଦକ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପରିଷଦ ର ସାଧାରଣ ସମ୍ପାଦକ ଦିଲୀପ ପାଣିଗ୍ରାହୀ ଶେଷରେ ଉପସ୍ଥିତ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲା । କମ୍ପାନୀର ଏଚ ଆର, ଆଡମିନ, ଇଷ୍ଟେଟ, ସୁରକ୍ଷା,ଦମକଳ, ସିମେଣ୍ଟ ବିଭାଗର କର୍ମଚାରୀ, ଅଧିକାରୀ, ଗୋପବନ୍ଧୁ ସାଂସ୍କୃତିକ ପରିଷଦର ସଦସ୍ୟ ଏବଂ ସ୍ଥାନୀୟ ପ୍ରଶାସନ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ ।

## ବଲିଉଡ଼ ସଙ୍ଗୀତରେ ଝୁମିଲା ଭୁବନେଶ୍ୱର

# ରୟାଲ୍ ଷ୍ଟାଗ୍ ବୁମ୍‌ବକ୍ସରେ ଦର୍ଶକଙ୍କୁ ବାନ୍ଧି ରଖିଲେ ଅଲୀ ମର୍ଚ୍ଚାଂଟ, ଇକ୍କା, ନୀତି ମୋହନ

ଭୁବନେଶ୍ୱର (ସବ୍ୟୁ) : 'ଲିଭିଙ୍ଗ ଇଟ୍ ଲାର୍ଜ' ଉତ୍ସାହକୁ ପାଳନ କରି ସିଗ୍ରାମ୍‌ର ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୨ୟ ସଂସ୍କରଣ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ବଲିଉଡର ସର୍ବାଧିକ ଲୋକପ୍ରିୟ ସଙ୍ଗୀତଗୁଡିକ ହିପ୍‌ହପ୍‌ର ବିଟ୍ ସହ ଏକତ୍ରିତ ହୋଇଛି। ପ୍ରାୟ ୧୦,୦୦୦ ଉତ୍ସାହୀ ଦର୍ଶକଙ୍କ ସହିତ ଭୁବନେଶ୍ୱର ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଯୁବସୁଲଭ ଉତ୍ସାହ ସହିତ ଜୀବନ୍ତ ହୋଇଥିଲା। ହେଡ୍‌ଲାଇନ ଆକ୍ଟ ବ୍ୟତୀତ ଅଲୀ ମର୍ଚ୍ଚାଂଟ ଚମତ୍କାର ମ୍ୟାଶପ୍ ସହିତ ମହୋତ୍ସବର ଆରମ୍ଭ କରିଥିଲେ। ପରେ ହିପ୍-ହପ୍ କଳାକାର ଇକ୍କା ଦର୍ଶକଙ୍କୁ ନିଜର ପଲ୍‌ସେଟିଂ ରିଦିମ୍ ସହ ରୋମାଂଚିତ କରିଥିଲେ। ଏହାପରେ ଗାୟିକା ନୀତି ମୋହନ ଦର୍ଶକଙ୍କୁ ନିଜର ସୁନ୍ଦର ସଙ୍ଗୀତ ମାଧ୍ୟମରେ ଆକର୍ଷିତ କରିଥିଲେ। ଏହି ସଙ୍ଗୀତ ମହୋତ୍ସବ ରାପର୍ ବାଦ୍‌ଶାହଙ୍କ ମନ୍ତ୍ରମୁଗ୍ଧକର ପ୍ରଦର୍ଶନ ସହିତ ଶେଷ ହୋଇଥିଲା ଯାହା ଦର୍ଶକମାନଙ୍କୁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ଦେଇଯାଇଥିଲା। ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ରାପର୍ ବାଦଶାହ କହିଛନ୍ତି 'ଷ୍ଟେଜ୍ ସୋ ମାଧ୍ୟମରେ ଦର୍ଶକଙ୍କ ଆହୁରି ନିକଟତର ହେବାକୁ ସୁଯୋଗ ମିଳିଥାଏ । ପୁଣିଥରେ ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ସହ ଭୁବନେଶ୍ୱରର




ଚଳିତ ବର୍ଷ ପ୍ରଦର୍ଶନ ଆହୁରୀ ସ୍ମରଣୀୟ ରହିବବୋଲି ମୋର ଆଶା । କଣ୍ଠଶିଳ୍ପୀ ଓ ର୍‍ୟାପ୍‌ର ଭିତରେ ଥିବା ପାର୍ଥକ୍ୟର ଉତରଦେଇ ସେ କହିଛନ୍ତି ଯେ, କଣ୍ଠଶିଳ୍ପୀ ସର୍ବଦା ସ୍ୱରକୁ ଗୁରୁତ୍ୱ ଦେଇଥିବାବେଳେ ଜଣେ ର୍‍ୟାପର ସର୍ବଦା ଗୀତ ଉପରେ ଗୁରୁତ୍ୱ ଦେଇଥାଏ । ଆଗାମୀ ଦିନରେ ସୁଯୋଗ ମିଳିଲେ ଓଡ଼ିଶାରେ ମୁଁ ର୍‍ୟାପ୍‌କୁ ଆଗକୁ ନେବାକୁ ନିଶ୍ଚିତ ଚେଷ୍ଟା କରିବି ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଡିଗ୍ରୀ ଇଂଜନିୟରିଂ ଓ ନର୍ସିଂ ସ୍କୁଲର ୧୦ଜଣ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦଘାଟନ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳ ଦିବସ ଭଳି ପବିତ୍ର ଦିନରେ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ ଅଭିଯାନରେ ସାମିଲ ହୋଇଥିବାରୁ ସେମାନଙ୍କୁ ବଧାଇ ଜଣାଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଫେସର ଡା. ନିରୂପମା ଚୟନୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ଅଧାପିକା ସାଗରିକା ନାୟକ, ସାରଦା ପଣ୍ଡା ଏବଂ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍‌ପିଟାଲ ରକ୍ତ ଭଣ୍ଡାର ପକ୍ଷରୁ ବନମାଳୀ ସାହୁ, ମାନସ ଚନ୍ଦ୍ର ସ୍ୱାଇଁ, କମଳାକାନ୍ତ ବାରିକ, ଜସ୍ମିରେଖା ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ୨୦୨୩-୨୪ ଆର୍ଥିକ ବର୍ଷରେ

# ପୂର୍ବତଟ ରେଳପଥର ୨୫୬ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ

ଭୁବନେଶ୍ୱର (ସବ୍ୟୁ): ୨୦୨୩-୨୪ ଆର୍ଥିକ ବର୍ଷରେ, ଅର୍ଥାତ୍ ୧ ଏପ୍ରିଲ୍ ୨୦୨୩ ରୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପୂର୍ବ ତଟ ରେଳ ୨୫୬.୨୨ ନିୟୁତ ଟନ୍ ଉତ୍ପାଦିତ ପଣ୍ୟ ବୋଝେଇ ଓ ପରିବହନ କରିଛି ଯାହା ପୂର୍ବ ଆର୍ଥିକ ବର୍ଷଠାରୁ ୧୪.୭୨ ନିୟୁତ ଟନ୍ ଅଧିକ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୬.୧% ଅଭିବୃଦ୍ଧି ପଞ୍ଜିକରଣ କରିଛି । ପୂର୍ବତଟ ରେଳପଥ ଏହି ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଭାରତୀୟ ରେଳବାଇର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି । କ୍ରମାଗତ ଭାବେ ୫ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପୂର୍ବତଟ ରେଳପଥ ମଧ୍ୟ ପ୍ରଥମ ଜୋନ୍ ହୋଇପାରିଛି । ପୂର୍ବତଟ ରେଳପଥର ଏହି ସଫଳତାରେ ଏହାର ତିନୋଟି ରେଳ ମଣ୍ଡଳ ଦ୍ୱାରା ହାସଲ କରିଥିବା ଚମତ୍କାର ପ୍ରଦର୍ଶନ ବହୁ ଅବଦାନ ଦେଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବ ତଟ ରେଳପଥ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ୍ ଅଟେ । ଆଜି ଏହା ୨୫୦ ନିୟୁତ ଟନ୍ ପଣ୍ୟ ବୋଝେଇ ଓ



ପରିବହନ କରୁଥିବା ପ୍ରଥମ ରେଳ ଜୋନ୍ ହୋଇପାରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୫୨.୯୫ ନିୟୁତ ଟନ୍ କୋଇଲା, ୧୩.୨୯ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ ପରିବହନ, ୨୦.୭୭ ନିୟୁତ ଟନ୍ ଷ୍ଟିଲ୍ ଆଣ୍ଡ ସ୍ଲାଗ୍, ୩୧.୨୭ ନିୟୁତ ଟନ୍ ଲୁହାପଥର, ୧.୨୪ ନିୟୁତ ଟନ୍ ସିମେଣ୍ଟ, ୩.୨୪ ନିୟୁତ ଟନ୍ ଖାଦ୍ୟ ଶସ୍ୟ ବୋଝେଇ କରି ପରିବହନ କରିଥିବାବେଳେ ୬.୪୬ ନିୟୁତ ଟନ୍ ଫର୍ଟିଲାଇଜର, ୩.୧୦ ନିୟୁତ ଟନ୍ ମିନେରାଲ୍ ଅଏଲ୍ ସହିତ କଣ୍ଟେନର ଏବଂ ଅନ୍ୟାନ୍ୟ ସାମଗ୍ରୀରେ ୧୯.୦୬ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ କରିପାରିଛି ଯାହାକି ଗତ ବର୍ଷର ଅନୁରୂପ ଅବଧି ତୁଳନାରେ ଏହା ୬% ଅଧିକ ଅଟେ ।

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୧୫୯.୯୪ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ ହାସଲ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ଦ୍ୱାରା ୭୬.୪୮ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ୧୯.୮୦ ନିୟୁତ ଟନ୍ ପଣ୍ୟ ବୋଝେଇ ଯୋଗଦାନ କରିଛି । ସମସ୍ତ ତିନୋଟି ରେଳ ମଣ୍ଡଳ ପୂର୍ବ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଗତ ବର୍ଷର ପଣ୍ୟ ବୋଝେଇ ଆକଳନକୁ ଅତିକ୍ରମ କରିଛନ୍ତି । ତାଳଚରରେ ଏମ୍‌ସିଏଲ୍‌ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ବନ୍ଦର, ଯଥା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ସହିତ ଛତିଶଗଡର ବୈଲାଡିଲାରେ ଲୁହାପଥର ଖଣି, ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ କମ୍ପାନୀ, କେନ୍ଦୁଝର ଅଂଚଳର ଲୁହାପଥର ଖଣି ଏହି ସଫଳତା ପାଇଁ ପ୍ରମୁଖ ଯୋଗଦାନ ଦେଇଛନ୍ତି । ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ସରକାରୀ ସେକ୍ଟର ଏବଂ ଇଣ୍ଡଷ୍ଟ୍ରିଜ୍ ସହିତ ଏହାର କାର୍ଯ୍ୟଶୈଳୀକୁ ଉତ୍ସାହିତ କରିବା ବ୍ୟତୀତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରାଯାଇଛି । ସଠିକ୍ ଯୋଜନା, ସକରାତ୍ମକ ପରିବେଶ ଏବଂ କର୍ମଚାରୀ ମାନଙ୍କର ନିରନ୍ତର କଠିନ ପରିଶ୍ରମ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସହାୟକ ହୋଇଛି ।

**ଏହି ସଫଳତା ଯେକୌଣସି ଜୋନାଲ ରେଳବାଇ ପାଇଁ ପ୍ରଥମ**

## ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଆୟକର କମିଶନର

ଭୁବନେଶ୍ୱର, (ସବ୍ୟୁ): ମନୋରଞ୍ଜନ ପାଣିଗ୍ରାହୀ ଏପ୍ରିଲ୍ ୧ ତାରିଖ ଦିନ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ



ଗ୍ରହଣ କରିଛନ୍ତି । ଶ୍ରୀ ପାଣିଗ୍ରାହୀ ୧୯୮୮ ମସିହା ଭାରତୀୟ ରାଜସ୍ୱ ସେବାର ଅଧିକାରୀ ।ଏହା ପୂର୍ବରୁ ସେ ପଶ୍ଚିମବଙ୍ଗ ଓ ସିକିମ୍ ର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ଥିଲେ । ଶ୍ରୀ ପାଣିଗ୍ରାହୀ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସେ ଓଡ଼ିଶା ସରକାରଙ୍କ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ଭାବେ ଦୀର୍ଘ ପାଞ୍ଚବର୍ଷ କାର୍ଯ୍ୟ କରିଛନ୍ତି । ଶ୍ରୀ ପାଣିଗ୍ରାହୀ ଏକାଧାରରେ ଜଣେ ସୁବକ୍ତା, ସୁସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତି ।

# ବ୍ରସେଲ୍ସରେ ବେଲଜିୟମ ଓଡିଆ ଆସୋସିଏସନ୍ ଦ୍ୱାରା ପ୍ରଥମ 'ଉତ୍କଳ ଦିବସ'

ଭୁବନେଶ୍ୱର (ସବ୍ୟୁ): ୨୩ ମାର୍ଚ୍ଚ ୨୦୨୪ରେ, ବେଲଜିୟମର ରାଜଧାନୀ ବ୍ରସେଲ୍ସରେ ବେଲଜିୟମ୍ ଓଡ଼ିଆ ଆସୋସିଏସନ୍ ଏହାର ପ୍ରଥମ ଉତ୍କଳ ଦିବସ ଏବଂ ହୋଲି ଉତ୍ସବ ଆୟୋଜନ କରିଛି । ବେଲଜିୟମର ଭାରତୀୟ ଦୂତାବାସର ଡ଼େପ୍ୟୁଟି ଚିଫ୍ ଅଫ ମିଶନ ଦେବାଶିଷ ପୃଷ୍ଟି, ବେଲଜିୟମରେ ରହୁଥିବା ଓଡିଆଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତ, ନୃତ୍ୟ ପରିବେଷଣ ଦ୍ୱାରା ଏହି ଉତ୍କଳ ଦିବସ କାର୍ଯ୍ୟକ୍ରମଟି ଓଡିଶାର ସ୍ୱାଦ ଏବଂ ସୁଗନ୍ଧରେ ପରିପୂର୍ଣ୍ଣ ହୋଇଥିଲା । ଏହି ଅନନ୍ୟ ଓଡିଆ କାର୍ଯ୍ୟକ୍ରମରେ ୬୦ ରୁ ଅଧିକ ଓଡିଆ ପରିବାର ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମଟି ଓଡ଼ିଶାର ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା ତା'ପରେ ଓଡିଶୀ ନୃତ୍ୟ, ଲୋକପ୍ରିୟ ଓଡିଆ ଏବଂ ସମ୍ବଲପୁରୀ ଗୀତ, ପୁରୁଣା ଓଡିଆ ସିନେମା ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଲା ଏବଂ ବୟସ୍କମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଶିଶୁ ଖେଳ, ଫ୍ୟାଶନ୍ ଶୋ ଇତ୍ୟାଦି ଦର୍ଶକଙ୍କୁ ବେଶ ମନୋରଞ୍ଜନ ପ୍ରଦାନ କରିଥିଲା ହୋଲି ଉତ୍ସବ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା ।




୨୦୨୧ ମସିହାରେ କିଛି ଓଡିଆ ପରିବାରଙ୍କ ଦ୍ୱାରା ବେଲଜିୟମ୍ ଓଡିଆ ଆସୋସିଏସନ୍ ଆରମ୍ଭ ହୋଇଥିଲା ଏବଂ ପରେ ବେଲଜିୟମର ସମସ୍ତ ଓଡିଆ ପରିବାରଙ୍କୁ ଏକତ୍ରିତ କରିବା ପାଇଁ ଏହାକୁ ବିସ୍ତାର କରାଯାଇଥିଲା । ବେଲଜିୟମସ୍ଥିତ ସମସ୍ତ ପ୍ରବାସୀ ଓଡିଆ ସଦସ୍ୟଙ୍କ ମଧ୍ୟରେ ବନ୍ଧନକୁ ସୁଦୃଢ କରିବା ସହିତ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ଏହି ଆସୋସିଏସନର ଲକ୍ଷ୍ୟ ଏହି ଆସୋସିଏସନ, ଓଡିଆ ସଂସ୍କୃତି ଏବଂ ଓଡ଼ିଆ ପରମ୍ପରାକୁ ବେଲଜିୟମର ଅନ୍ୟ ପ୍ରବାସୀ ଭାରତୀୟ ଏବଂ ସ୍ଥାନୀୟ ବେଲଜିୟମବାସୀଙ୍କ ମଧ୍ୟରେ ବିସ୍ତାର କରିବାର ପ୍ରୟାସ ଜାରି ରଖିଛି ।

## ଭିଭିପାଟ୍ ସ୍ଲିପ୍ ଗଣତି ଦାବି

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ବାଜି ସାରିଛି ନିର୍ବାଚନୀ ବିଗୁଲ । ଦେଶରେ ବର୍ତ୍ତମାନ ନିର୍ବାଚନୀ ମାହୋଲ ଜାରି ରହିଛି । ଏହାରି ଭିତରେ ଇଭିଏମ୍ ଓ ଭିଭିପାଟକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ । ନୋଟିସ ଜାରି କରି ଉଭୟଙ୍କଠାରୁ ଜବାବ ମାଗିଛନ୍ତି । ପ୍ରକୃତରେ ଲୋକସଭା ନିର୍ବାଚନ ଫଳାଫଳ ପାଇଁ ଇଭିଏମ୍ ସମେତ ଭିଭିପାଟ ସ୍ଲିପ୍ ଗଣାଯିବାକୁ ନେଇ ସାମାଜିକ କର୍ମୀ ଅରୁଣ କୁମାର ଅଗ୍ରୱାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଜଷ୍ଟିସ ବିଆର୍ ଗୱଇ ଓ ଜଷ୍ଟିସ ସନ୍ଦିପ ମେହତାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଇଭିଏମ୍ ସମେତ ସମସ୍ତ ଭିଭିପାଟ ସ୍ଲିପ ଗୁଡ଼ିକୁ ଗଣାଯିବା ନେଇ ଜବାବ ମାଗିଛନ୍ତି ।

ଆସନ୍ତା ମେ' ୧୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବଛ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ନିର୍ବାଚନ ଆୟୋଗର ଏ ସଂକ୍ରାନ୍ତ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି । ଭିଭିପାଟ ଯାଞ୍ଚ ପର୍ଯ୍ୟାୟ ଭାବରେ କରାଯିବା, ଅର୍ଥାତ ଗୋଟିଏ ପରେ ଗୋଟିଏ ଯାଞ୍ଚ କରାଯିବା ଯୋଗୁ ଏଥିରେ ଅଯଥା ବିଳମ୍ବ ଘଟୁଛି । ତେଣୁ ଆବେଦନକାରୀ ଏକାସାଙ୍ଗରେ ଯାଞ୍ଚ କରିବା ଏବଂ ଗଣତିକୁ ତ୍ୱରାନ୍ୱିତ କରିବାକୁ ଅଧିକ କର୍ମଚାରୀ ରଖିବା ପାଇଁ ପରାମର୍ଶ ଦେଇଛନ୍ତି ।

ଏଭଳି କରିବା ଦ୍ୱାରା ପ୍ରତ୍ୟେକ ଅଞ୍ଚଳରେ ପ୍ରାୟ ୫ରୁ ୬ ଘଣ୍ଟା ସମୟରେ କାମ ଶେଷ ହେବ ବୋଲି ସେ କହିଛନ୍ତି । ଏବେ ଚାଲିଥିବା ନିୟମ ଅନୁଯାୟୀ ଗୋଟିଏ ସଂସଦୀୟ କ୍ଷେତ୍ରରେ ଥିବା ପ୍ରତ୍ୟେକ ବିଧାନସଭା କ୍ଷେତ୍ରର ମାତ୍ର ପାଞ୍ଚଟି ଲେଖାଏଁ ଇଭିଏମର ଭିଭିପାଟ୍ ଯାଞ୍ଚ ହେଉଛି । ଆବେଦନକାରୀ ସମସ୍ତ ଇଭିଏମର ଭିଭିପାଟ୍ ଯାଞ୍ଚ କରିବାକୁ ଦାବି କରିଛନ୍ତି । ସମସ୍ତ ଭିଭିପାଟ ସ୍ଲିପ୍ ଯାଞ୍ଚ ବା ଗଣତି କରି ଭୋଟର ଦେଇଥିବା ଭୋଟକୁ ବାଧ୍ୟତାମୂଳକ ଭାବେ କ୍ରସ୍ ଚେକିଂ କରିବା ପାଇଁ ଇସିଆଇ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦାବି ହୋଇଛି । କେବଳ ସେତିକି ନୁହେଁ ଭୋଟରଙ୍କୁ ବ୍ୟକ୍ତିଗତ ରୂପେ ଭିଭିପାଟରୁ ବାହାର କରାଯାଇଥିବା ସ୍ଲିପକୁ ଏକ ସ୍ୱଚ୍ଛ ବାଲାଟ ବକ୍ସରେ ପକାଇବାକୁ ଅନୁମତି ଦେବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି । ସରକାର ପ୍ରାୟ ସରକାର ପ୍ରାୟ ୨୪ ଲକ୍ଷ ଭିଭିପାଟ କିଣିବା ପାଇଁ ପ୍ରାୟ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, କିନ୍ତୁ ବର୍ତ୍ତମାନ ମାତ୍ର ୨୦,୦୦୦ ଭିଭିପାଟ ସ୍ଲିପ୍ ଯାଞ୍ଚ କରାଯାଇଛି । ତେଣୁ ସମସ୍ତ ଭିଭିପାଟ ସ୍ଲିପ୍ ଯାଞ୍ଚ କରିବାକୁ ସେ ନିଜ ଆବେଦନରେ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପରିସ୍ଥିତିରେ, ଭିଭିପାଟ ସ୍ଲିପ୍ ମାଧ୍ୟମରେ ଯେକୌଣସି ପାଞ୍ଚଟି ମନୋନୀତ ଇଭିଏମ୍ ଯାଞ୍ଚ କରାଯିବା ନିୟମ ରହିଛି । ବାସ୍ତବରେ, ଭିଭିପାଟ ହେଉଛି ଏକ ସ୍ୱତନ୍ତ୍ର ଭୋଟ୍ ଯାଞ୍ଚ ପ୍ରଣାଳୀ, ଯାହା ଭୋଟରଙ୍କୁ ତାଙ୍କ ଭୋଟ୍ ସଠିକ୍ ଭାବରେ କାଷ୍ଟ ହୋଇଛି କି ନାହିଁ ଦେଖିବା ପାଇଁ ଅନୁମତି ଦେଇଥାଏ ।

## ବିଗତ ୧୦ ବର୍ଷ ଥିଲା ଟ୍ରେଲର : ମୋଦି



ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଲି ଆରମ୍ଭ ହୋଇଯାଇଛି । ମଙ୍ଗଳବାର (ଏପ୍ରିଲ ୨) ରାଜସ୍ଥାନର କୋଟପୁଟଲିରେ ବିଜୟ ଶଙ୍ଖନାଦ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୋଦୀ ମଜା କରିବା ପାଇଁ ଜନ୍ମ ହୋଇନି । କଠିନ ପରିଶ୍ରମ କରିବା ପାଇଁ ମୋଦୀ ଜନ୍ମ ନେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ବହୁତ କିଛି କରିଛି, କିନ୍ତୁ ଯାହା ଘଟିଛି ତାହା କେବଳ ଏକ ଟ୍ରେଲର ଥିଲା ବିଜୟ ଶଙ୍ଖନାଦ ରାଲିରେ ପ୍ରଧାନମନ୍ତ୍ରୀ ମୋଦୀ ଲୋକମାନଙ୍କୁ କହିଥିଲେ, ଲୋକମାନେ ମୋତେ କୁହନ୍ତି, କିଛି ବିଶ୍ରାମ କରିନିଅନ୍ତୁ, କିନ୍ତୁ ଏଭଳି ଲୋକମାନେ ଭୁଲିଯାଆନ୍ତି ଯେ ମୋଦୀ ମଜା କରିବ ପାଇଁ ଜନ୍ମ ନେଇନି ।

ସେ କହିଛନ୍ତି, ଏତେ ଜନସମାଗମ, ଆପଣଙ୍କ ଉତ୍ସାହ, ଆପଣଙ୍କ ଉତ୍ସାହ ଜୁନ୍ ୪ ତାରିଖର ସଙ୍କେତ ଦେଉଛି । ରାଜସ୍ଥାନର ଲୋକମାନେ ସର୍ବଦା ଦେଶର ଶକ୍ତି ପାଇଁ ଠିଆ ହୋଇଛନ୍ତି ଏବଂ କିଛି ଦିନ ତଳେ ଫ୍ରାନ୍ସ ରାଷ୍ଟ୍ରପତି ଏଠାକୁ ଆସିବା ପରେ ସମଗ୍ର ବିଶ୍ୱ ଜୟପୁରର ଗୌରବ ଦେଖିଥିଲା । ରାଜସ୍ଥାନ ସର୍ବଦା ବିଜେପିକୁ ବହୁତ ଆଶୀର୍ବାଦ ଦେଇଛି । ତୃତୀୟ ଥର ପାଇଁ ବିଜେପିକୁ ଜିତାଇବା ପାଇଁ ସଂକଳ୍ପ ନେଇଛନ୍ତି ରାଜ୍ୟବାସୀ । କୋଟପୁଟଲିରେ ଲୋକଙ୍କ ଏହି ଉତ୍ସାହ ଓ ଉତ୍ସାହ ଅବିସ୍ମରଣୀୟ ରହିବ ବୋଲି ମୋଦୀ କହିଛନ୍ତି ।

## ଭିସ୍ତାରାର ପାଇଲଟ୍ ଅଭାବ, ୩୮ ବିମାନ ବାତିଲ

ମୁମ୍ବାଇ : ଦିଲ୍ଲୀ ଏବଂ ବେଙ୍ଗାଲୁରୁରୁ ଉଡ଼ାଣ ଭରିବାକୁ ଥିବା ୩୮ଟି ବିମାନ ଚଳାଚଳ କ୍ୟାନ୍ସଲ । ୩୮ଟି ବିମାନ ଚଳାଚଳ ବାତିଲ କଲା ଭିସ୍ତାରା । ପାଇଲଟଙ୍କ ସଂଖ୍ୟା କମ୍ ଥିବାରୁ ବିମାନ ଚଳାଚଳ ସଂଖ୍ୟା ହ୍ରାସ କରିଛି କମ୍ପାନୀଛ କମ୍ପାନୀ କହିଛି ଯେ, ଯେପର୍ଯ୍ୟନ୍ତ ପାଇଲଟଙ୍କ ସଂଖ୍ୟା ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ କେବଳ ସୀମିତ ବିମାନ ଚଳାଚଳ କରିବଛ ଭିସ୍ତାରାର ଏହି ନିଷ୍ପତ୍ତି ପରେ ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁରୁ ଉଡ଼ାଣ ଭରିବାକୁ ଥିବା ୩୮ଟି ବିମାନ ଚଳାଚଳ କ୍ୟାନ୍ସଲ କରି ଦିଆଯାଇଛି ।

ରିପୋର୍ଟ ମୁତାବକ, ବାତିଲ ହୋଇଥିବା ବିମାନ ମଧ୍ୟରେ ମୁମ୍ବାଇରୁ ୧୫ଟି, ଦିଲ୍ଲୀରୁ ୧୨ ଏବଂ ବେଙ୍ଗାଲୁରୁରୁ ୧୧ଟି ରହିଛି ।

ଭିସ୍ତାରା ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି ଯେ, ଗତ କିଛି ଦିନ ମଧ୍ୟରେ କ୍ରୁ ମେମ୍ବରଙ୍କ ସଂଖ୍ୟା କମ୍ ଥିବା କାରଣରୁ ଭିସ୍ତାରା ଏୟାରଲାଇନ୍ସ ବିମାନ ବାତିଲ ଏବଂ ଉଡ଼ାଣ ବିଳମ୍ବ ହେଉଛି । ଆମର ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଆମେ ସ୍ୱୀକାର କରୁଛୁ, ଏଥିପାଇଁ ଆମେ ଚିନ୍ତିତଛ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ନିରନ୍ତର ଉଦ୍ୟମ କରାଯାଉଛିଛ ଖୁବ୍ ଶୀଘ୍ର କ୍ରୁ ମେମ୍ବର ନିଯୁକ୍ତ କରାଯିବ । ଯେଉଁମାନେ ଟିକେଟ୍ କରିଥିଲେ ସେମାନଙ୍କୁ ରିଫଣ୍ଡ ହୋଇଯିବ ବୋଲି ଭିସ୍ତାରା ମୁଖପାତ୍ର କହିଛନ୍ତି ।

ପ୍ରକାଶ ଥାଉ କି, ବିମାନ ବିଳମ୍ବ ଏବଂ ବାତିଲ ହେବାକୁ ନେଇ ଭିସ୍ତାରା ଯାତ୍ରୀମାନେ ସୋଶାଲ ମିଡିଆ ପୋଷ୍ଟ ମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଥିଲେ । ଗତ କିଛି ଦିନ ମଧ୍ୟରେ ବିମାନ ୫ ଘଣ୍ଟାରୁ ଅଧିକ ବିଳମ୍ବ ହେଉଥିବା ଅଭିଯୋଗ କରିଥିଲେ । ବିମାନ ବାତିଲ ହୋଇଥିଲେ ମଧ୍ୟ ଯାତ୍ରୀମାନଙ୍କୁ ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯାଇ ନଥିବା ଅଭିଯୋଗ କରିଛନ୍ତି ।

## ଅଡୁଆରେ ମହୁଆ ମୈତ୍ର, ମାମଲା ରୁଜୁ କଲା ଇଡି



ନୂଆଦିଲ୍ଲୀ: ଟିଏମସି ନେତ୍ରୀ ମହୁଆ ମୈତ୍ରଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ଇଡି ତାଙ୍କ ବିରୋଧରେ ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ଏକ ବେଆଇନ ଅର୍ଥକାରବାର ବା ମନି ଲଣ୍ଡରିଂ ମାମଲା ରୁଜୁ କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମାମଲାରେ ଲୋକପାଳଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଆରମ୍ଭ କରିସାରିଛି । ଲୋକପାଳ ସିବିଆଇକୁ ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବୈଦେଶିକ ମୁଦ୍ରା ପରିଚାଳନା ଆଇନ ବା ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଫେମା) ମାମଲାରେ ସୋମବାର ଇଡି ମୈତଙ୍କୁ ପଚରାଉଚରା କରିବାର ଥିଲା । କିନ୍ତୁ ହାଜର ହେବା ପାଇଁ ୨୧ ଦିନ ସମୟ ମାଗି ସେ ଏଜେନ୍ସିକୁ ଚିଠି ଲେଖିଥିଲେ । ତେବେ ଇଡି ମହୁଆ ମୈତ୍ରଙ୍କୁ ଅବଧି ବୃଦ୍ଧି କରିବାକୁ ମନା କରିଦେଇଥିଲା । ତଦନ୍ତକାରୀ ସଂସ୍ଥା ମୈତ୍ରଙ୍କୁ ପୁଣି ଥରେ ସମନ୍ ଜାରି କରି ୭ ଦିନ ପରେ ପଚରାଉଚରା ପାଇଁ ଡକାଇଛି । ସୂଚନାଯୋଗ୍ୟ ଯେ ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ମହୁଆଙ୍କ ଲୋକସଭା ସଦସ୍ୟତା ଚାଲିଯାଇଥିଲା । ତେବେ ଆଗାମୀ ନିର୍ବାଚନ ପାଇଁ ତାଙ୍କୁ ପୁଣି ପ୍ରାର୍ଥୀ କରିଛି ତୃଣମୂଳ କଂଗ୍ରେସ । ତାଙ୍କ ପାଇଁ ମଧ୍ୟ ପ୍ରଚାର ଆରମ୍ଭ କରିଦେଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ।

## ବରୁଣଙ୍କୁ ନେଇ ବିତର୍କର ପୂର୍ଣ୍ଣଚ୍ଛେଦ ପକାଇଲେ ମେନକା

ନୂଆଦିଲ୍ଲୀ: ସୁଲତାନପୁର ସାଂସଦ ମେନକା ଗାନ୍ଧୀ ପୁଅ ବରୁଣ ଗାନ୍ଧୀଙ୍କୁ ନେଇ ହେଉଥିବା ଆଲୋଚନାରେ ପୂର୍ଣ୍ଣଛେଦ ପକାଇଛନ୍ତି । ବରୁଣ ଲୋକସଭା ନିର୍ବାଚନ ଲଢ଼ିବା ନେଇ ମେନକା କହିଛନ୍ତି ବିଜେପି ଦଳ ଛାଡି ବରୁଣ କୁଆଡ଼େ ଯାଉ ନାହାନ୍ତି । ସେ ଏବେ ରାଜନୀତିରୁ ସାମୟିକ ବିରତି ନେଇ ନିଜ ପରିବାର ସହିତ ବ୍ୟସ୍ତ ଅଛନ୍ତି । ଅନ୍ୟ କେଣସି ଦଳର ଟିକେଟ ବଣ୍ଟା ନେଇ ଆମର କିଛି ଯାଏ ଆସେ ନାହିଁ । ବରୁଣ ନିର୍ବାଚନ ପ୍ରଚାର କରିବେ କି ନାହିଁ ପ୍ରଶ୍ନର ଉତ୍ତରରେ ମେନକା ପାଲଟା ପ୍ରଶ୍ନ କରିଛନ୍ତି ମୁଁ କ'ଣ ପ୍ରଚାର ପାଇଁ ପ୍ରର୍ଯ୍ୟାପ୍ତ ନୁହେଁ କି ? କେଉଁଠାରୁ ନିର୍ବାଚନ ଲିବି ସେ ନେଇ ସ୍ଥିର ନ କରି ପାରିବାରୁ ମୋତେ ଟିକେଟ ମିଳିବାରେ ବିଳମ୍ବ ହୋଇଥିବା ମେନକା କହିଛନ୍ତି ।



ସୁଲତାନପୁର ଲୋକସଭା ଆସନରୁ ପୁଣି ଥରେ ନିର୍ବାଚନ ଲିବା ପାଇଁ ଟିକେଟ ମିଳିବା ପରେ ପ୍ରଚାର କାର୍ଯ୍ୟକ୍ରମରେ ଆସି ମେନକା ଏଭଳି କହିଛନ୍ତି । ସେ କହିଛନ୍ତି ମୁଁ ଖୁସି ଯେ, ବିଜେପିରେ ମୁଁ ରହିଛି । ମୋ ନିର୍ବାଚନ କ୍ଷେତ୍ରରେ ଚିନିକଳର ପୁନଃଉଦ୍ଧାର କାର୍ଯ୍ୟ ନିର୍ବାଚନୀ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ ହେବ । ସୁଲତାନପୁର ଆସନରେ ଲଢୁଥିବା ସମାଜବାଦୀ ପାର୍ଟି ପ୍ରାର୍ଥୀ ଭୀମ ନିଷାଦଙ୍କ ଭାବମୂର୍ତ୍ତି ବେଶ୍ ଉଚ୍ଚକୋଟୀର ବୋଲି ମେନକା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଫଳ ଲୋକାଭିମୁଖୀ ଯୋଜନାର ପ୍ରତିଫଳନ ଆଧାରରେ ଆମେ ନିର୍ବାଚନ ଲଢ଼ିବୁ । ଆମେ ନିଶ୍ଚିତ ବିଜୟୀ ହେବୁ ବୋଇି ମେନକା କହିଛନ୍ତି ।

## ବିସିଏଏସ୍ ଜାରିକଲା ନୂଆ ନିୟମ
## ଉଡାଣ ବିଳମ୍ବ ହେଲେ ବାହାରକୁ ଯାଇପାରିବେ ଯାତ୍ରୀ

ନୂଆଦିଲ୍ଲୀ : ବିମାନବନ୍ଦରରେ ଅତ୍ୟଧିକ ଗହଳି ଏବଂ ଉଡାଣ ବିଳମ୍ବ ପରେ ସିଭିଲ୍ ଏଭିଏସନ୍ ସିକ୍ୟୁରିଟି ବ୍ୟୁରୋ (ବିସିଏଏସ୍) ଏହି ନିର୍ଦ୍ଦେଶନାମା ଜାରିକରିଛି । ବିମାନ ଯାତ୍ରା ସମ୍ବନ୍ଧୀୟ ଏକ ନୂଆ ଗାଇଡଲାଇନ୍ ଜାରି କରିଛି ବିମାନ ଚଳାଚଳ ସୁରକ୍ଷା ୱାଚଡଗ୍ ବିସିଏଏସ୍ । ନୂତନ ନିର୍ଦ୍ଦେଶାବଳୀ ଅନୁସାରେ, ଏଣିକି ବୋର୍ଡିଂ ପରେ ଯଦି ବିମାନ ଚଳାଚଳ ବିଳମ୍ବ ହେଉଛି, ତେବେ ଯାତ୍ରୀମାନେ ବିମାନବନ୍ଦରର ପ୍ରସ୍ଥାନ ଫାଟକ ଦେଇ ଯାଇପାରିବେ । ବିମାନବନ୍ଦରରେ ଅତ୍ୟଧିକ ଗହଳି ଏବଂ ଉଡାଣ ବିଳମ୍ବ ପରେ ସିଭିଲ୍ ଏଭିଏସନ୍ ସିକ୍ୟୁରିଟି ବ୍ୟୁରୋ (ବିସିଏଏସ୍) ଏହି ନିର୍ଦ୍ଦେଶନାମା ଜାରିକରିଛି । ବିସିଏଏସ୍ ମହାନିର୍ଦ୍ଦେଶକ ଜୁଲଫିକର ହାସନ କହିଛନ୍ତି ଯେ, ମାର୍ଚ୍ଚ ୩୦ରେ ବିମାନ ସେବା ଏବଂ ବିମାନବନ୍ଦର ଅପରେଟରମାନଙ୍କୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ବର୍ତ୍ତମାନ ଏହି ନିୟମ କାର୍ଯ୍ୟକାରୀ ହୋଇଛି । ଏହି ଗାଇଡଲାଇନ ପରେ ଯାତ୍ରୀମାନେ ଅଯଥା ସମସ୍ୟାର ସମ୍ମୁଖୀନ ହେବେ ନାହିଁ ଏବଂ ବିମାନ ଭିତରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଯଦି ବିମାନ ଚଳାଚଳ ବିଳମ୍ବ ହୁଏ କିମ୍ବା କୌଣସି ଜରୁରୀ ପରିସ୍ଥିତି ଉପୁଜେ ତେବେ ଯାତ୍ରୀମାନେ ବିମାନବନ୍ଦର ପ୍ରସ୍ଥାନ ଫାଟକରୁ ବାହାରକୁ ଯାଇପାରିବେ । ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପାଇଁ ବିମାନବନ୍ଦର ଅପରେଟରମାନଙ୍କୁ ସ୍କ୍ରିନିଂ ସମେତ ଭିତ୍ତିଭୂମି ପାଇଁ ବ୍ୟବସ୍ଥା କରିବେ ଏବଂ ଯାତ୍ରୀମାନଙ୍କୁ ଏ ବାବଦରେ ଜଣାଇ ଦେବା ପାଇଁ ସଂପୃକ୍ତ ବିମାନ ଏବଂ ସୁରକ୍ଷା ଏଜେନ୍ସି ବ୍ୟବସ୍ଥା କରିବେ ବୋଲି ଜୁଲଫିକର ହାସନ କହିଛନ୍ତି ।



ଦିନକୁ ଦିନ ଘରୋଇ ବିମାନ ଚଳାଚଳ ବୃଦ୍ଧି ପାଉଛି । ପ୍ରତିଦିନ ପ୍ରାୟ ୩,୫୦୦ ବିମାନ ଉଡ଼ାଣ କରୁଛି । ନିକଟରେ ଭିସ୍ତାରା ବିମାନ ବାତିଲ ଓ ବିଳମ୍ବକୁ ନେଇ ଯାତ୍ରୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଥିଲାଛ ଏକାଧିକ ଯାତ୍ରୀ ଏହାକୁ ନେଇ ସୋଶାଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଥିଲେ । ଯାତ୍ରୀଙ୍କ ସୁବିଧା ଓ ବିମାନଯାତ୍ରାକୁ ସୁଗମ କରିବା ପାଇଁ ଏପରି ନିଷ୍ପତ୍ତି ନେଇଛନ୍ତି ସିଭିଲ୍ ଏଭିଏସନ୍ ସିକ୍ୟୁରିଟି ବ୍ୟୁରୋ (ବିସିଏଏସ୍) ।

## ଆପ୍ ନେତ୍ରୀ ଅତିଶୀଙ୍କ ଖୁଲାସା
## ବିଜେପିରେ ନମିଶିଲେ ବାନ୍ଧିବ ଇଡ଼ି

ନୂଆଦିଲ୍ଲୀ : ଦିଲ୍ଲୀ ମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀଙ୍କ ସଙ୍ଗୀନ ଅଭିଯୋଗ । ତାଙ୍କୁ ବିଜେପି ପକ୍ଷରୁ ଅଫର୍ ଦିଆଯାଇଛି, ଯଦି ସେ ଦଳରେ ସାମିଲ ନ ହୁଅନ୍ତି, ତେବେ ତାଙ୍କୁ ଆସନ୍ତା ଗୋଟିଏ ମାସ ମଧ୍ୟରେ ଇଡି ଗିରଫ କରିନେବ ବୋଲି ସେ କହିଛନ୍ତି । ଏଥିସହ ସେମାନେ ଆପର ଆଉ ଚାରି ଜଣଙ୍କୁ ଗିରଫ କରିବେ ବୋଲି ଦାବି କରି କହିଛନ୍ତି ଆତିଶୀ ।

ସାମ୍ବାଦିକ ସମ୍ମିଳନୀରେ ଆତିଶୀ କହିଛନ୍ତି, ଲୋକସଭା ର୍ନିବାଚନର ଦୁଇ ମାସ ପୂର୍ବରୁ ସେମାନେ ଆଉ ୪ ଜଣ ଆପ୍ ନେତାଙ୍କୁ ଗିରଫ କରିବେ । ଆପର ଶୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ, ରାଘବ ଚଡ଼ା ଏବଂ ମୋତେ ଗିରଫ କରାଯିବ । ମୋର ଜଣେ ଘନିଷ୍ଠ ସହଯୋଗୀଙ୍କ ମାଧ୍ୟମରେ ବିଜେପି ମୋତେ ଅଫରେ ଦେଇଛି । ଯଦି ମୁଁ ବିଜେପିରେ ଯୋଗ ନ ଦିଏ, ତେବେ ମୋତେ ଆସନ୍ତା ଗୋଟିଏ ମାସ ମଧ୍ୟରେ ଇଡି ଗିରଫ କରିବ । ସେ ଆହୁରି କହିଛନ୍ତି, ଆପର ବହୁ ବରିଷ୍ଠ ନେତାଙ୍କୁ ଜେଲରେ ନେଇ ରଖିଛନ୍ତି । ସେମାନଙ୍କୁ ଲାଗୁଛି ଆପ୍ ଭାଙ୍ଗିଯାଇଛି । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ପରେ ଆପ୍ ଦୁର୍ବଳ ହୋଇଯାଇଛି ବୋଲି ସେମାନେ ଭାବୁଛନ୍ତି ।

ପ୍ରକାଶ ଥାଉ କି, ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ ରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗିରଫ ହୋଇଛନ୍ତି । ଇଡି ତାଙ୍କୁ ଦୁଇ ଥର ରିମାଣ୍ଡରେ ନେଇ ପଚରାଉଚରା କରିଛି । ଗତକାଲି ରିମାଣ୍ଡ ଅବଧି ସରିବା ପରେ ଏପ୍ରିଲ ୧୫ ଯାଏ ତିହାର ଜେଲ୍ ଯାଇଛନ୍ତି କେଜ୍ରିୱାଲ । ଏହି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ମନୀଷ ସିସୋଦିଆ ମଧ୍ୟ ଗିରଫ ହୋଇ ଜେଲରେ ଅଛନ୍ତି । ସେହିପରି ସାଂସଦ ସଞ୍ଜୟ ସିଂହଙ୍କୁ ମଧ୍ୟ ସମାନ ମାମଲାରେ ଗିରଫ କରିଥିଲା ଇଡି । ସଞ୍ଜୟ ସିଂହ ମଧ୍ୟ ଜେଲରେ ଅଛନ୍ତି । ଦଳର ବରିଷ୍ଠ ନେତା ଜେଲରେ ଥିବାବେଳେ ଅନ୍ୟ ଚାରି ନେତାଙ୍କୁ ଇଡି ଗିରଫ କରିବ ବୋଲି ଆଗୁଆ ଆଶଙ୍କା ପ୍ରକାଶ କରିଛନ୍ତି ଆତିଶୀ ।

## ସ୍କୁଲ ବସ ଓଲଟି ୪ ଶିଶୁ ମୃତ

ବାରାବାଙ୍କି: ଉତ୍ତର ପ୍ରଦେଶର ବାରବାଙ୍କିରେ ଏକ ଦୁଃଖଦ ଘଟଣା ଘଟିଛି । ଏକ ସ୍କୁଲ ବସ୍ ଓଲଟି ପଡିବାରୁ ଘଟଣାସ୍ଥଳରେ ୪ ଶିଶୁଙ୍କ ମୃତ୍ୟୁ ହୋଇଛି । ଜଣେ ବସ କର୍ମଚାରୀ ବି ମୃତ୍ୟୁବରଣ କରିଛନ୍ତି । ଏହି ଦୁର୍ଘଟଣାରେ ପ୍ରାୟ ୨୫ ଜଣ ଶିଶୁ ଗୁରୁତର ଆହତ ହୋଇଛନ୍ତି । ଆହତ ଶିଶୁମାନଙ୍କୁ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଯେଉଁଠାରେ ସେମାନେ ଚିକିତ୍ସିତ ହେଉଛନ୍ତି । ଲକ୍ଷ୍ନୌ ଚିଡ଼ିଆଖାନାରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିବା କୁହାଯାଉଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁମାନଙ୍କ ପରିବାରକୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛି ।

ସୂଚନା ଅନୁଯାୟୀ, ବାରାବାଙ୍କିର ଦେବା ଥାନା ଅନ୍ତର୍ଗତ ସଲାରପୁରରେ ଏହି ସଡ଼କ ଦୁର୍ଘଟଣା ଘଟିଛି । ବସରେ ଥିବା ସମସ୍ତ ପିଲା ବାରାବାଙ୍କିର ସୁରତଗଞ୍ଜ ବ୍ଲକର ହରକ୍କା ଗାଁର କମ୍ପୋଜିଟ୍ ସ୍କୁଲର ବୋଲି ଜଣାପଡ଼ିଛି । ଏହି ସମସ୍ତ ସ୍କୁଲ ପିଲା ଶିକ୍ଷକଙ୍କ ସହ ଷ୍ଟଡିଟୁରରେ ଲକ୍ଷ୍ନୌ ଯାଇଥିଲେ । ଲକ୍ଷ୍ନୌରୁ ଫେରୁଥିବା ବେଳେ ଏହି ସଡ଼କ ଦୁର୍ଘଟଣା ଘଟିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜଣେ ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବସଟି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ଓ ଓଲଟି ପଡ଼ିଥିଲା । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ଓ ଆହତମାନଙ୍କ ସମୁଚିତ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସ୍କୁଲ ଭିତରେ ଗୁଳିମାଡ଼ କଲା ଛାତ୍ର, ଜଣେ ମୃତ

ୱାଶିଂଟନ : ସ୍କୁଲ ଭିତରେ ଫୁଟିଲା ଗୁଳି । ଆଖିବୁଜା ଗୁଳିମାଡ କଲା ଜଣେ ୧୨ ବର୍ଷୀୟ ଛାତ୍ର । ଏଥିରେ ଜଣେ ସ୍କୁଲ ପିଲାର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦକ୍ଷିଣ ଫିନଲାଣ୍ଡ ସ୍ଥିତ ସ୍କୁଲରେ ଏଭଳି କିଛି ଘଟଣା ଘଟିଛି । ଫିନଲାଣ୍ଡର ରାଜଧାନୀ ହେଲସିଙ୍କିର ବାହ୍ୟ ଅଞ୍ଚଳରେ ଥିବା ଏକ ମାଧ୍ୟମିକ ସ୍କୁଲରେ ଏହି ଗୁଳିମାଡ ହୋଇଛି । ଜଣେ ୧୨ ବର୍ଷୀୟ ନାବାଳକ ସ୍କୁଲ ପିଲାଙ୍କ ଉପରକୁ ଆଖିବୁଜା ଗୁଳିମାଡ କରିଛି । ଫଳରେ ଏଥିରେ ଜଣେ ସ୍କୁଲ ପିଲାଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଫିନଲାଣ୍ଡର ବାଣ୍ଟା ସ୍ଥିତ ଭିଆର୍ଟୋଲା ସ୍କୁଲରେ ଏହି ଘଟଣା ଘଟିଛି । ପୁଲିସ ଅଭିଯୁକ୍ତ ନାବାଳକକୁ ଗିରଫ କରିଛି । ଏହି ଘଟଣାକୁ ନେଇ ପୁଲିସ କହିଛି, ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି । ଅଜଣା ବ୍ୟକ୍ତିଙ୍କ ପାଇଁ ସ୍କୁଲର କବାଟ ନ ଖୋଲିବା ପାଇଁ ପୁଲିସ ପରାମର୍ଶ ଦେଇଛି ।

ବାଣ୍ଟା ସ୍ଥିତ ଭିଆର୍ଟୋଲା ସ୍କୁଲରେ ପ୍ରାୟ ୮୦୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି । ଏଥିସହ ଏଠାରେ ୯୦ ଜଣ କର୍ମଚାରୀ ଅଛନ୍ତି । ପ୍ରଥମରୁ ୯ମ ଶ୍ରେଣୀ ଯାଏଁ ୭ରୁ ୧୫ ବର୍ଷ ବୟସ୍କ ଯାଏଁ ଏଠାରେ ପିଲା ପାଠ ପଢ଼ନ୍ତି । ପୂର୍ବରୁ ମଧ୍ୟ ଫିନଲ୍ୟାଣ୍ଡରେ ସ୍କୁଲରେ ଗୁଳି ବିନିମୟ ହୋଇଛି । ୨୦୦୭ରେ ଜଣେ ୧୮ ବର୍ଷ ବୟସ୍କା ଛାତ୍ରଙ୍କ ଗୁଳିମାଡ଼ରେ ୭ ଜଣ ଛାତ୍ର ପ୍ରାଣ ହରାଇଥିଲେ । ଏହା ବ୍ୟତୀତ, ୨୦୦୮ରେ ଗୁଳି ମାଡରେ ୯ ଜଣ ଛାତ୍ର ପ୍ରାଣ ହରାଇଥିଲେ ।

## ସିନ୍ଦେ ଶୀଘ୍ର ହରାଇବେ କ୍ଷମତା: ସଞ୍ଜୟ

ମୁମ୍ବାଇ: ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ମଙ୍ଗଳବାର କହିଛନ୍ତି ମହା ଭିକାଶ ଏବେ ମଧ୍ୟ ପ୍ରକାଶ ଆମ୍ବେଡ଼କରଙ୍କ ନେତୃତ୍ୱାଧୀନ ବଞ୍ଚିତ ବହୁଜନ ଅଘାଡ଼ି (ଭିବିଏ) ସହିତ ଆସନ ବୁଝାମଣା ନେଇ ଆଶା ରଖିଛି । ଭିବିଏ ପୂର୍ବରୁ କେତେକ ଲୋକସଭା ଆସନରେ ନିଜର ପ୍ରାର୍ଥୀ ଘୋଷଣା କରି ସାରିଛି । ଗଣମାଧ୍ୟମ ସହିତ ଆଲୋଚନା ସମୟରେ ସଞ୍ଜୟ ନିର୍ବାଚନରେ ଇଲୋକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ୍)କୁ ହଟାଇବା ଏବଂ ଏହା ବଦଳରେ ମତପତ୍ର ଦ୍ୱାରା ଭୋଟିଂ କରିବା ଦାବିକୁ ଦୋହରାଇଛନ୍ତି । ଇଭିଏମ୍ ଦ୍ୱାରା ନିର୍ବାଚନକୁ ମୁଁ ପୂର୍ବରୁ ବିରୋଧ କରୁଥିଲି ଏବଂ ଏବେ ମଧ୍ୟ ତାହା ଜାରି ରହିଛି । ଏହା ମାଧ୍ୟମରେ ଅନିୟମିତତା ହେଉଥିବା ସେ କହିଛନ୍ତି । ଇଭିଏମ୍ ଦ୍ୱାରା ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ଜରୁରୀ ।



ଏହା ଦେଶର ପ୍ରକୃତ ଜନାଦେଶ ପ୍ରକାଶ କରି ନ ଥାଏ । ଏହା ସହିତ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ସିନ୍ଦେ ଶୀଘ୍ର ନିଜର କ୍ଷମତା ହରାଇବାକୁ ଯାଉଛନ୍ତି । ତାଙ୍କଠାରୁ ପଦବୀ ଛଡ଼ାଇ ନିଆଯିବ । ଆମ ଦଳର କବାଟ ସବୁବେଳ ପାଇଁ ସିନ୍ଦେଙ୍କ ଲାଗି ବନ୍ଦ ହୋଇ ଯାଇଛି । ତାଙ୍କ ଭଳି ନେତାଙ୍କୁ ବିଶ୍ୱାସ କରିବା କଷ୍ଟକର ବୋଲି ସଞ୍ଜୟ କହିଛନ୍ତି । ବିଜେପି ହାତରେ କାଠକଣ୍ଢେଇ ପାଲଟିଥିବା ସିନ୍ଦେ ଖୁବ୍ ଶୀଘ୍ର ନିଜେ କରିଥିବା କର୍ମର ଫଳ ଭୋଗୀବାକୁ ଯାଉଛନ୍ତି । ସେ କରିଥିବା ବିଶ୍ୱାସ ଘାତକତାର ଜବାବ୍ ପାଇବେ ବୋଲି ସଞ୍ଜୟ କହିଛନ୍ତି ।

## ଗ୍ୟାଙ୍ଗଷ୍ଟାର ପରିବାରର ତିନି ମହିଳାଙ୍କୁ ପଳାତକ ଘୋଷଣା

ନୂଆଦିଲ୍ଲୀ: ଗ୍ୟାଙ୍ଗଷ୍ଟାର ଅତିକ ଅହମ୍ମଦ ଓ ଅସରଫ ଅହମ୍ମଦଙ୍କୁ ଗୁଳି କରି ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଅତିକ ଓ ଅସରଫ ଫେରାର ଥିବା ବେଳେ ପୁଲିସ ତାଙ୍କ ଉପରେ ପୁରସ୍କାର ରାଶି ଘୋଷଣା କରିଥିଲା । ଏଥିସହିତ ଗତବର୍ଷ ପ୍ରୟାଗରାଜରେ ହୋଇଥିବା ଉମେଶ ପାଲ ହତ୍ୟା ଘଟଣାରେ ଅତିକର ଦୁଇଜଣ ପୁଅ ଅଲି ଓ ଉମର ଉପରେ ବି ପୁଲିସ ପୁରସ୍କାର ରାଶି ଘୋଷଣା କରିଥିଲା । ଅଲି ଏବେ ନେନି ସେଣ୍ଟ୍ରାଲ ଜେଲରେ ଓ ଉମର ଲକ୍ଷ୍ନୌ ଜେଲରେ କଏଦୀ ଭାବେ ଜୀବନ କାଟୁଛନ୍ତି । ଅତିକ ଅହମ୍ମଦର ଆଉ ଜଣେ ପୁଅ ଅସଦ ଉପରେ ବି ପୁଲିସ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା । କିନ୍ତୁ ପୁଲିସ ଏନକାଉଣ୍ଟରରେ ଅସଦର ମୃତ୍ୟୁ ହୋଇଥିଲା । ପୁଲିସ ଏନକାଉଣ୍ଟରରେ ମୃତ୍ୟୁ ହୋଇଥିବା ଅସଦର ସ୍ତ୍ରୀ ଶାଇସ୍ତା ପରବୀନଙ୍କ ଉପରେ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୫୦ହଜାର ଟଙ୍କା କରି ଦିଆଯାଇଛି । କାରଣ ଶାଇସ୍ତା ଉମେଶ ପାଲ ହତ୍ୟା ପରେ ଫେରାର ରହିଛନ୍ତି । ପୁଲିସ ତାଙ୍କୁ ପଳାତକ ତାଲିକାରେ ସାମିଲ କରିଛି ।



ସମ୍ପ୍ରତି ଏହି ଗ୍ୟାଙ୍ଗଷ୍ଟାର ପରିବାରରେ ସାମିଲ ଥିବା ଅତିକର ସାନ ଭାଇଙ୍କ ସ୍ତ୍ରୀ ଜେନବ ଓରଫ ରୁବି ଓ ଅତିକର ଭଉଣୀ ଆୟଶା ନୁରିଙ୍କ ଉପରେ ବି ୨୫-୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି । ଏହି ଦୁଇଜଣ ମହିଳାଙ୍କ ନାମ ବି ପଳାତକ ତାଲିକାରେ ପୁଲିସ ସାମିଲ କରିଛି ।

# ଆଇପିଏଲ୍ ଦୁଇଟି ମ୍ୟାଚ୍‌ର ସୂଚୀ ପରିବର୍ତ୍ତନ




କୋଲକାତା, ୨।୪ (ଏଜେନ୍ସି) : ବିସିସିଆଇ ଚଳିତ ଆଇପିଏଲ୍‌ର ଦୁଇଟି ମ୍ୟାଚ୍‌ର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି । ଏପ୍ରିଲ ୧୭ରେ ଇଡେନଗାର୍ଡେନରେ ହେବାକୁ ଥିବା କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମ୍ୟାଚ ୧୬ ତାରିଖରେ ଖେଳାଯିବ । ସେହିପରି ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏପ୍ରିଲ ୧୬ରେ ହେବାକୁ ଥିବା ମ୍ୟାଚ୍ ୧୭ ତାରିଖରେ ଖେଳାଯିବ । ଏପ୍ରିଲ ୧୭ରେ ରାମ ନବମୀ ଓ ଏହାର ଦୁଇଦିନ ପରେ ଲୋକସଭା ନିର୍ବାଚନ ହେବାକୁ ଥିବାରୁ ସ୍ଥାନୀୟ ପୋଲିସ ଆଇପିଏଲ୍ ମ୍ୟାଚ୍ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ । ତେଣୁ ମଙ୍ଗଳବାର ଆଇପିଏଲ୍ ଆୟୋଜନ କମିଟି ଏହାକୁ ପରିବର୍ତ୍ତନ କରିଛି । ଦୁଇଟି ମ୍ୟାଚ୍ ପାଇଁ ଆଗୁଆ ଟିକଟ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ । ଯାହାକୁ ନେଇ ପ୍ରଶଂସକ ଦ୍ୱନ୍ଦ୍ୱରେ ରହିଛନ୍ତି । ଲୋକସଭା ନିର୍ବାଚନ ଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ଦୁଇଟି ପର୍ଯ୍ୟାୟରେ ଆଇପିଏଲ ଆୟୋଜନ କରିଛି । ଏବେ ପ୍ରଥମ ପର୍ଯ୍ୟାୟ ଜାରି ରହିଛି । ପୁଣି ଏପ୍ରିଲ ୮ରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ।

## ରେଳବାଇ ଟି-୨୦ : ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ବିଜୟୀ

ଜଟଣୀ, ୨।୪ (ସବ୍ୟୁ) : ସ୍ଥାନୀୟ ଖୋର୍ଦ୍ଧାରୋଡ଼ ରେଳବାଇ ଷ୍ଟାଡିୟମରେ ଚାଲିଥିବା ୬୭ତମ ସର୍ବଭାରତୀୟ ପୁରୁଷ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ୬ ୱିକେଟରେ ଦକ୍ଷିଣ ପୂର୍ବ ରେଳପଥକୁ ହରାଇଛି । ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ଦଳ ପକ୍ଷରୁ ମହମ୍ମଦ ଇରଫାନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ଉତ୍ତରପୂର୍ବ ଫ୍ରଣ୍ଟିୟର ରେଳପଥ ୭୭ ରନ



ବ୍ୟବଧାନରେ କୋଲକାତା ମେଟ୍ରୋ ରେଳପଥକୁ ହରାଇଥିଲା । ଅରିନ୍ଦମ ଘୋଷଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

# ବେଙ୍ଗାଲୁରୁର ତୃତୀୟ ପରାଜୟ

### ଆଇପିଏଲ୍ ମହାସମର

ବେଙ୍ଗାଲୁରୁ, ୨।୪ (ଏଜେନ୍ସି) : ଆଇପିଏଲ୍‌ର ପ୍ରଥମ ଚରଣରେ ହଟଚମଟ ଲାଗିରହିଛି । ମଙ୍ଗଳବାର ବେଙ୍ଗାଲୁରୁରେ ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସମ୍ମୁଖରେ ୧୮୨ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହାକୁ ପିଛା କରି ବେଙ୍ଗାଲୁରୁ ୧୯.୪ ଓଭରରେ ୧୫୩ ରନ କରି ଅଲଆଉଟ ହୋଇଥିଲା । ତେଣୁ ଲକ୍ଷ୍ନୌ ସୁପରଜ୍ୟାଣ୍ଟ ୨୮ ରନ ବ୍ୟବଧାନରେ ମ୍ୟାଚ୍ ଜିତି ଚଳିତ ସିଜନରେ ଦ୍ୱିତୀୟ ବିଜୟ ହାସଲ କରିଛି । ସେହିଭଳି ବେଙ୍ଗାଲୁରୁର ପିଛା ଛାଡୁନି ପରାଜୟ । ଏପର୍ଯ୍ୟନ୍ତ ଦଳ ଖେଳିଥିବା ୪ଟି ମ୍ୟାଚ୍‌ରୁ ୩ଟି ମ୍ୟାଚ ହାରିଛି ।

ଟସ୍ ଜିତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଫ ଡୁ ପ୍ଲେସିସ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଅଧିନାୟକ ଲୋକେଶ ରାହୁଲଙ୍କ ସହ କୁଇଣ୍ଟନ ଡିକକ୍ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୫୩ ରନର ପାର୍ଟନରସିପ୍ ହୋଇଥିଲା । ଜମାଣିଆ ଆରମ୍ଭ ପରେ ବଡ଼ ସର୍ଟ ଖେଳିବାକୁ ଯାଇ ଲୋକେଶ ରାହୁଲ ଏକାଗ୍ରତା ହରାଇଥିଲେ । ମ୍ୟାକ୍ସୱେଲଙ୍କ ବଲରେ ଡେନ୍ ଏଲଗାରଙ୍କ ହାତରେ ଧରାପଡ଼ିଥିଲେ ରାହୁଲ । ସେ ୧୪ ବଲରୁ ୨ଟି ଛକା ସହାୟତାରେ ୨୦ ରନ କରିଥିଲେ । ବାମହାତୀ ଓପନର କୁଇଣ୍ଟନ ଡିକକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରହିଥିଲା । ସେ ୫୬ ବଲର ସମ୍ମୁଖୀନ ହୋଇ ୮ଟି ଚୌକା ଓ ୫ଟି ଛକା ସହାୟତାରେ ୮୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ମଧ୍ୟମକ୍ରମରେ ଲକ୍ଷ୍ନୌର ଦେବଦୂତ୍ତ ପଡ଼ିକାଲ ଚରମ ବିଫଳତାର ସମ୍ମୁଖୀନ ହୋଇଛନ୍ତି । ସେ ୬ ରନ କରି ପାଭିଲିୟନ ଫେରିଥିଲେ । ମାର୍କସ ଷ୍ଟୋଇନ୍ସ ୧୫ ବଲରୁ ୨୪ ରନ କରିଥିବାବେଳେ ନିକୋଲାସ ପୁରନଙ୍କ ଇନିଂସ୍ ମ୍ୟାଚ୍‌ରେ ଜୀବନ ଭରିଦେଇଥିଲେ । ପୁରନ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୨୧ଟି ବଲରୁ ୫ଟି ଛକା ଓ ଗୋଟିଏ ଚୌକା ସହାୟତାରେ ୪୦ ରନ କରିଥିଲେ । ତେଣୁ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା । ବୋଲିଂରେ ବେଙ୍ଗାଲୁରୁର ଗ୍ଲେନ ମାକ୍ସୱେଲଙ୍କ ଦୁଇଟି,



ରିସି ଟପଲେ, ଯଶ ଦୟାଲ ଓ ମହମ୍ମଦ ସିରାଜଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଲକ୍ଷ୍ନୌର ତାରକା ଦ୍ରୁତବୋଲର ମୟଙ୍କ ଯାଦବ ହିରୋ ସାଜିଥିଲେ । ଏପରିକି ଆଇପିଏଲ୍‌ରେ ସର୍ବାଧିକ ସ୍ପିଡ୍‌ରେ ବଲ ଫିଙ୍ଗି ନିଜ ନାଁରେ ଏକାଧିକ ରେକର୍ଡ଼ ସ୍ଥାପନ କରିଥିବା ମୟଙ୍କ ମଙ୍ଗଳବାର ଘରୋଇ ବେଙ୍ଗାଲୁରୁକୁ ତା'ରି ଗ୍ରାଉଣ୍ଡରେ ଧରାଶାୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୟଙ୍କ ୪ ଓଭର ବୋଲିଂ କରି ୧୪ ରନ ବ୍ୟୟରେ ଗୁରୁତ୍ୱପୂର୍ଣ୍ଣ ୩ ୱିକେଟ ଦଖଲ କରିଥିଲେ ।

ବିରାଟ କୋହଲିଙ୍କ ସହ ଅଧିନାୟକ ଫାଫ ଡୁପ୍ଲେସିସ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୪୦ ରନର ପାର୍ଟନରସିପ୍ ହୋଇଥିଲା । କୋହଲି ୧୬ ବଲରୁ ୨୨ ରନ କରି ଆଉଟ ହେବା ପରେ ଡୁପ୍ଲେସିସି ମଧ୍ୟ ପରବର୍ତ୍ତୀ ଓଭରରେ ପାଭିଲିଅନ ଫେରିଥିଲେ । ଡୁପ୍ଲେସିସି ୧୩ ବଲରୁ ୧୯ ରନ କରିଥିବାବେଳେ ରଜତ ପଟିଦାର ୨୧ ବଲରୁ ୨୯ ରନ କରିଥିଲେ । ସଭିଙ୍କ ନଜର ମ୍ୟାକ୍ସୱେଲଙ୍କ ଉପରେ ଥିଲା । କିନ୍ତୁ ମ୍ୟାକ୍ସୱେଲ ମାତ୍ର ଦୁଇଟି ବଲର ସମ୍ମୁଖୀନ ହୋଇ ପାଭିଲିଅନ ଫେରିଥିଲେ । କାମେରନ ୯ ରନ, ଅନୁଜ ରାୱତ ୧୧ ରନ କରି ଆଉଟ ହେବାପରେ ମହିପାଲ ଲୋମରର ଓ ଦିନେଶ କାର୍ତ୍ତିକ ପାଳି ସମ୍ଭାଳିଥିଲେ । ଶ୍ରେଷ୍ଠ ଫିନିସର ଭାବେ ଜଣାଶୁଣା କାର୍ତ୍ତିକ ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନେବାକୁ ସକ୍ଷମ ହୋଇ ନଥିଲେ । ସେ ୮ ବଲରୁ ୪ ରନ କରି ପାଭିଲିଅନ ଫେରିବା ସହ ବେଙ୍ଗାଲୁରୁର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । କାର୍ତ୍ତିକଙ୍କ ପରେପରେ ମହିପାଲ ଲୋମରର ୩୩ ରନ ଓ ମହମ୍ମଦ ସିରାଜ ୧୨ରନ କରି ଆଉଟ ହୋଇଥିଲେ । ତେଣୁ ବେଙ୍ଗାଲୁରୁ ୧୯.୪ ଓଭରରେ ୧୫୩ ରନ କରି ଅଲଆଉଟ ହୋଇଥିଲା । ବୋଲିଂରେ ଲକ୍ଷ୍ନୌର ମୟଙ୍କ ୩ଟି, ନବୀନ ଉଲହକ ୨ଟି, ମଣିମାରନ ସିଦ୍ଧାର୍ଥ, ଯସ ଠାକୁର ଓ ମାର୍କସ ଷ୍ଟୋଇନିସ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

**ଆଜିର ମ୍ୟାଚ**
ଦିଲ୍ଲୀ-କୋଲକାତା
ସମୟ: ରାତି ୭.୩୦
ସ୍ଥାନ: ବିଶାଖାପଟନମ୍
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ମୀରାବାଈଙ୍କୁ ଅଲିମ୍ପିକ୍ସ ଟିକେଟ

ନୂଆଦିଲ୍ଲୀ, ୨।୪ (ଏଜେନ୍ସି) : ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ମୀରାବାଈ ଚାନୁ ଚଳିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱକପରେ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇବା ସତ୍ତ୍ୱେ ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି । ମହିଳା ୪୯ କିଗ୍ରା ବିଭାଗର ଗ୍ରୁପ-ବି'ରେ ସ୍ଥାନ ହାସଲ କରିଥିଲେ ଚାନୁ । ସେ ମୋଟ ୧୮୪ କେଜି ଭାର ଉଠାଇବାରେ ସଫଳ ହୋଇଥିଲେ । ପ୍ୟାରିସ ଗେମ୍ସ ପାଇଁ ଏହା ଶେଷ ସୁଯୋଗ ଥିଲା । ୨୦୧୭ର ବିଶ୍ୱ ଚାମ୍ପିଅନ ଚାନୁ ଅଧୁନା ୪୯ କେଜି ମହିଳା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ର୍‍ୟାଙ୍କିଙ୍ଗ୍‌ରେ ଚୀନର ଜିଆ ହ୍ୱିହ୍ୱାଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ପ୍ରତ୍ୟେକ ଓଜନ ବର୍ଗରୁ ୧୦ ଜଣ ଲେଖାଏଁ ଲିଫ୍ଟର ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବେ । ଏସିଆନ ଗେମ୍ସ ଅବସରରେ ସେ ସମ୍ପୂର୍ଣ୍ଣ ଫିଟ୍ ନଥିବାରୁ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନଥିଲେ । ପ୍ୟାରିସ୍ ଅଲିମ୍ପିକ୍ସରେ ଦେଶ ପାଇଁ ପୁଣି ଥରେ ପଦକ ଜିତିବା ଲାଗି ଚେଷ୍ଟା କରିବେ ବୋଲି ଚାନୁ ଆଶାବ୍ୟକ୍ତ କରିଛନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

## କଳାହାଣ୍ଡି କପ କ୍ରିକେଟ
# କେନ୍ଦୁଝର, କୋରାପୁଟ, ନୟାଗଡ଼ ବିଜୟୀ

ଭୁବନେଶ୍ୱର, ୨।୪ (ସବ୍ୟୁ) : ଓଡ଼ିଶା କ୍ରିକେଟ ଆସୋସିଏସନର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରିଲିମିନାରୀ ଲିଗ୍ ଦ୍ୱିତୀୟ ପର୍ଯ୍ୟାୟ ମୁକାବିଲାରେ ମଙ୍ଗଳବାର କେନ୍ଦୁଝର, କୋରାପୁଟ, ନୟାଗଡ଼, କେନ୍ଦ୍ରାପଡ଼ା, ନବରଙ୍ଗପୁର, ଗଜପତି, ବଲାଙ୍ଗୀର, ସୋନପୁର ଓ ସମ୍ବଲପୁର-ବି ବିଜୟୀ ହୋଇଛନ୍ତି ।

ଅଡ଼ଷପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦୁଝର ୨୧ ରନ ବ୍ୟବଧାନରେ ମୟୂରଭଞ୍ଜକୁ ହରାଇଛି । ଏହି ମ୍ୟାଚ୍‌ରେ କେନ୍ଦୁଝର ୫୦ ଓଭରରେ ୭ ୱିକେଟ ହରାଇ ୨୬୯ ରନ କରିଥିଲା । ଜବାବରେ ମୟୂରଭଞ୍ଜ ୪୯.୨ ଓଭରରେ ୨୪୮ ରନ କରି ଅଲଆଉଟ ହୋଇଥିଲା । ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କୋରାପୁଟ ୪ ୱିକେଟରେ ଭୁବନେଶ୍ୱର-ବି'କୁ ହରାଇଛି । ଏହି ମ୍ୟାଚ୍‌ରେ ଭୁବନେଶ୍ୱର-ବି



୫୦ ଓଭରରେ ୯ ୱିକେଟ ହରାଇ ୨୪୨ ରନ କରିଥିଲା । ଜବାବରେ କୋରାପୁଟ ୪୯.୨ ଓଭରରେ ୨୪୮/୬ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା ।

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ନୟାଗଡ଼ ୭ ୱିକେଟରେ ପୁରୀକୁ ହରାଇଛି । ଏହି ମ୍ୟାଚ୍‌ରେ ପୁରୀ ୪୭.୩ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଥିଲା । ଜବାବରେ ନୟାଗଡ଼ ୨୮.୪ ଓଭରରେ ୧୬୮/୩ ରନ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଥିଲା । ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୭ ୱିକେଟରେ ନୂଆପଡ଼ାକୁ ହରାଇଥିଲା । ଏହି ମ୍ୟାଚ୍‌ରେ ନୂଆପଡ଼ା ୩୪.୧ ଓଭରରେ ୧୯୬ ରନ କରି ଅଲଆଉଟ ହୋଇଥିଲା । ଜବାବରେ କେନ୍ଦ୍ରାପଡ଼ା ୩୫.୨ ଓଭରରେ ୧୯୮/୩ ରନ କରି ବିଜୟୀ ହୋଇଥିଲା ।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ନବରଙ୍ଗପୁର ୧୩୩ ରନ ବ୍ୟବଧାନରେ କନ୍ଧମାଳକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ନବରଙ୍ଗପୁର ୫୦ ଓଭରରେ ୩୩୭ ରନ କରିଥିଲା । ଜବାବରେ କନ୍ଧମାଳ ୫୦ ଓଭରରେ ୨୦୪ ରନ କରିବାକୁ ସକ୍ଷମ ହୋଇଥିଲା । ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଗଜପତି ୬୦ ରନ ବ୍ୟବଧାନରେ ମାଲକାନଗିରିକୁ ହରାଇଛି । ଏହି ମ୍ୟାଚ୍‌ରେ ଗଜପତି ୩୭.୧ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଥିଲା । ଜବାବରେ ମାଲକାନଗିରି ୨୬.୪ ଓଭରରେ ୧୧୦ ରନ କରି ଅଲଆଉଟ ହୋଇଥିଲା । ରେଭେନ୍ସା ୨ ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବଲାଙ୍ଗୀର ୧୧୯ ରନ ବ୍ୟବଧାନରେ ରାୟଗଡ଼ାକୁ ହରାଇଛି । ବଲାଙ୍ଗୀର ୫୦ ଓଭରରେ ୬ ୱିକେଟ ହରାଇ ୩୧୭ ରନ କରିଥିଲା । ଜବାବରେ ରାୟଗଡ଼ା ୪୪ ଓଭରରେ ୧୯୮ ରନ କରିବାକୁ ସକ୍ଷମ ହୋଇଥିଲା ।

ରେଭେନ୍ସା ୧ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସୋନପୁର ୬୨ ରନ ବ୍ୟବଧାନରେ ଦେବଗଡ଼କୁ ହରାଇଛି । ଏହି ମ୍ୟାଚ୍‌ରେ ସୋନପୁର ୪୫.୩ ଓଭରରେ ୨୩୨ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଦେବଗଡ଼ ୩୮.୪ ଓଭରରେ ୧୭୦ ରନ କରି ସମସ୍ତ ୱିକେଟ ହରାଇଥିଲା ।

ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ସମ୍ବଲପୁର-ବି ୧୨୮ ରନ ବ୍ୟବଧାନରେ କଳାହାଣ୍ଡିକୁ ହରାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର-ବି ୪୬.୫ ଓଭରରେ ୨୪୫ ରନ କରିଥିଲା । ଜବାବରେ କଳାହାଣ୍ଡି ୪୦.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଥିଲା ।

## ଦିଲୀପ କୁମାର ପଣ୍ଡା ସ୍ମାରକୀ କ୍ରିକେଟ
# ଫାଇନାଲରେ ବଡ଼ବିଲ ଟାଇଗର୍ସ



ଭୁବନେଶ୍ୱର, ୨।୪ (ସବ୍ୟୁ) : ନହରକଣ୍ଟା ସ୍ଥିତ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଦିଲୀପ କୁମାର ପଣ୍ଡା ସ୍ମାରକୀ ୧୫ ବର୍ଷରୁ କମ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ କେନ୍ଦୁଝରର ବଡ଼ବିଲ ଟାଇଗର୍ସ ପ୍ରବେଶ କରିଛି । ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବଡ଼ବିଲ ଟାଇଗର୍ସ ୬୬ ରନ ବ୍ୟବଧାନରେ ଭୁବନେଶ୍ୱରର ଶେଖର ସ୍ପୋର୍ଟିଂକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା । ଏହି ମ୍ୟାଚରେ ବଡ଼ବିଲ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୬ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆୟୁଷ ସେଠୀ ୭୬ ରନ, ଆଶୁତୋଷ ନାୟକ ୪୦ ରନ, ଅଭିଶେକ ୩୯ ରନ କରିଥିଲେ । ଶେଖର ସ୍ପୋର୍ଟିଂ ୧୯୬ ରନର ବିଜୟଲକ୍ଷ୍ୟକୁ ପିଛା କରି ୨୬.୧ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଆୟୁଷ ନାୟକ ସର୍ବାଧିକ ୪୪ ରନ କରିଥିଲେ । ବଡ଼ବିଲ ଟାଇଗର୍ସର ସର୍ବନ ସାହୁ, ଆୟୁଷ ସେଠୀ ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଅତିଥି ପ୍ରଶାନ୍ତ କୁମାର ସାହୁ ଓ ପ୍ରକାଶ କୁମାର ଜେନା ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଅମ୍ପାୟାର ଶାଶ୍ୱତୀ ଶତପଥୀ ଓ ସନ୍ତୋଷ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ ।




Meera's
COURTYARD
AT
KURANGA
PHULNAKHARA
Huge lush green happening space situated
in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to
make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ଫେରିବ କି ଚାମ୍ପିଅନ୍ସ ଲିଗ୍ ?

ମୁମ୍ବାଇ, ୨।୪ (ଏଜେନ୍ସି) : ଟି-୨୦ କ୍ରିକେଟର ଲୋକପ୍ରିୟତା ବିଗତ ଦଶନ୍ଧିଗୁଡ଼ିକରେ ବଢ଼ିବାରେ ଲାଗିଛି । ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକରେ ଟି-୨୦ ଲିଗ୍ ଆୟୋଜନ ହେଉଛି । ତେବେ ଏସବୁର ସମାହାରରେ ଚାମ୍ପିଅନ୍ସ ଲିଗ୍ ଆୟୋଜନ ହେଉଥିଲା । ବିଗତ ୧୦ ବର୍ଷ ହେବ ଚାମ୍ପିଅନ୍ସ ଲିଗ୍ ବନ୍ଦ ଅଛି । ପୁଣିଥରେ ଏହି ଲିଗ୍ ଫେରିବାର ସମ୍ଭାବନା ସୃଷ୍ଟି ହୋଇଛି । ଚାମ୍ପିଅନ୍ସ ଲିଗ୍‌ରେ ୧୨ଟି ଦଳ ଭାଗ ନେଉଥିଲେ । ଆଇପିଏଲ୍ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଟି-୨୦ ଦଳ ଅଂଶ ଗ୍ରହଣ କରୁଥିଲେ । ୨୦୧୪ ପରେ ଏହି ଲିଗ୍‌କୁ ବନ୍ଦ ରଖାଯାଇଥିଲା । ଶେଷଥର ଏହି ଲିଗ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ହରାଇ ଚେନ୍ନାଇ ସୁପରକିଙ୍ଗ୍ ଚାମ୍ପିଅନ୍ ହୋଇଥିଲା । ମୋଟ ଉପରେ ଚାମ୍ପିଅନ୍ସ ଲିଗ୍‌ର ୬ଟି ସଂସ୍କରଣ ଖେଳାଯାଇଥିଲା ।

ଭାରତରେ ୪ ଥର ଓ ଦକ୍ଷିଣଆଫ୍ରିକାରେ ଦୁଇଥର ଆୟୋଜନ ହୋଇଥିଲା ଚାମ୍ପିଅନ୍ସ ଲିଗ୍ । ଚେନ୍ନାଇ ସୁପରକିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ୨ଥର ଲେଖାଏଁ ଚାମ୍ପିଅନ ହୋଇଥିବାବେଳେ ନ୍ୟୁ-ସାଉଥ୍‌ୱେଲ୍ସ ଓ ସିଡ୍‌ନୀ ସିକ୍ସର୍ସ ଥରେ ଲେଖାଏଁ ଟାଇଟଲ ହାତେଇଥିଲେ । ଏବେ ଇଂଲଣ୍ଡ ଭାରତ ଓ ଅଷ୍ଟ୍ରେଲିଆ ବୋର୍ଡ଼ ୧୦ ବର୍ଷ ପରେ ଚାମ୍ପିଅନ୍ସ ଲିଗ୍ ଟି-୨୦ ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

# ହନୁମାନଙ୍କ ଫଟୋ ଲଗାଇ ଚର୍ଚ୍ଚାରେ ୱାର୍ଣ୍ଣର



ନୂଆଦିଲ୍ଲୀ, ୨।୪ (ଏଜେନ୍ସି) : ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଡେଭିଡ ୱାର୍ଣ୍ଣର ଆଇପିଏଲ୍ ସମୟରେ ଚର୍ଚ୍ଚାକୁ ଆସିଛନ୍ତି । ମଙ୍ଗଳବାର ୱାର୍ଣ୍ଣର ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ହନୁମାନଙ୍କ ଫଟୋ ଲଗାଇ ପୋଷ୍ଟ କରିଛନ୍ତି । ଖୁବ୍ କମ ସମୟ ମଧ୍ୟରେ ଏହି ଫଟୋ ସୋସିଆଲ୍ ମିଡିଆରେ ଜବରଦସ୍ତ ଭାଇରାଲ ହୋଇଛି । ଫଲୋଅର୍ସ ୱାର୍ଣ୍ଣରଙ୍କୁ ପ୍ରଶଂସା କରିଛନ୍ତି । ଜଣେ ଲେଖିଛନ୍ତି ୱାର୍ଣ୍ଣରଙ୍କୁ ଭାରତୀୟ ନାଗରିକତା ମିଳିବା କଥା । ଭାଇଜାଗ ଯିବା ବେଳେ ୱାର୍ଣ୍ଣର ଏହି ଫଟୋ ଉଠାଇଥିଲେ । କୋଲକାତା ବିପକ୍ଷ ମ୍ୟାଚ୍ ପୂର୍ବରୁ ହନୁମାନଙ୍କ ଆଶୀର୍ବାଦ ଆମକୁ ଦରକାର ବୋଲି ସେ କହିଥିଲେ । କ୍ରିକେଟ ବ୍ୟତୀତ ଦିଲ୍ଲୀ କ୍ୟାପିଟାଲ୍ସର ୱାର୍ଣ୍ଣର ସର୍ବଦା ସକ୍ରିୟ ଥାନ୍ତି । ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମୟରେ ମଧ୍ୟ ସେ ନିଜକୁ ରାମ ଭକ୍ତ ବୋଲି କହିଥିଲେ । ଏପରିକି ଜଣେ ୟୁଜର୍ସ ଲେଖିଛନ୍ତି, ତାଙ୍କ ନାମ ପଣ୍ଡିତ ଦେବେନ୍ଦ୍ର ୱାର୍ଣ୍ଣର ହେବା ଉଚିତ । ୱାର୍ଣ୍ଣରଙ୍କୁ ଭାରତୀୟ ସଂସ୍କୃତି, ମନୋରଞ୍ଜନ ଓ ଭକ୍ତିମୟ ପରିବେଶ ସର୍ବଦା ଆକୃଷ୍ଟ କରିଥାଏ । ଚାମ୍ପିଅନ ଚେନ୍ନାଇ ବିପକ୍ଷରେ ଦିଲ୍ଲୀ ବିଜୟ ହାସଲ କରିବା ପରେ ଦଳର ମନୋବଳ ବଢ଼ିଛି । ଆଗକୁ ମଧ୍ୟ ଦିଲ୍ଲୀ ଏହି ଧାରା ଜାରି ରଖିବାକୁ ଲଢ଼ିବ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541